EXPRESSES THE TRUTH

ପ୍ରକାଶ କରେ କେବଳ ସତ୍ୟ

/Odisha Sandesh

# ଓଡ଼ିଶା ସନ୍ଦେଶ

Weekly
ସାପ୍ତାହିକ

RNI NO : ODIODI/2006/19914

ODISHA SANDESH

Website : www.odishasandesh.in
E-mail:odishasandesh.news@gmail.com

● ବର୍ଷ- ୧୬ ● ସଂଖ୍ୟା-୨୫● ଭୁବନେଶ୍ୱର ● ମାର୍ଚ୍ଚ ୭-୧୩,୨୦୨୨ ● ପୃଷ୍ଠା -୮● ମୂଲ୍ୟ- ୩.୦୦ ଟଙ୍କା ● Vol -16 ● Issue - 25● Bhubaneswar ● March 7-13, 2022 ● Page- 8 ● ₹ .3.00



ଇମ୍ୟୁନିଟି ସିଷ୍ଟମ ଠିକ୍ କରିପାରେ ପିଆଜ ପୃଷ୍ଠା-୬



ସ୍ପିନ୍ ଯାଦୁକରଙ୍କ ଅକାଳ ବିୟୋଗ ପୃଷ୍ଠା-୭


# ବିଜୁ ବାବୁ ଥିଲେ ଓଡ଼ିଆ ଜାତିର ସ୍ୱାଭିମାନ ଓ ଗୌରବ: ନବୀନ



ବିଜୁ ଜୟନ୍ତୀରେ ବିଜୁ ବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ନବୀନ

ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କୁ ତାଙ୍କ ଜୟନ୍ତୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ସେ ଟ୍ୱିଟ କରି କହିଛନ୍ତି ଯେ ଲୋକଙ୍କ କଲ୍ୟାଣ ଓ ଉନ୍ନତି ପାଇଁ ବିଜୁବାବୁ ଆଙ୍କିଥିଲେ ବିକାଶର ବିସ୍ତୃତ ନକ୍ସା। ତାଙ୍କର ପ୍ରତିଟି କାମ ଥିଲା ଓଡ଼ିଆ ଜାତିର ସ୍ୱାଭିମାନ ଓ ଗୌରବ ପାଇଁ। ତାଙ୍କ ନୀତିଆଦର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଶା ଏବେ ଅନେକ କ୍ଷେତ୍ରରେ ଅଗ୍ରଣୀ ହୋଇଛି। ସେହି ବିକାଶ ପୁରୁଷଙ୍କ ଜୟନ୍ତୀରେ ତାଙ୍କ ଅବଦାନକୁ ସ୍ମରଣ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଉଛି। ସେ ଆହୁରି କହିଛନ୍ତି ଯେ - ଲୋକଙ୍କୁ କ୍ଷମତା ପ୍ରଦାନ ସହ ସଶକ୍ତ ପଂଚାୟତ ଗଠନରେ ପଞ୍ଚାୟତିରାଜ ବ୍ୟବସ୍ଥାର ବଡ଼ ଭୂମିକା ରହିଛି। ସେଥିପାଇଁ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ବିଜୁବାବୁ ଗୁରୁତ୍ୱ ଦେଉଥିଲେ। ପଞ୍ଚାୟତିରାଜ ଓ ଲୋକସେବା ଦିବସରେ ଆସନ୍ତୁ ତାଙ୍କ ଅବଦାନକୁ ସ୍ମରଣ କରି ନୂଆ ଓଡ଼ିଶା ଗଠନ ଦିଗରେ ଆଗକୁ ବଢ଼ିବା।

## ୟୁକ୍ରେନ୍ ଫେରନ୍ତା ଛାତ୍ରଛାତ୍ରୀଙ୍କୁ ଭାରତରେ ପଢ଼ିବାକୁ ସୁଯୋଗ ଦିଆଗଲେ ଓଡିଶା ଦେବ ସମର୍ଥନ: ନବୀନ



ଭୁବନେଶ୍ୱର: ଯୁଦ୍ଧ କାରଣରୁ ଏବେ ୟୁକ୍ରେନ୍‌ରେ ସଂକଟ ପରିସ୍ଥିତି ଉପୁଜିଛି। ଓଡିଶା ସମେତ ଭାରତର ହଜାର ହଜାର ମେଡିକାଲ ଛାତ୍ରଛାତ୍ରୀ ୟୁକ୍ରେନ୍‌ରୁ ନିଜ ଘରକୁ ଫେରି ଆସୁଛନ୍ତି। ଫଳରେ ଛାତ୍ରଛାତ୍ରୀମାନଙ୍କର ପାଠପଢ଼ାରେ ବ୍ୟାପକ ବାଧାପ୍ରାପ୍ତ ହୋଇଛି। ତେଣୁ ୟୁକ୍ରେନ୍ ଫେରନ୍ତା ମେଡିକାଲ ଛାତ୍ରଛାତ୍ରୀମାନଙ୍କର ପାଠପଢ଼ା ପାଇଁ ଭାରତରେ ବ୍ୟବସ୍ଥା କରାଯିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖିଛନ୍ତି।ନ୍ୟାସନାଲ ମେଡିକାଲ କମିସନ ଓ ମନ୍ତ୍ରାଳୟ ସହିତ ଆଲୋଚନା କରିବାକୁ ନବୀନ ଅନୁରୋଧ କରିଛନ୍ତି ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ୟୁକ୍ରେନ୍ ଉପରେ ଋଷର ଆକ୍ରମଣ ଯୋଗୁଁ ଏବେ ଅନେକ ମେଡିକାଲ ଛାତ୍ର ଭାରତ ଫେରିସାରିଛନ୍ତି। ଏଥିରେ ଓଡିଆ ଛାତ୍ରଛାତ୍ରୀ ମଧ୍ୟ ଅଛନ୍ତି। ଦେଶର ଅନେକ ଛାତ୍ରଛାତ୍ରୀ ୟୁକ୍ରେନ୍‌ରୁ ଭାରତ ଫେରିଆସିଛନ୍ତି। ଏବେ ଏହି ୟୁକ୍ରେନ୍ ଫେରନ୍ତା ଛାତ୍ରଛାତ୍ରୀଙ୍କୁ ଭାରତରେ ପାଠ ପଢାଯାଉ। ଦେଶର ବିଭିନ୍ନ ମେଡିକାଲ କଲେଜରେ ସେମାନଙ୍କୁ ପାଠ ପଢିବାକୁ ସୁଯୋଗ ଦିଆଯାଉ। ଓଡିଶା ସରକାର ମଧ୍ୟ ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ସମ୍ପୂର୍ଣ୍ଣ ସମର୍ଥନ ଦେବେ ବୋଲି ନବୀନ ଚିଠିରେ ଉଲ୍ଲେଖ କରିଛନ୍ତି। ୟୁକ୍ରେନ ଫେରନ୍ତା ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚିଠି ଲେଖିଛନ୍ତି । ଏହି ଚିଠିରେ ନବୀନ କହିଛନ୍ତି ୟୁକ୍ରେନ ସଙ୍କଟ ଯୋଗୁଁ ବହୁ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପାଠପଢ଼ା ବ୍ୟାଘାତ ହୋଇଛି । ତେଣୁ ସେମାନଙ୍କ ସହ ଜଡିତ ଏ ପ୍ରସଙ୍ଗକୁ ଗୁରୁତର ସହ ନେଇ ଏଥିରେ ପ୍ରଧାନମନ୍ତ୍ରୀ ହସ୍ତକ୍ଷେପ କରିବାକୁ ସେ ଅନୁରୋଧ କରିଛନ୍ତି ।


## ପୁଣେରେ ଛତ୍ରପତି ଶିବାଜୀ ମହାରାଜଙ୍କ ୯.୫ ଫୁଟ୍ ଉଚ୍ଚ ପ୍ରତିମୂର୍ତ୍ତି ଉନ୍ମୋଚନ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, (ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ପୁଣେ ମହାନଗର ନିଗମ' ପରିସରରେ ଛତ୍ରପତି ଶିବାଜୀ ମହାରାଜଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଛନ୍ତି। ବ୍ରୋଞ୍ଜ୍ ଓ ଜିଙ୍କ୍ ମିଶ୍ରିତ ଧାତୁରେ ନିର୍ମିତ ୧,୮୫୦ କିଲୋ ଓଜନର ଉକ୍ତ ପ୍ରତିମୂର୍ତ୍ତିଟି ପ୍ରାୟ ୯.୫ ଫୁଟ୍ ଉଚ୍ଚ। ଉପରୋକ୍ତ ଉନ୍ମୋଚନ ଉତ୍ସବରେ ମହାରାଷ୍ଟ୍ରର ରାଜ୍ୟପାଳ ଭଗତ ସିଂହ କୋଶିୟାରି, ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର, ମହାରାଷ୍ଟ୍ର ବିଧାନସଭା ବିରୋଧୀ ଦଳ ନେତା ଦେବେନ୍ଦ୍ର ଫଡନବୀଶ ଏବଂ ପୁଣେ ମେୟର୍ ମୁରଲୀଧର ମୋହୋଲ୍ ମଧ୍ୟ ଉପସ୍ଥିତ ଥିଲେ।

ପ୍ରତିମୂର୍ତ୍ତି ଉନ୍ମୋଚନ ପରେ ପ୍ରଧାନମନ୍ତ୍ରୀ ମୋଦୀ ସମୁଦାୟ ୩୨.୨ କିଲୋମିଟର୍ ଦୀର୍ଘ 'ପୁଣେ ମେଟ୍ରୋ ରେଲ୍ ପ୍ରୋଜେକ୍ଟ'ର ୧୨ କିଲୋମିଟର୍ ରାସ୍ତା ଉଦ୍‌ଘାଟନ କରିଥିଲେ। ୧୧,୪୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟରେ ନିର୍ମାଣ ହେଉଥିବା ଏହି ପ୍ରକଳ୍ପ ହେଉଛି ପୁଣେ ନଗରାଞ୍ଚଳ ଗମନାଗମନ ପାଇଁ ଉତ୍କୃଷ୍ଟମାନର ଭିତ୍ତିଭୂମି ଯୋଗାଇ ଦେବାର ଉପକ୍ରମ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ କହିଛି। ପିଲାମାନଙ୍କ ସହ ପ୍ରଧାନମନ୍ତ୍ରୀ ମଧ୍ୟ ଆଜି ଏହି ମେଟ୍ରୋ ଟ୍ରେନ୍‌ରେ ଆନନ୍ଦନଗର ମେଟ୍ରୋ ଷ୍ଟେସନ୍‌କୁ ଯାଇଥିଲେ। ୨୦୧୬ ଡିସେମ୍ବର ୨୪ରେ ପ୍ରଧାନମନ୍ତ୍ରୀ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ।ଏହାଛଡା, ପ୍ରଧାନମନ୍ତ୍ରୀ ପୁଣେରେ କେତେଗୁଡ଼ିଏ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂଚନା ଦେଇଛି।

# ବିଜେଡି କାର୍ଯ୍ୟାଳୟରେ ବିଜୁ ଜୟନ୍ତୀ ପାଳିତ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୬ ତମ ଜୟନ୍ତୀ ଭୁବନେଶ୍ୱର ରାଜ୍ୟ ବିଜେଡି କାର୍ଯ୍ୟାଳୟରେ ପାଳିତ ହୋଇଛି। ଏଥିରେ ଦଳର ବରିଷ୍ଠ ନେତା ଦେବୀ ମିଶ୍ର, ସଞ୍ଜୟ ଦାସବର୍ମା, ଅଶୋକ ପଣ୍ଡା, ପ୍ରସନ୍ନ ପାଟଶାଣୀଙ୍କ ସମେତ ବହୁ ବିଧାୟକ ଯୋଗ ଦେଇଥିଲେ। ଏହାସହ ଫରେଷ୍ଟ ପାର୍କ ପରିସରରେ ମଧ୍ୟ ବିଜୁ ପଟ୍ଟନାୟକଙ୍କ ୧୦୬ ତମ ଜୟନ୍ତୀ ପାଳିତ ହୋଇଯାଇଛି। ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଂଜୟ ଦାସ ବର୍ମା, ମନ୍ତ୍ରୀ ଅଶୋକ ପଣ୍ଡା, ବରିଷ୍ଠ ବିଧାୟକ ଦେବୀ ମିଶ୍ର ଓ ଅରୂପ ପଟ୍ଟନାୟକ ପ୍ରମୁଖ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଂଜଳି ଜଣାଇଛନ୍ତି।

# ପ୍ରତାପଙ୍କ ବିରୁଦ୍ଧରେ ବିରୋଧୀଙ୍କ କୂଟ ଚକ୍ରାନ୍ତ ଫେଲ ମାରିଲା



ମାହାଙ୍ଗା ନିର୍ବାଚନ ମଣ୍ଡଳୀର ୮ ରୁ ୮ ଜୋନରେ ବିଜୟୀ ହେଲେ ବିଜୁ ଜନତା ଦଳ ପ୍ରାର୍ଥୀ

ମାହାଙ୍ଗା ,(ସଂଦେଶ ବ୍ୟୁରୋ): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ରେ ସମଗ୍ର ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ବିଜେଡି ହତେଇଲା ୮ ରୁ ୮ ଗୋଟି ଜିଲ୍ଲା ପରିଷଦ ଜୋନ୍। ବିରୋଧି ଙ୍କ ସମସ୍ତ ଅପ ପ୍ରଚାର ର କଡ଼ା ଜବାବ ଦେଇଛନ୍ତି ମାହାଙ୍ଗା ବାସୀ। ପଞ୍ଚାୟତ ନିର୍ବାଚନ ଫଳାଫଳ ରେ ତାହା ସ୍ପଷ୍ଟ ହୋଇଛି। ସମସ୍ତ ୮ ଗୋଟି ଜୋନ୍ ରେ ବହୁଳ ପରିମାଣରେ ଭୋଟ ପାଇ ବିଜେଡି ବିଜୟୀ ହୋଇଥିବା କଥା ଆଜି ପ୍ରେସ୍ ବିବୃତି ରେ ମାହାଙ୍ଗା ବିଧାୟକ ତଥା ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରତାପ ଜେନା ପ୍ରକାଶ କରିଛନ୍ତି। ଯାହାକୁ ନେଇ ମନ୍ତ୍ରୀ ଶ୍ରୀଯୁକ୍ତ ଜେନା ଙ୍କ କୁଆଁପାଳ ସ୍ଥିତ ବାସଭବନରେ ମନ୍ତ୍ରୀ ଙ୍କ ଉପସ୍ଥିତିରେ ସମଗ୍ର ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ବିଜୟ ହୋଇଥିବା ଜିଲ୍ଲା ପରିଷଦ, ସମିତି ସଭ୍ୟ, ଓ ସରପଞ୍ଚ ମାନଙ୍କୁ ନେଇ ଏକ ବିଜୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି ବିଜୟ ଉତ୍ସବରେ ମନ୍ତ୍ରୀ ଶ୍ରୀଯୁକ୍ତ ଜେନା କହିଥିଲେ କି ଗତ ୨୦୧୯ ମସିହା ବିଧାନ ସଭା ନିର୍ବାଚନରେ ସେ ୨୯୦୦୦ ରୁ ଅଧିକ ଭୋଟ ପାଇ ବିଜୟ ଲାଭ କରିଥିଲେ। ଏହି ଆଠଟି ଜିଲ୍ଲା ପରିଷଦ ଜୋନ୍ ରେ ଦଳ ବିଧାନସଭା ନିର୍ବାଚନ ଠାରୁ ବି ଦଳ ଅଧିକ ମାତ୍ରା ଭୋଟ ପାଇ ବିଜୟ ଲାଭ କରିଥିଲା। ବର୍ତ୍ତମାନ ବିଜେଡି ପ୍ରତି ମାହାଙ୍ଗା ବାସୀ ଙ୍କ ଆସ୍ଥା ମାତ୍ରାଧିକ ବଢ଼ିଛି। ବିଜୁ ଜନତା ଦଳ କଥାରେ ନୁହେଁ କାମରେ କରି ଦେଖାଏ । ମାନ୍ୟବର ମୁଖ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ➲ପୃଷ୍ଠା-୭ ଦେଖନ୍ତୁ

## ବିଧାନସଭା ପରିସରରେ ବିଜୁ ବାବୁଙ୍କ ଜନ୍ମ ଜୟନ୍ତୀ ପାଳିତ


# ଓଡିଶାର ସାମାଜିକ ଓ ଅର୍ଥନୈତିକ ଜାଗରଣରେ ବିଜୁ ବାବୁଙ୍କ ଭୂମିକା ସର୍ବୋଚ୍ଚ: ଡଃ ସୂର୍ଯ୍ୟ



ଭୁବନେଶ୍ୱର ,(ସଂଦେଶ ବ୍ୟୁରୋ): ଓଡିଶା ବିଧାନସଭା ପରିସରରେ ସଂଗ୍ରାମୀ, ସ୍ୱାଭିମାନି, ସାହସୀ, ସ୍ପଷ୍ଟବାଦୀ, ସତ୍ୟବାଦୀ କଳିଙ୍ଗ ବରପୁତ୍ର ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ବାଚ୍‌ସ୍ପତି ଡ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ବିଧାନସଭା ପରିସରରେ ଏକ ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି ଓ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଯାଇଛି । ବାଚ୍‌ସ୍ପତି ଡ ପାତ୍ରଙ୍କ ସମେତ ଉପବାଚ୍‌ସ୍ପତି ଶ୍ରୀ ରଜନୀକାନ୍ତ ସିଂହ, ସରକାରୀ ଦଳର ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ, ବରିଷ୍ଠ ବିଧାୟକ ଶ୍ରୀ ଅମର ପ୍ରସାଦ ଶତପଥୀ, ବରିଷ୍ଠ ବିଧାୟକ ଶ୍ରୀ ପ୍ରଫୁଲ୍ଲ ସାମଲ, ବିଧାନସଭା ସଚିବ ଶ୍ରୀ ଦାଶରଥି ଶତପଥୀ, ନିର୍ଦ୍ଦେଶକ (ଗବେଷଣା) ଶ୍ରୀ କୃପାସିନ୍ଧୁ ମିଶ୍ର, ଉତ୍କଳ ସର୍ବୋଦୟ ମଣ୍ଡଳର କର୍ମକର୍ତ୍ତା ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଏହି ବରପୁତ୍ରଙ୍କୁ ଶ୍ରଦ୍ଧାଶୁମନ ଅର୍ପଣ କରିଥିଲେ । ସ୍ୱାଧୀନତା ପରବର୍ତ୍ତୀ ଓଡିଶାର ସାମାଜିକ ଓ ଅର୍ଥନୈତିକ ଜାଗରଣ ସହିତ ମହିଳା ମାନଙ୍କ ସମାନ୍ତରାଳ ବିକାଶରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଭୂମିକା ସର୍ବାଗ୍ର, ସମୃଦ୍ଧ ଏବଂ ସମୁଜ୍ୱଳ ବୋଲି ସଭାରେ ପ୍ରକାଶ ପାଇଥିଲା । ଏହି ଅବସରରେ ବାଚ୍‌ସ୍ପତି, ଉପବାଚ୍‌ସ୍ପତି ଏବଂ ଅତିଥି ମାନଙ୍କ କରକମଳରେ ଓଡିଶା ବିଧାନସଭା ଗବେଷଣା ବିଭାଗ ଦ୍ୱାରା ସଂକଳିତ 'ସଂସଦ ବିଚାର' ପୁସ୍ତକର ଶୁଭ ଉନ୍ମୋଚନ ହୋଇଥିଲା ।ଏହି ପୁସ୍ତକରେ ଓଡିଶା ବିଧାନସଭା ସମ୍ପର୍କିତ ସବିଶେଷ ତଥ୍ୟ ପାଠକମାନେ ପାଇପାରିବେ । ଶାଶ୍ୱତୀ ସାମାଜିକ ଏବଂ ସାଂସ୍କୃତିକ ଅନୁଷ୍ଠାନର କଣ୍ଠଶିଳ୍ପୀମାନେ ବିଜୁବାବୁଙ୍କ ସମ୍ଭ୍ରାନ୍ତ ସ୍ମୃତିକୁ ପୁନର୍ଜୀବିତ କରି ପ୍ରଜ୍ଞା ଓ ପ୍ରେରଣା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏକ ସୁମଧୁର ସଂଗୀତ ପରିବେଷଣ କରିଥିଲେ । ବିଧାନସଭାର ଯୁଗ୍ମ ନିର୍ଦ୍ଦେଶକ(ଗବେଷଣା) ଶ୍ରୀ ଶିବ ପ୍ରସାଦ ପଟ୍ଟନାୟକ କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିଲେ।

## ନବନିଯୁକ୍ତ ଉପ-ନିବନ୍ଧକମାନଙ୍କ ଅନଲାଇନ୍ ପ୍ରଶିକ୍ଷଣ ଉଦଘାଟିତ

# ୫-ଟି ଆଧାରରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଲେ ଅତିରିକ୍ତ ମୁଖ୍ୟ ଶାସନ ସଚିବ



ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ରାଜସ୍ୱ ଓ ବିପର୍ଯ୍ୟାୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ନବନିଯୁକ୍ତ ଉପ-ନିବନ୍ଧକମାନଙ୍କ ଅନଲାଇନ୍ ପ୍ରଶିକ୍ଷଣ ଶିବିରକୁ ଉଦଘାଟନ କରିବା ସହ ସମସ୍ତଙ୍କୁ ୫-ଟି ଆଧାରରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜସ୍ୱ ଏବଂ ବିପର୍ଯ୍ୟାୟ ପରିଚାଳନା ବିଭାଗରେ ସବ୍-ରେଜିଷ୍ଟ୍ରାରଙ୍କ ପରି ଅଧିକାରୀଙ୍କ ଭୂମିକା ଏବଂ ସାଧାରଣ ଲୋକଙ୍କ ପାଇଁ ପଞ୍ଜୀକରଣ ସେବାର ଗୁରୁତ୍ୱ ଉପରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ରେଜିଷ୍ଟ୍ରେସନ୍ ଅଫିସଗୁଡିକର କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ପାଇଁ ଏହି ଅଧିକାରୀମାନଙ୍କର ସକ୍ରିୟ ଯୋଗଦାନ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ। ସମସ୍ତଙ୍କୁ ୫-ଟି ନୀତି ଅନୁଯାୟୀ କାର୍ଯ୍ୟ କରିବାକୁ ଅର୍ଥାତ୍ ଭୟ କିମ୍ବା ଅନୁଗ୍ରହ ବିନା ସମ୍ପୂର୍ଣ୍ଣ ସ୍ୱଚ୍ଛତା ସହିତ କାର୍ଯ୍ୟ କରିବା, ନାଗରିକମାନଙ୍କୁ ପଞ୍ଜୀକରଣ ସେବାଗୁଡ଼ିକ ଠିକ୍ ସମୟରେ ପହଂଚାଇବା, ଟିମ୍‌ୱାର୍କ ଓ ସମୟ ସହିତ ଟେକ୍ନୋଲୋଜିର ବ୍ୟବହାର କରିବା ପାଇଁ ଉତ୍ସାହିତ କରାଯାଇଥିଲା ଏବଂ ଏହା ଦ୍ୱାରା ସେମାନେ ନିଜ ନିଜ କାର୍ଯ୍ୟାଳୟରେ ପରିବର୍ତ୍ତନର ବାର୍ତ୍ତାବହ ଭାବରେ କାର୍ଯ୍ୟ କରିବେ ବୋଲି ସେ ପ୍ରକାଶ କରିଥିଲେ। ଏହାପରେ ଉପ-ନିବନ୍ଧକଙ୍କ ଆଚରଣ, ନୈତିକତା ଓ ଲୋକମାନଙ୍କ ପ୍ରତି ବ୍ୟବହାର ଉପରେ ➲ପୃଷ୍ଠା-୭ ଦେଖନ୍ତୁ

# ମାର୍ଚ୍ଚ ୩୧ ପୂର୍ବରୁ ବସିବ ବିଧାନସଭା ବଜେଟ ଅଧିବେଶନ: ବାଚସ୍ପତି



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): କେନ୍ଦ୍ର ସରକାର ବିଧାନ ପରିଷଦ ଗଠନ ନେଇ ବିଧାନସଭା ପକ୍ଷରୁ ଲେଖା ଯାଇଥିବା ଚିଠିର ଉତ୍ତର ଦେଇଛନ୍ତି ବାଚ୍‌ସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର। ସେ କହିଛନ୍ତି, ଚିଠି ବିଧାନସଭାରେ ପହଞ୍ଚିବା ପରେ ସଂସଦୀୟ ବ୍ୟାପାର ବିଭାଗକୁ ପଠାଇ ଦିଆଯାଇଛି। ବିଧାନପରିଷଦ ଗଠନ ନେଇ କଣ ପ୍ରକ୍ରିୟା ରହିବ ସେ ନେଇ ଚିଠିରେ ଉଲ୍ଲେଖ ରହିଛି। ସାଂସଦ ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରଶ୍ନରେ ବିଧାନସଭା ପରିଷଦ ଗଠନ ନେଇ କିଛି ପ୍ରସ୍ତାବ ଆସିନଥିବା ସଂସଦରେ ଉତ୍ତର ରଖିଥିଲେ କେନ୍ଦ୍ର ଆଇନ ମନ୍ତ୍ରୀ । କେଉଁ ପରିସ୍ଥିତିରେ ଭୁଲ ଉତ୍ତର ରଖାଗଲା ସେ ନେଇ ବିଧାନସଭା ପକ୍ଷରୁ ୨ଟି ଚିଠି ଲେଖାଯାଇଥିଲା। ଏହାର ଉତ୍ତର କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିଆଯାଇଛି। ଏଣେ ବିଧାନସଭା ବଜେଟ ଅଧିବେଶନ ସଂପର୍କରେ ସୂଚନା ଦେଇ ବାଚ୍‌ସ୍ପତି କହିଛନ୍ତି, ମାର୍ଚ୍ଚ ୩୧ ତାରଖରୁ ପୂର୍ବରୁ ବସିବ ବିଧାନସଭା ବଜେଟ ଅଧିବେଶନ। ରାଜ୍ୟପାଳଙ୍କ ଅନୁମୋଦନ ଆସିବା ପରେ ବିଧିବଦ୍ଧ ତାରିଖ ଘୋଷଣା ହେବ।

# ରାଜ୍ୟ ଖବର

ଓଡ଼ିଶା ସନ୍ଦେଶ

ଭୁବନେଶ୍ୱର, ମାର୍ଚ୍ଚ ୭-୧୩,୨୦୨୨




# ସତସଙ୍ଗ ତରଫରୁ ଆନ୍ତର୍ଜାତିକ ଆଭାସି ଆଲୋଚ଼ନା ଚ଼କ୍ର

କଟକ, (ସଂଦେଶ ବ୍ୟୁରୋ): ସମଗ୍ର ବିଶ୍ୱ ମହାମାରୀ ଓ ଯୁଦ୍ଧର ବିଭିଷୀକା ଦ୍ୱାରା ବିଷାଦ ଗ୍ରସ୍ତ ହୋଇଥିବା ସମୟରେ ସତସଂଗ ଏହାର ପାଞ୍ଚ କୋଟି ଭକ୍ତଙ୍କ ପାଇଁ ରକ୍ଷା କବଚ଼ ସାଜି ସେମାନଙ୍କୁ ଭଗବତ ଭାବ ଏବଂ ପୁରୁଷୋତ୍ତମ ପ୍ରେମରେ ଉଦ୍‌ବୃଦ୍ଧ କରିଆସୁଥିବା ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି । ଟିମ୍ ବୟାଲିସ ମୌଜା, ଚ଼ାନ୍ଦୋଳ, କଟକ (ବି.ସି.ସି) ତରଫରୁ ଆୟୋଜିତ ଆନ୍ତର୍ଜାତିକ ଆଭାସି ଆଲୋଚ଼ନା ଚ଼କ୍ରରେ ସାମ୍ପ୍ରତିକ ସଂକଟରୁ ଉଦ୍ଧାର ପାଇବା ପାଇଁ ଜନସାଧାରଣ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚ଼ନ୍ଦ୍ରଙ୍କର ସତ୍ୟ, ଶାନ୍ତି, ଶ୍ରଦ୍ଧାର ପଥକୁ ଅନୁସରଣ କରିବା ନେଇ ଚ଼ର୍ଚ୍ଚା କରାଯାଇଥିଲା । 'ମହାମାରୀ ଓ ଯୁଦ୍ଧରୁ ମାନବସମାଜକୁ ରକ୍ଷା କରିବା ପାଇଁ ଆଚ଼ାର୍ଯ୍ୟ ଦେବଙ୍କର ଉପଦେଶ' ଶୀର୍ଷକ ଏହି ଭର୍ଚ୍ଚୁଆଲ୍ ବିଚ଼ାର ଗୋଷ୍ଠୀରେ ସମଗ୍ର ପୃଥିବୀର ବିଭିନ୍ନ ରାଷ୍ଟ୍ରର ସହସ୍ରାଧୀକ ସତ୍‌ସଂଗୀ, ୱାର୍ଲଡ ଓଡିଶା ସୋସାଇଟିର ସଦସ୍ୟ ଏବଂ ଦେଶ ବିଦେଶରୁ ପ୍ରବାସୀ ଓଡିଆ ନେତୃବର୍ଗମାନେ ସାମିଲ ହୋଇଥିବା ଦେଖାଯାଇଥିଲା । ଏହି ସତ୍‌ସଂଗରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ୱାର୍ଲଡ ଓଡିଶା ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ, ସାଧାରଣ ମିଣଷ, ଠାକୁରଙ୍କ ନିକଟରେ ନିଷ୍କାମ ଭାବନାର ସହିତ ନିଜର ତନ, ମନ, ଧ୍ୟାନକୁ ଏକ କରି ସମ୍ପୂର୍ଣ୍ଣ ଭାବରେ ଆତ୍ମ ସମର୍ପଣ କଲେ ଚ଼ିରନ୍ତନ ଶାନ୍ତି, ସ୍ୱର୍ଗସୁଖ, ଐଶ୍ୱରିକ ଆନନ୍ଦ, ସ୍ରଷ୍ଟାଙ୍କର ସାନ୍ନିଧ ଲାଭ କରେ ଏବଂ ପରିଶେଷରେ ମୋକ୍ଷ ପ୍ରାପ୍ତି କରେ ବୋଲି କହିଥିଲେ । ସତ୍‌ସଂଗୀମାନେ ମହାମାରୀ ଓ ଯୁଦ୍ଧର ଭୟାବହତାରେ ବ୍ୟସ୍ତ, ବିବ୍ରତ ବା ବିଚ଼ଳିତ ନ ହୋଇ ସେମାନଙ୍କର ସାକାରାତ୍ମକ ଚ଼ିନ୍ତାଧାରା, ସମାଜସେବା ମନୋଭାବ ଏବଂ ରଚ଼ନାତ୍ମକ କାର୍ଯ୍ୟକ୍ରମଗୁଡିକୁ ଜାରି ରଖିବାକୁ ଶ୍ରୀ ଦ୍ୱିବେଦୀ ପରାମର୍ଶ ଦେଇଥିଲେ । ୨୦୨୦ ମସିହା ମେ ୩ ତାରିଖରୁ ଆରମ୍ଭ ହୋଇ ପ୍ରତ୍ୟହ ଅନୁଷ୍ଠିତ ହେଉଥିବା ଏହି ଗ୍ଲୋବାଲ ୱେବିନାର-ସତ୍‌ସଂଗ ୬୫୭ ଦିବସରେ ପଦାର୍ପଣ କରିଥିବାରୁ ମୁଖ୍ୟ ଅତିଥି ଶ୍ରୀ ଦ୍ୱିବେଦୀ ମୁଖ୍ୟ ଆୟୋଜକ ସହ ପ୍ରତି ରିତ୍ୱିକ




ସଞ୍ଜୀବ କୁମାର ନାୟକ ଏବଂ ତାଙ୍କର ଟିମ୍‌କୁ ସାଧୁବାଦ ଜଣାଇଥିଲେ । ମୁଖ୍ୟବକ୍ତା ଘାନା ଠାରେ ଅବସ୍ଥାପିତ ଏମ୍.ଏନ୍.ସିର ନିର୍ଦ୍ଦେଶକ ସହ ପ୍ରତିରିତ୍ୱିକ ଦୀପକ କୁମାର ଦାସ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚ଼ନ୍ଦ୍ରଙ୍କର ଜୀବନ ଦର୍ଶନର ଆଧ୍ୟାତ୍ମିକତା ଏବଂ ଅଲୌକିକତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ବକ୍ତା ନୂଆଦିଲ୍ଲୀ ଏବଂ ମୁମ୍ବାଇସ୍ଥିତ ଓଡିଶା ଭବନର ପୂର୍ବତନ ସହ ରେସିଡେଣ୍ଟ କମିଶନର ଓ ସହପ୍ରତିରିତ୍ୱିକ କୃପାନିଧି ବିଶ୍ୱାଳ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚ଼ନ୍ଦ୍ର ଏବଂ ଆଚ଼ାର୍ଯ୍ୟ ଦେବଙ୍କର ଦିଶାନିର୍ଦ୍ଦେଶକୁ ଅନୁକରଣ କରି ପ୍ରତ୍ୟେକ ଘରେ ଇଷ୍ଟଦେବଙ୍କୁ ସ୍ଥାପନା କରିବା ଓ ଅନୁଶାସନକୁ ପାଳନ କରିବା ପାଇଁ ନିବେଦନ ଜଣାଇଥିଲେ । ନରସିଂହପୁରସ୍ଥିତ ସତ୍‌ସଂଗ ବିହାରର ମୁଖ୍ୟ ଓ ସହପ୍ରତିରିତ୍ୱିକ ପ୍ରଫେସର ବିଜୟ କୁମାର ପରିଡା, ବର୍ତ୍ତମାନର ଘଡିସନ୍ଧି ମୁହୂର୍ତ୍ତରେ ମାନବ ସଭ୍ୟତା ପାଇଁ ଶ୍ରୀଶ୍ରୀ ଠାକୁରଙ୍କର ପ୍ରଦର୍ଶିତ ଦୟା ଓ କରୁଣା ଆଚ଼ରଣ ମାର୍ଗର ପ୍ରାସଙ୍ଗିକତା ବହୁଗୁଣରେ ବ?ିଯାଇଥିବା, ତାଙ୍କର ବକ୍ତବ୍ୟରେ ଉଲ୍ଲେଖ କରିଥିଲେ । ସମଗ୍ର ଅଧୀବେଶନକୁ ସଞ୍ଜୀବ କୁମାର ନାୟକ ଖୁବ୍ ସୁନ୍ଦର, ସୁଚ଼ାରୁ ଓ ସାବଲୀଳ ଢଙ୍ଗରେ ଉପସ୍ଥାପନା, ସଂଯୋଜନା ଓ ପରିଚ଼ାଳନା କରିଥିଲେ । ଡିଜିଟାଲ କକ୍ଷକୁ ସୌଭାଗ୍ୟ କୁମାର ନାୟକ ଓ ନନ୍ଦନ ଦ୍ୱିବେଦୀ ଦକ୍ଷତାର ସହିତ ନିୟନ୍ତ୍ରଣ କରିଥିଲେ । ଆକାଂକ୍ଷା ମହାନ୍ତି ଓ ଗୀତାଞ୍ଜଳି ବାରିକ ବୈଷୟିକ ସହାୟତା ପ୍ରଦାନ କରିଥିଲେ । ପ୍ରାରମ୍ଭରେ ନୂଆଦିଲ୍ଲୀରୁ ସରୋଜ କୁମାର ମହାନ୍ତି, ସନ୍ଦୀପ ମହାନ୍ତି, ଭୁବନେଶ୍ୱରରୁ ସୁଶ୍ରୀ ମନ୍ଦାକିନୀ ଶ୍ରେୟା ଉଚ୍ଚ଼କୋଟୀର ଭଜନ ଜଣାଣ ଗାନ କରିଥିବାବେଳେ ମାଲେସିଆର ଜ୍ଞାନଦୂତି ପାତ୍ର, ସିଡ୍‌ନୀରୁ ଶ୍ୟାମସୁନ୍ଦର ବାରିକ ଓ ସିଙ୍ଗାପୁରରୁ ଇଂ. ଗୋଲଖନାଥ ମିଶ୍ରଙ୍କର ଗୁରୁବନ୍ଦନା ପରିବେଷଣ ଏବଂ ସଦ୍‌ଗ୍ରନ୍ଥ ପାଠ ବେଶ୍ ମର୍ମସ୍ପର୍ଶୀ ଥିଲା ।

# ମାତୃ ଶିଶୁ ପୋଷଣ କେନ୍ଦ୍ର ଉଦଘାଟନ କଲେ ରାୟଗଡ଼ ଜିଲ୍ଲାପାଳ ସରୋଜ ମିଶ୍ର



ରାୟଗଡ/ଗୁଣପୁର,(ସଂଦେଶ ବ୍ୟୁରୋ): ରାୟଗଡ ଜିଲ୍ଲାପାଳ ସରୋଜ କୁମାର ମିଶ୍ର ଗୁଣପୁର ବ୍ଲକ ଅନ୍ତର୍ଗତ ପୁଟାସିଂ ଅଞ୍ଚଳ ଗସ୍ତ କରି କେରେବା ଓ ଅବଡ ଠାରେ ନୂତନ ନିର୍ମିତ ମାତୃ ଶିଶୁ ପୋଷଣ କେନ୍ଦ୍ର ଉଦଘାଟନ କରିଥିଲେ । ପୁଟା ଅଞ୍ଚଳରେ ବସବାସ କରୁଥିବା ଆଦିମ ଜନଜାତି ମାତୃ ଶିଶୁ ସୁରକ୍ଷା ନିମନ୍ତେ ଆବଶ୍ୟକ ସଚେତନତା ସୃଷ୍ଟି କରିବା ନିମନ୍ତେ ଉପସ୍ଥିତ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଜିଲାପାଳ ଶ୍ରୀ ମିଶ୍ର ଶିଶୁ ମାନଙ୍କ ପାଇଁ ଶୁଖିଲା ଖାଦ୍ୟର ପ୍ୟାକେଟ ବଣ୍ଟନ କରିଥିଲେ । ବିଳମ୍ବରେ ବିବାହ କରିଥିବା ୧୦ଜଣ ମହିଳାଙ୍କୁ ୨୦,(କୋଡିଏ ହଜାର)ଟଙ୍କା ଲେଖାଏଁ ପ୍ରତ୍ସାହନ ରାଶି ପ୍ରଦାନ କରିଥିଲେ । ଆୟ ବୃଦ୍ଧି ନିମନ୍ତେ ୭(ସାତ)ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଦାରିଦ୍ର୍ୟ ଦୂରୀକରଣ ପାଣ୍ଠି ଯୋଜନାରେ ତିନି ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୧(ଏକ)ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ । ଏହି ଗସ୍ତ ସମୟରେ ଗ୍ରାମବାସୀଙ୍କ ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚ଼ନା କରିଥିଲେ । ଗ୍ରାମବାସୀ ମାନେ ବିଶେଷ କରି ବିଦ୍ଧବା ଭତ୍ତା, ପିଇବା ପାଣି, ବିଦ୍ୟୁତ କରଣ ଓ ରାସ୍ତକଘାଟ ନିର୍ମାଣ କରିବା ନିମନ୍ତେ ଦାବି ଜଣାଇଥିଲେ ।

ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ଲାଞ୍ଜିଆ ସୌରା ଉନ୍ନୟନ ପ୍ରକଳ୍ପର ସ୍ୱତନ୍ତ୍ର ଅଧିକାରୀ ଶ୍ରୀ ଚୈତନ୍ୟ ମାଝୀ, ପ୍ରକଳ୍ପ ପରିଚ଼ାଳକ ଶ୍ରୀ ମୋହିତ ସେନାପତି, କନିଷ୍ଠ କୃଷି ଅଧିକାରୀ ଶ୍ରୀ ଜୋଶବନ୍ତ ନାୟକ, ନ୍ୟୁଟ୍ରେସନ କୋଡ଼ିନେଟର ଶ୍ରୀ ରାଜେଶ ବେହେରା, ଶକ୍ତି ଅନୁଷ୍ଠାନର ଅଖିଳ ରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# କଳିଙ୍ଗ ପୁତ୍ର ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ କଲେ ବିଧାୟକ ଶ୍ରୀକାନ୍ତ

ପୋଲସରା/ଗଞ୍ଜାମ ,(ସଂଦେଶ ବ୍ୟୁରୋ): ରାଜ୍ୟର ପ୍ରତ୍ୟେକ କୋଣ ଅନୁକୋଣରେ ମାର୍ଚ୍ଚ ମାସର ୫ ତାରିଖଟିକୁ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିବସ ଅନୁଯାୟୀ ପଞ୍ଚାୟତିରାଜ ଦିବସ ରୂପେ ପାଳନ କରି ଆସୁଛନ୍ତି। ଆଧୁନିକ ଓଡିଶା ନିର୍ମାଣରେ ବିଜୁବାବୁଙ୍କ ପ୍ରତ୍ୟେକ କାର୍ଯ୍ୟ ଆଜି ଆମପାଇଁ ଅମର ହୋଇ ରହିଛି। ଏହି ଅବସରରେ ଗଞ୍ଜାମ ଜିଲ୍ଲାର ପୋଲସରା ସହରସ୍ଥିତ ବସଷ୍ଟାଣ୍ଡ ରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତୀରେ



ସ୍ଥାନୀୟ ବିଧାୟକ ଶ୍ରୀଯୁକ୍ତ ଶ୍ରୀକାନ୍ତ ସାହୁ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ପହଞ୍ଚି ରୋଗୀମାନଙ୍କୁ ବିସ୍କୁଟ,ଫଳ, ଏବଂ ବ୍ରେଡ ବଣ୍ଟନ କରିଥିଲେ। ବିଧାୟକଙ୍କ ସହିତ ପୋଲସରା ର ପୂର୍ବତନ ନଗରପାଳ ଶ୍ରୀଯୁକ୍ତ ପ୍ରଫୁଲ୍ଲ ପ୍ରଧାନ, ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ସିମାଞ୍ଚଳ ବେହେରା, ଉପସ୍ଥିତ ଥିଲେ। ଏହି ଭବ୍ୟ ଜନ୍ମଜୟନ୍ତୀ ପାଳନ ଉତ୍ସବରେ ଆହୁରି ମଧ୍ୟ ସର୍ବଶ୍ରୀ ଅଶୋକ ବିଷୋୟୀ, ସୁରେନ୍ଦ୍ର ପ୍ରଧାନ,ଶୁସାନ୍ତ ପୋଲାଇ, ବାବୁଲି ପଟ୍ଟନାୟକ, ସନ୍ତୋଷ ସେଠୀ, ଭଗବାନ ପ୍ରଧାନ, ପଞ୍ଚାନନ ଦାସ,ପ୍ରତାପ ଚ଼ନ୍ଦ୍ର ପ୍ରଧାନ, ଏବଂ ସାଂସଦ ପ୍ରତିନିଧି ମୋତିରାମ ସାହୁ ଆଦି ସ୍ଥାନୀୟ ନେତା ଓ ଦଳୀୟ କର୍ମୀମାନେ ଉପସ୍ଥିତ ରହିଥିଲେ।

# ଜିଲ୍ଲା ସାଧାରଣ ସମ୍ପାଦକ ଅଶୋକ ସାଇ ନିଲମ୍ବିତ

ସୁନ୍ଦରଗଡ,(ସଂଦେଶ ବ୍ୟୁରୋ): ପଞ୍ଚାୟତ ନିର୍ବାଚ଼ନରେ ବିପୁଳ ଭୋଟରେ ବିଜୟୀ ହୋଇଛନ୍ତି ବିଜୁ ଜନତା ଦଳର ପ୍ରାର୍ଥୀ । ଏହାରି ମଧ୍ୟରେ ଦୁର୍ନୀତିଖୋର ଲୋକଙ୍କ ବିରୋଧରେ କଡା ପଦକ୍ଷେପ ନେଉଛନ୍ତି ବିଜେଡି ସୁପ୍ରିମୋ । ଖବର ଅନୁସାରେ, ସୁନ୍ଦରଗଡ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଅଶୋକ ସାଇ ଦଳରୁ ନିଲମ୍ବିତ ହୋଇଛନ୍ତି । ଦଳ ବିରୋଧୀ କାମ ପାଇଁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କୁ ଦଳରୁ ବାହାର କରିଛନ୍ତି । ଏନେଇ ଗଣମାଧ୍ୟମ ସାଧାରଣ ସମ୍ପାଦକ ମାନସ ମଙ୍ଗରାଜ ସୂଚ଼ନା ଦେଇଛନ୍ତି । ତେବେ ଏହା ପୂର୍ବରୁ ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଜେଡିରୁ ନିଲମ୍ବିତ କରାଯାଇଥିଲା । ଦଳ ବିରୋଧୀ କାର୍ଯ୍ୟ ପାଇଁ ଅଶୋକ ପ୍ରଧାନଙ୍କୁ ନିଲମ୍ବନ କରିଥିଲେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ଏନେଇ ବିଜେଡି ଗଣମାଧ୍ୟମ ବ୍ୟାପାର ସାଧାରଣ ସମ୍ପାଦକ ମାନସ ମଙ୍ଗରାଜ ସୂଚ଼ନା ଦେଇଥିଲେ ।

# ୧୨୭ ବାଟାଲିୟନ ସିଆରପିଏଫ ପକ୍ଷରୁ ସିଭିକ୍ ଆକ୍ସନ କାର୍ଯ୍ୟକ୍ରମ ଅନୁଷ୍ଠିତ




ବାଲିଗୁଡ଼ା,(ସଂଦେଶ ବ୍ୟୁରୋ): କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ବାରଖମା ଠାରେ ୧୨୭ ବାଟାଲିୟନ ସିଆରପିଏଫ ପକ୍ଷରୁ ସିଭିକ୍ ଆକ୍ସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜନସାଧାରଣଙ୍କ ବିଶ୍ୱାସ ଭାଜନ ହେବା ସହ ଅଞ୍ଚଳବାସୀଙ୍କ ନିକଟତର ହେବା ଓ ସାଧାରଣ ଜନତାଙ୍କ ସୁଖଦୁଃଖରେ ଭାଗିଦାରୀ ହେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ମାଓପ୍ରବଣ ଅଞ୍ଚଳରେ ଅଞ୍ଚଳବାସୀ ଗୋଟିଏ ପଟେ ମାଓ ଭୟ ଓ ଅନ୍ୟପଟେ ପୋଲିସ୍ ଭୟରେ ଜୀବନ କାଳାତିପାତ କରୁଛନ୍ତି । ଏଣୁ ପୋଲିସକୁ ଭୟ ନକରି ସର୍ବଦା ସହଯୋଗ କରନ୍ତୁ ଏବଂ ନିଜେ ସୁରକ୍ଷିତ ରୁହନ୍ତୁ, କାର୍ଯ୍ୟକ୍ରମ ମାଧ୍ୟମରେ ଏହି ଆହ୍ୱାନ ଦେଇଛି ସିଆରପିଏଫ୍ । ଏହି କାର୍ଯ୍ୟକ୍ରମରେ ସୁଡ୍ରା, ବାରଖମା ଓ ରେବିଙ୍ଗିଆ ଅଞ୍ଚଳର ଅଭାବୀ ଏବଂ ଗରିବ ଲୋକଙ୍କ ପାଇଁ ସୋଲାର ଲ୍ୟାମ୍ପ, ରେଡିଓ ସେଟ୍ ଏବଂ ୱାଟର ଷ୍ଟୋରେଜ୍ ଟ୍ୟାଙ୍କ ବଣ୍ଟନ କରିଛି ସିଆରପିଏଫ୍ । ଭାରତ ସରକାରଙ୍କ ଦ୍ୱାରା ପରିଚ଼ାଳିତ ଆର୍ଥିକ ସହାୟତା ଯୋଜନା ଗୃହ ମନ୍ତ୍ରଣାଳୟର ତତ୍ତ୍ୱାବଧାନରେ ଏହି ମାନବିକତା ସିଭିକ୍ ଆକ୍ସନ୍ କାର୍ଯ୍ୟକ୍ରମ ସିଆରପିଏଫ୍ ପକ୍ଷରୁ ଆୟୋଜିତ ହୋଇଯାଇଛି ।

# ୟୁଥ୍ ଫର୍ ଭଲ୍ୟୁଣ୍ଟାରି ୱାର୍କର ପକ୍ଷରୁ ପ୍ରତିବାଦ




ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ୟୁକ୍ରେନ୍ ଉପରେ ରୁଷିଆର ବର୍ବରୋଚିତ ଆକ୍ରମଣ ବିରୁଦ୍ଧରେ ଏବଂ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଦାବିରେ ଭୁବନେଶ୍ୱରସ୍ଥିତ ମାଷ୍ଟରକ୍ୟାଣ୍ଟିନ୍ ଛକରେ ୟୁଥ୍ ଫର୍ ଭଲ୍ୟୁଣ୍ଟାରି ୱାର୍କର ଅଧ୍ୟକ୍ଷ ମୀର ଅହମ୍ମଦ ଅଲ୍ଲୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଏହି ବିକ୍ଷୋଭରେ ବ୍ରେନସ୍ ଏଜୁକେସନ୍ ଓ କର ଫାଉଣ୍ଡେସନ୍‌ର ସଦସ୍ୟ ଓ ସଦସ୍ୟାମାନେ ଉପସ୍ଥିତ ଥିଲେ। ପୁଟିନ୍ ସରକାରର ସାମ୍ରାଜ୍ୟବାଦୀ ଓ ବିସ୍ତାରବାଦୀ ନୀତି ବିଶ୍ୱକୁ ଯୁଦ୍ଧ ମୁହଁକୁ ଠେଲିଦେଇଛି ଏବଂ ସାଧାରଣ ଜନତାଙ୍କ ଜୀବନ ବିପନ୍ନ ହୋଇଯାଇଛି। କୌଣସି ଦେଶର ଅଖଣ୍ଡତା ଓ ସାର୍ବଭୌମତ୍ୱ ଉପରେ ଏପରି ଆକ୍ରମଣ ସଭ୍ୟ ସମାଜ ଆଦୌ ବରଦାସ୍ତ କରିବ ନାହିଁ।

# ଭିଜିଲାନ୍ସ ଜାଲରେ ବିଇଓ



ରାୟଗଡା,(ସଂଦେଶ ବ୍ୟୁରୋ): ଭିଜିଲାନ୍ସ ଜାଲରେ ଧରା ପଡିଲେ ବିଇଓ । ଲାଞ୍ଚ ନେଉଥିବା ବେଳେ ଗୁଣୁପୁର ବିଇଓଙ୍କୁ ଗିରଫ କରିଛି ଭିଜିଲାନ୍ସ ଟିମ । ଜଣେ ଶିକ୍ଷକଙ୍କଠାରୁ ଲାଞ୍ଚ ନେଉଥିବା ସମୟରେ ରାୟଗଡା ଭିଜିଲାନ୍ସ ବିଇଓଙ୍କୁ ଗିରଫ କରିଥିବା ଜଣାଯାଇଛି । ଏଥିସହ ଲାଞ୍ଚ ଆକାରରେ ଦିଆଯାଉଥିବା ଟଙ୍କାକୁ ମଧ୍ୟ ଜବତ କରିଛି ଭିଜିଲାନ୍ସ ଟିମ । ତେବେ ଏ ଘଟଣା ଆହୁରି ନେଇ ଅଧିକ ତଦନ୍ତ ଜାରି ରହିଛି । ଗୁଣୁପୁରର ବିଇଓ ଅନ୍ତର୍ଯ୍ୟାମୀ ବେହେରାଙ୍କୁ ଗିରଫ କରିଛି ରାୟଗଡା ଭିଜିଲାନ୍ସ । ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କଠାରୁ ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ଜାଲରେ ଫସି ଯାଇଛନ୍ତି ଅନ୍ତର୍ଯ୍ୟମୀ । କିଛି ଜରୁରୀ କାଗଜପତ୍ର କରାଇ ଦେବା ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ ଗିରଫ କରିଥିବା ଜଣାଯାଇଛି । ଖବର ପାଇ ପୂର୍ବରୁ ଛକି ବସିଥିବା ଭିଜିଲାନ୍ସ ଠିକଣା ସମୟରେ ବିଇଓ ଅନ୍ତର୍ଯ୍ୟାମୀ ବେହେରାକୁ ଗିରଫ କରିଛି ।

# ରୋଟାରୀ କ୍ଲବ ଭୁବନେଶ୍ୱର କଳିଙ୍ଗର ୧୧୭ତମ ରୋଟାରୀ ଜନ୍ମଦିବସ ପାଳନ

ଭୁବନେଶ୍ୱର ,(ସଂଦେଶ ବ୍ୟୁରୋ): ରୋଟାରୀ କ୍ଲବ ଭୁବନେଶ୍ୱର କଳିଙ୍ଗ ଆନୁକୁଲ୍ୟରେ ଏବଂ ଇଣ୍ଟରାକ୍ଟ କ୍ଲବ, ଭି ଏସ ଏସ ନଗର କଳିଙ୍ଗର ସହଯୋଗରେ ଭି ଏସ ଏସ ନଗର ଉଚ୍ଚବିଦ୍ୟାଳୟ ପ୍ରାଙ୍ଗଣରେ ୧୧୭ତମ ରୋଟାରୀ ଜନ୍ମଦିନ ଗତ ୨୩ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଅଛି । ଅପରାହ୍ନ ଘ୨.୩୦ମିନିଟ ରେ କ୍ଲବ ସଭାପତି ରୋଟାରୀଆନ ଶ୍ରୀ ରାଧାମୋହନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏବଂ ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ବିଜୟଲକ୍ଷ୍ମୀ ଧଳ, ଇଣ୍ଟରାକ୍ଟ କ୍ଲବର ଉପଦେଷ୍ଟା ଶ୍ରୀ ସମୀର କୁମାର ପୃଷ୍ଟି ଓ ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ସହାୟତାରେ ୧୦୦ ଜଣ ଛାତ୍ରୀଙ୍କୁ ଆତ୍ମ ସୁରକ୍ଷା , ସ୍ୱାସ୍ଥ୍ୟ ସୁରକ୍ଷା ଓ ଭବିଷ୍ୟତ ଆତ୍ମନିଯୁକ୍ତି ଜୀବନ ଜୀବିକାର ମାର୍ଗ ସମ୍ବନ୍ଧରେ ଅତିଥି ମାନେ ଦିଗ୍ ଦର୍ଶନ



ଦେଇଥିଲେ। ଝିଅପିଲାମାନଙ୍କର ରକ୍ତସ୍ରାବ ଜନିତ ଗାଇନିକ୍ ସମସ୍ୟାର ନିରାକରଣ ତଥା ସୁସ୍ଥ ଜୀବନ ଯାପନ କରିବା ପାଇଁ ହାଇଟେକ୍ ମେଡିକାଲ କଲେଜର ସ୍ତ୍ରୀ ଓ ପ୍ରସୂତି ବିଭାଗର ସହଯୋଗୀ ପ୍ରଫେସର ଡାକ୍ତର ଶ୍ରୀମତୀ ସିନୀ ବେଣୁଗୋପାଳ ଅତି ସରଳ ଭାବରେ ଛାତ୍ରୀ ଏବଂ ଉପସ୍ଥିତ ମହିଳା କର୍ମଚ଼ାରୀଙ୍କୁ ସୁସ୍ଥ ଜୀବନ ପାଇଁ ପରାମର୍ଶ ଦେଇଥିଲେଏବଂ ପିଲାମାନଙ୍କର ପ୍ରଶ୍ନର ସନ୍ତୋଷ ଜନକ ଉତ୍ତର ଦେଇ ସମସ୍ତଙ୍କୁ ଅଭିଭୂତ କରିଥିଲେ। ତାପରେ ଭବିଷ୍ୟତ କର୍ମପନ୍ଥା (Career Counselling) କାର୍ଯକ୍ରମରେ ରୋଟାରୀ କ୍ଲବ କଳିଙ୍ଗର ପ୍ରାକ୍ତନ ସଭାପତି ପ୍ରଫେସର ଡ ହାଡିବନ୍ଧୁ ପଟ୍ଟନାୟକ ଆଲୋକପାତ କରିଥିଲେ ।

# ଏପ୍ରିଲ ୧୬, ୧୭ ଓ ୧୮ ଜୟପୁରରେ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘର ରାଷ୍ଟ୍ରୀୟ ଅଧିବେଶନ

ଜୟପୁର,(ସଂଦେଶ ବ୍ୟୁରୋ): ଅଖିଳ ଭାରତ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘର ୨୧ତମ ରାଷ୍ଟ୍ରୀୟ ଅଧିବେଶନ ଆସନ୍ତା ଏପ୍ରିଲ ୧୬, ୧୭ ଓ ୧୮ ତିନିଦିନ ଧରି କୋରାପୁଟର ଜୟପୁର ଠାରେ ଅନୁଷ୍ଠିତ ହେବ ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଂଗଠନର ସଭାପତି ରବି ରଥ ଓ କେବିକେ ସମାଚ଼ାରର ସମ୍ପାଦକ ତଥା ରାଷ୍ଟ୍ରୀୟ କାର୍ଯ୍ୟକାରୀ କମିଟି ସଦସ୍ୟ ଓ କାର୍ଯ୍ୟକ୍ରମର ପ୍ରମୁଖ ଆୟୋଜକ ବିନୋଦ ମହାପାତ୍ର ସୂଚନା ଦେଇଛନ୍ତି। ଏହି ଅଧିବେଶନରେ ଭାରତ ବର୍ଷର ବିଭିନ୍ନ ପ୍ରାନ୍ତରୁ ପ୍ରକାଶ ପାଇ ଆସୁଥିବା ୨୦୦ ସମ୍ବାଦପତ୍ରର ସମ୍ପାଦକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟତଃ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକୁ ବିଜ୍ଞାପନ ପ୍ରଦାନ କ୍ଷେତ୍ରରେ ସରକାର ସ୍ୱତନ୍ତ୍ର ନୀତି ପ୍ରଣୟନ ପାଇଁ ଅଧିବେଶନରେ ଦାବି କରାଯିବ। ଏଠାରେ ଉଲ୍ଲେଖ କରାଯାଇପାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନୂତନ ବିଜ୍ଞାପନ ନୀତି ଯୋଗୁ କ୍ରମାଗତ ଭାବେ ଭାରତ ବର୍ଷ ତଥା ବିଭିନ୍ନ ରାଜ୍ୟରେ ପ୍ରକାଶ ପାଉଥିବା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକ ବହୁ ସମସ୍ୟା ଦେଇ




ଗତି କରୁଛନ୍ତି। କରୋନା ମହାମାରୀ ଯୋଗୁ ପ୍ରୋତ୍ସାହନ ଅଭାବରୁ ଗତ ଦୁଇବର୍ଷରେ ଶହ ଶହ ସମ୍ବାଦପତ୍ର ବନ୍ଦ ହୋଇଗଲାଣି। ଓଡ଼ିଶା ସରକାର ବୃହତ ସମ୍ବାଦପତ୍ର ବୋଲାଉଥିବା ତଥା ଏବିସିର ପ୍ରସାର ଦେଖାଇ କୋଟି କୋଟି ଟଙ୍କା ରାଜ୍ୟ ସରକାରଙ୍କ ଠାରୁ ବିଜ୍ଞାପନ ବାବଦରେ ପାଉଥିବା ବେଳେ ରାଜ୍ୟ ସରକାର କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକୁ ଅବହେଳା ପ୍ରଦର୍ଶନ କରି ଆସୁଛନ୍ତି। ଓଡ଼ିଶା ସରକାର ପୂର୍ବରୁ ବିଭିନ୍ନ ଜାତୀୟ ଦିବସ, ପୂଜାପର୍ବରେ ୫୦୦ ସ୍କ୍ୱାୟାର ସିଏମ୍ କଲର ବିଜ୍ଞାପନ ପ୍ରଦାନ କରୁଥିଲେ ।

# ୧୨ ଜିଲ୍ଲାରେ ଆରମ୍ଭ ହେବ ମିଶନ ଇନ୍ଦ୍ରଧନୁଷ ୪.୦ ଟିକାକରଣ ଅଭିଯାନ

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଏନ୍.ଏଫ୍.ଏଚ୍.ଏସ୍. ୫ (୨୦୨୦-୨୦୨୧ ମସିହା) ଅନୁଯାୟୀ ଓଡ଼ିଶା ରାଜ୍ୟର ସଂପୂର୍ଣ୍ଣ ଟିକାକରଣ ଆକଳନ ହେଉଛି ୯୦.୫ ପ୍ରତିଶତ ଯାହାକି ଦେଶର ଅନ୍ୟାନ୍ୟ ରାଜ୍ୟ ତୁଳନାରେ ସର୍ବାଧିକ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଭାରତ ସରକାର ଓଡ଼ିଶାର ୧୨ଟି ଜିଲ୍ଲାକୁ ମିଶନ ଇନ୍ଦ୍ରଧନୁଷ ୪.୦ ଟିକାକରଣ ଅଭିଯାନ ୨୦୨୨ ପାଇଁ ଚିହ୍ନଟ କରିଛନ୍ତି । ସେହି ଜିଲ୍ଲାଗୁଡ଼ିକ ହେଉଛି କଟକ, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, କେନ୍ଦୁଝର, କୋରାପୁଟ, ଖୋର୍ଦ୍ଧା, ମାଲକାନଗିରି, ମୟୂରଭଞ୍ଜ, ସମ୍ବଲପୁର, ସୁନ୍ଦରଗଡ଼ ଏବଂ ୫ଟି ମହାନଗର ନିଗମ । ଏହି ଅଭିଯାନ ମାର୍ଚ୍ଚ ମାସଠାରୁ ମଇ ମାସ ପର୍ଯ୍ୟନ୍ତ ତିନୋଟି ପର୍ଯ୍ୟାୟରେ ଏବଂ ପ୍ରତ୍ୟେକ ପର୍ଯ୍ୟାୟ ୭ ଦିନ ପର୍ଯ୍ୟନ୍ତ ଟିକାକରଣ କରାଯିବ। ପ୍ରଥମ ପର୍ଯ୍ୟାୟ ମାର୍ଚ୍ଚ ମାସ ୭ ତାରିଖ, ଦ୍ୱିତୀୟ ପର୍ଯ୍ୟାୟ ଅପ୍ରେଲ ୪ ତାରିଖ ଓ ତୃତୀୟ ପର୍ଯ୍ୟାୟ ମଇ ମାସ ୨ ତାରିଖଠାରୁ ଆରମ୍ଭ ହେବ । କାର୍ଯ୍ୟକଳାପର ସମୟସୀମା, ଆର୍ଥିକ, ଆଇସିବିସିସି ତଥା ବିସ୍ତୃତ କାର୍ଯ୍ୟକ୍ରମର ସଂପୂର୍ଣ୍ଣ ଗାଇଡ୍‌ଲାଇନ୍ ୧୨ଟି ଜିଲ୍ଲାକୁ ପ୍ରଦାନ କରାଯାଇଛି । ଅଭିଯାନର ସଫଳତା ପାଇଁ ରାଜ୍ୟସ୍ତରୀୟ ନୋଡାଲ ଅଫିସରମାନଙ୍କୁ ଦାୟିତ୍ୱ ଦିଆଯାଇଛି, ଯେଉଁମାନେ ଜିଲ୍ଲାକୁ ଯାଇ ମିଶନ ଇନ୍ଦ୍ରଧନୁଷ ୪.୦ ଟିକାକରଣ ଅଭିଯାନକୁ ଅନୁଧ୍ୟାନ କରିବେ ।ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ଟାସ୍କଫୋର୍ସ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅନ୍ୟାନ୍ୟ ବିଭାଗ ଯଥା ପଞ୍ଚାୟତିରାଜ ଓ ପାନୀୟ ଜଳ, ମହିଳା ଓ ଶିଶୁ ବିକାଶ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଅନୁସୂଚିତ ଜନଜାତି, ଶ୍ରମ, ସୂଚନା ଓ ଲୋକସଂପର୍କ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ୧୨ଟି ଜିଲ୍ଲାର ୧୬୮ଟି ଗୋଷ୍ଠୀରେ ୧୦୯୯୭ ଜଣ ପିଲା (୦-୨ ବର୍ଷ), ୨୬୩୧ ଜଣ ଗର୍ଭବତୀ ମହିଳାମାନଙ୍କୁ ୪୬୨୫ଟି ଟିକାକରଣ ଅଧିବେଶନ ଜରିଆରେ ଟିକାକରଣର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବିଶ୍ୱସ୍ତରୀୟ ସଂଗଠନ ଯଥା ୟୁନିସେଫ୍, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ଜେଏସ୍‌ଆଇ ଓ ୟୁଏନଡିପି ସହଯୋଗର ହାତ ବଢ଼ାଇଛନ୍ତି ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ଶ୍ରୀ ବିଜୟ କୁମାର ପାଣିଗ୍ରାହୀ ଏ ସଂପର୍କରେ ଆୟୋଜିତ ଏକ ଗଣମାଧ୍ୟମ ପାଇଁ ସଚେତନତାମୂଳକ ଆଭାସୀ କାର୍ଯ୍ୟକ୍ରମରେ ପ୍ରକାଶ କରିଛନ୍ତି ।

ମିଶନ ଇନ୍ଦ୍ରଧନୁଷ ୪.୦ ଟିକାକରଣ ଅଭିଯାନର ମୁଖ୍ୟ ଲକ୍ଷ୍ୟ ହେଉଛି ଆଦୌ କିମ୍ବା ଅଧାରୁ ଟିକା ନେଇନଥିବା ପ୍ରତ୍ୟେକ ୦ରୁ ୨ ବର୍ଷ ମଧ୍ୟରେ ପିଲା ଓ ଗର୍ଭବତୀ ମହିଳାମାନଙ୍କର ତାଲିକା ପ୍ରସ୍ତୁତ କରିବା ଏବଂ ସେମାନଙ୍କ ଟିକାକରଣ କରିବା, ଯାହା ଦ୍ୱାରା ନିୟମିତ ଟିକାକରଣ କାର୍ଯ୍ୟକ୍ରମ ସଶକ୍ତ ହୋଇପାରିବ । ଅଭିଯାନର ମୁଖ୍ୟ ଲକ୍ଷ୍ୟ ହେଉଛି ପ୍ରଶିକ୍ଷଣ, ଆଶା ଓ ଅଙ୍ଗନବାଡ଼ି କର୍ମୀଙ୍କ ଦ୍ୱାରା ମୁଣ୍ଡଗଣତି, ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଅଣୁଯୋଜନ, ଟିକା ଓ ଅନ୍ୟାନ୍ୟ ଜିନିଷପତ୍ରର ସଠିକ୍ ଯୋଗାଣ, ନିରୀକ୍ଷଣ ଓ ରିପୋର୍ଟ ପ୍ରଦାନ । ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ ସଭା ଜରିଆରେ ଏବଂ ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କ ଅଧ୍ୟକ୍ଷତାରେ ପ୍ରତିଟି କାର୍ଯ୍ୟର ତଦାରଖ କରାଯାଉଛି । ଯେଉଁଥିରେ କି ଅନ୍ୟାନ୍ୟ ସରକାରୀ ବିଭାଗମାନଙ୍କୁ ମଧ୍ୟ ସାମିଲ କରାଯାଇଛି ।

# ଗିରିବାଳା ବେହେରାଙ୍କୁ ସିଏମ୍‌ସି ମେୟର ପ୍ରାର୍ଥୀ ଘୋଷଣା କଲା କଂଗ୍ରେସ



କଟକ ,(ସଂଦେଶ ବ୍ୟୁରୋ): ଚଳିତ ୨୦୨୨ ପୌର ନିର୍ବାଚନ ପରିପ୍ରେକ୍ଷୀରେ କଟକ ମହାନଗର ନିଗମ ନିର୍ବାଚନରେ କଂଗ୍ରେସ, ସିପିଆଇ ଓ ସିପିଏମ ମିଳିତ ଭାବେ ନିର୍ବାଚନ ଲଢ଼ିବା ପାଇଁ ଅନୁଷ୍ଠାନିକ ଭାବେ କଂଗ୍ରେସ ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଅଛି । ଏହି ଉପଲକ୍ଷେ ସାଇଦାନୀ ବଗିଚ୍ଚା ସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ବାରବାଟୀ-କଟକ ବିଧାୟକ ଇଂ ମହମ୍ମଦ ମୋକିମ ପୌରହିତ୍ୟରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ କଟକ ପୌର ନିଗମର ମିଳିତ ମେୟର ପ୍ରାର୍ଥୀ ଭାବେ କଂଗ୍ରେସ ଦଳର ବରିଷ୍ଠ ନେତ୍ରୀ ଗିରିବାଳା ବେହେରାଙ୍କ ସମେତ ୧୧ ଗୋଟି ୱାର୍ଡ ପାଇଁ କର୍ପୋରେଟର ପ୍ରାର୍ଥୀଙ୍କର ନାମ ତାଲିକା ଘୋଷଣା କରାଯାଇଅଛି । ତିନି ଦଳର ନେତୃବୃନ୍ଦଙ୍କୁ ନେଇ ଆଗାମୀ ପୌର ନିର୍ବାଚନ ପାଇଁ ସମନ୍ୱୟ କମିଟି ଜରିଆରେ ପ୍ରଚାର କାର୍ଯ୍ୟ କରାଯିବାକୁ ସ୍ଥିର କରାଗଲା । ସାମ୍ବାଦିକ ସମ୍ମିଳନୟରେ ବରିଷ୍ଠ କଂଗ୍ରେସ ନେତା ସୁରେଶ ମହାପାତ୍ର, ଅଶୋକ ସାମଲ, ସିପିଆଇ ଜିଲ୍ଲା ସଂପାଦକ ଅମରେନ୍ଦୁ ମହାନ୍ତି, ନିକୁଞ୍ଜ ପସାୟତ, ବିଶ୍ୱଜିତ ଦାସ, ଶୈଳବାଳା ଜେନାଙ୍କ ସମେତ କଟକ ନଗର କଂଗ୍ରେସର ସମସ୍ତ ବ୍ଲକ କଂଗ୍ରେସ କମିଟି ସଭାପତି ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ । ଏହି ଅବସରରେ ବିଜୁ ଜନତା ଦଳର ସଂଖ୍ୟାଲଘୁ ଉପ-ସଭାପତି ଅଫତାବ ନୁର, ସଂପାଦକ ସେକ ରେହମତ, ମିରାଜୁଲ ହୁସେନୀ, ଅବଦୁର ସୁକୁରଙ୍କ ସମେତ ସଂଖ୍ୟାଧିକ ବିଜୁ ଜନତା ଦଳ କର୍ମୀ କଂଗ୍ରେସ ଦଳରେ ଯୋଗ ଦେଇଛନ୍ତି ।

# ଏନସିଏସସିଡିଏ ପକ୍ଷରୁ ଆସନ୍ତା ୧୧ ତାରିଖରେ ଆୟୋଜିତ ହେବ ମାଗଣା ନିଯୁକ୍ତି ମେଳା

ଭୁବନେଶ୍ୱର , (ପିଆଇବି): ଦିବ୍ୟାଙ୍ଗଙ୍କ ପାଇଁ ଜାତୀୟ କ୍ୟାରିଅର ସେବା କେନ୍ଦ୍ର (ଏନସିଏସସିଡିଏ), ଭୁବନେଶ୍ୱର ପକ୍ଷରୁ ଆସନ୍ତା ୧୧ ତାରିଖରେ ଏକ ମାଗଣା ନିଯୁକ୍ତି ମେଳା ଆୟୋଜନ କରାଯିବ। ଅନୁସୂଚିତ ଜାତି ଓ ଜନଜାତି (ଏସସି ଓ ଏସଟି)ଙ୍କ ପାଇଁ ଜାତୀୟ କ୍ୟାରିଅର ସେବା କେନ୍ଦ୍ରର ସହଭାଗିତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏନସିଏସସିଡିଏର ଭୁବନେଶ୍ୱର ଖଣ୍ଡଗିରି ଗଣ୍ଡମୁଣ୍ଡାସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ଏହି ନିଯୁକ୍ତି ମେଳାରେ ସମସ୍ତ ନିଯୁକ୍ତି ଆଶାୟୀମାନେ ଅଂଶଗ୍ରହଣ କରିପାରିବେ । ନିଯୁକ୍ତି ମେଳା ୧୧ ମାର୍ଚ୍ଚ, ୨୦୨୨ ସକାଳ ୯ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏଥିରେ ଦଶମ କିମ୍ବା ତଦୁର୍ଦ୍ଧ୍ୱ ଶିକ୍ଷାଗତ ଯୋଗ୍ୟତା ସହ ଆଇଟିଆଇ ଓ ଡିପ୍ଲୋମା ଶିକ୍ଷା ଲାଭ କରିଥିବା ପ୍ରାର୍ଥୀମାନେ ମ୍ୟାଟେରିଆଲ ହ୍ୟାଣ୍ଡଲିଂ, ଷ୍ଟୋର ପ୍ରମୋଟର, ପ୍ରୋସେସ ଆସୋସିଏଟ, ସେଲ୍ସ ଏକ୍ସିକ୍ୟୁଟିଭ, ରିଲେସନସିପ ଅଫିସର, ଆକାଉଣ୍ଟାଣ୍ଟ, କନ୍ସଲଟାଣ୍ଟ, ଫିଲ୍ଡ କ୍ରେଡିଟ୍ ଅଫିସର ଆଦି ୭୦୦ରୁ ଅଧିକ ଭିନ୍ନ ଭିନ୍ନ ପଦବୀ ପାଇଁ ୧୦ରୁ ଅଧିକ କମ୍ପାନୀ/ଫାର୍ମ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ପାଇଁ ଚୟନ କରିବେ ।ଏହି ନିଯୁକ୍ତି ମେଳାରେ ଶିକ୍ଷାଗତ ଯୋଗ୍ୟତା, ଆଧାର କାର୍ଡର ଫଟୋ କପି, ବାୟୋଡାଟା ଏବଂ ପାସପୋର୍ଟ ସାଇଜ୍ ଫଟୋଗ୍ରାଫ ସହିତ ସମସ୍ତ ଆଶାୟୀ ପ୍ରାର୍ଥୀମାନେ ଅଂଶଗ୍ରହଣ କରିପାରିବେ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

# କଟକରେ କଂଗ୍ରେସରେ ମିଶ୍ରଣ ପର୍ବ



କଟକ ,(ସଂଦେଶ ବ୍ୟୁରୋ):ପୌର ନିର୍ବାଚନ ପରିପ୍ରେକ୍ଷୀରେ କଟକ ମହାନଗର ନିଗମ ନିର୍ବାଚନରେ କଂଗ୍ରେସ, ସିପିଆଇ ଓ ସିପିଏମ ମିଳିତ ଭାବେ ନିର୍ବାଚନ ଲଢ଼ିବା ପାଇଁ ଅନୁଷ୍ଠାନିକ ଭାବେ କଂଗ୍ରେସ ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଛି । ଏହି ଉପଲକ୍ଷେ ସାଇଦାନୀ ବଗିଚ୍ଚା ସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ପୌରହିତ୍ୟରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ କଟକ ପୌର ନିଗମର ମିଳିତ ମେୟର ପ୍ରାର୍ଥୀ ଭାବେ କଂଗ୍ରେସ ଦଳର ବରିଷ୍ଠ ନେତ୍ରୀ ଗିରିବାଳା ବେହେରାଙ୍କ ସମେତ ୧୧ ଗୋଟି ୱାର୍ଡ ପାଇଁ କର୍ପୋରେଟର ପ୍ରାର୍ଥୀଙ୍କର ନାମ ତାଲିକା ଘୋଷଣା କରାଯାଇଛି । ତିନି ଦଳର ନେତୃବୃନ୍ଦଙ୍କୁ ନେଇ ଆଗାମୀ ପୌର ନିର୍ବାଚନ ପାଇଁ ସମନ୍ୱୟ କମିଟି ଜରିଆରେ ପ୍ରଚାର କାର୍ଯ୍ୟ କରାଯିବାକୁ ସ୍ଥିର କରାଗଲା । ସାମ୍ବାଦିକ ସମ୍ମିଳନୟରେ ବରିଷ୍ଠ କଂଗ୍ରେସ ନେତା ସୁରେଶ ମହାପାତ୍ର, ଅଶୋକ ସାମଲ, ସିପିଆଇ ଜିଲ୍ଲା ସମ୍ପାଦକ ଅମରେନ୍ଦୁ ମହାନ୍ତି, ନିକୁଞ୍ଜ ପସାୟତ, ବିଶ୍ୱଜିତ ଦାସ, ଶୈଳବାଳା ଜେନାଙ୍କ ସମେତ କଟକ ନଗର କଂଗ୍ରେସର ସମସ୍ତ ବ୍ଲକ କଂଗ୍ରେସ କମିଟି ସଭାପତି ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ । ଏହି ଅବସରରେ ବିଜୁ ଜନତା ଦଳର ସଂଖ୍ୟାଲଘୁ ଉପ-ସଭାପତି ଅଫତାବ ନୁର, ସଂପାଦକ ସେକ ରେହମତ, ମିରାଜୁଲ ହୁସେନୀ, ଅବଦୁର ସୁକୁରଙ୍କ ସମେତ ସଂଖ୍ୟାଧିକ ବିଜୁ ଜନତା ଦଳ କର୍ମୀ କଂଗ୍ରେସ ଦଳରେ ଯୋଗ ଦେଇଛନ୍ତି ।

# ପରିଚୟ ଫାଉଣ୍ଡେସନ ତରଫରୁ ଆରୟା ପୁରସ୍କାର ଉତ୍ସବର ଅଷ୍ଟମ ସଂସ୍କରଣ ଅନୁଷ୍ଠିତ

ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ଆନ୍ତର୍ଜାତିକ ମହିଳା ଦିବସକୁ ପାଳନ କରିବାକୁ ଯାଇ, ପରିଚୟ ଫାଉଣ୍ଡେସନ୍ ପକ୍ଷରୁ 'ଆରୟା ପୁରସ୍କାର' ଉତ୍ସବର ଦଶମ ସଂସ୍କର ଭୁବନେଶ୍ୱରସ୍ଥିତ ହୋଟେଲ ମେଫେୟାର୍ କନ୍‌ଭେନ୍‌ସନ୍‌ଠାରେ ଅନୁଷ୍ଠିତ ହୋଇଯାଇଛି । ଭାରତୀୟକଳା ଓ ସଂସ୍କୃତିକୁ ସୁଦୂର ପ୍ରସାରୀ କରିବା ଏବଂ ଓଡ଼ିଶାରାଜ୍ୟ ତଥା ନୂଆଦିଲ୍ଲୀର ଗ୍ରାମାଞ୍ଚଳ ଓ ସହରାଞ୍ଚଳ ବସ୍ତିବାସିନ୍ଦାମାନଙ୍କର ସାମାଜିକ ଓ ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବା ପାଇଁ ସର୍ବଦା କାର୍ଯ୍ୟରତ ପରିଚୟ ଫାଉଣ୍ଡେସନ।




ପ୍ରସିଦ୍ଧ ଭାରତନାଟ୍ୟମ୍ ଗୁରୁ ପଦ୍ମଶ୍ରୀ ଗୀତାଚନ୍ଦ୍ରନ୍ ପୁରସ୍କାର ବିତରଣ ସମାରୋହର ଦଶମ ସଂସ୍କରଣରେ ମୁଖ୍ୟ ଅତିଥି ଭାବରେ ଯୋଗଯୋଇଥିଲେ। ମିଆଁମାର ରରାଷ୍ଟ୍ରଦୂତ ମହାମହିମ ମୋଇକ୍ୟୁୟଙ୍ଗ, ବିଖ୍ୟାତ ସ୍ନାୟୁରୋଗ ସାଇକାଟ୍ରିଷ୍ଟ୍ ଡଃ ଅମ୍ରିତ ପାଟ୍ଟଯୋଶୀ, ପ୍ରେରଣା ଓ ଉତ୍ସାହର ବକ୍ତା ଶ୍ରୀଯୁକ୍ତ ଅମିତ୍ ପାଣ୍ଡେ ଏବଂ ଓଲିଉଡ୍‌ର ବହୁଚର୍ଚ୍ଚିତ ଯୋଡି ଶ୍ରୀଯୁକ୍ତ ସବ୍ୟସାଚୀ ମିଶ୍ର ଓ ଶ୍ରୀମତୀ ଅର୍ଚ୍ଚିତା ସାହୁ ଏହି ଉତ୍ସବର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପୂର୍ବତନ ବିଜେଡି ସାଂସଦ ଡକ୍ଟର ପ୍ରସନ୍ନ କୁମାର ପାଟଶାଣୀ, ପୂର୍ବତନ ବିଜେଡି ବିଧାୟକ ଶ୍ରୀଯୁକ୍ତ ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଓଡିଆ ଛାତ୍ରଙ୍କୁ ଉଦ୍ଧାର ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପ: ନିଯୁକ୍ତ କଲେ ୪ ସ୍ୱତନ୍ତ୍ର ପ୍ରତିନିଧି



ଭୁବନେଶ୍ୱର ,(ସଂଦେଶ ବ୍ୟୁରୋ): ୟୁକ୍ରେନରେ ଫସିଥିବା ଓଡିଆ ପିଲାଙ୍କୁ ଉଦ୍ଧାର ପାଇଁ ରାଜ୍ୟ ସରକାରଙ୍କ ନେଲେ ଆଉ ଏକ ପଦକ୍ଷେପ । ୟୁକ୍ରେନର ୪ ପଡୋଶୀ ଦେଶରୁ ଓଡିଆ ପିଲାଙ୍କୁ ଆଣିବାକୁ ପ୍ରତିନିଧି ନିଯୁକ୍ତ କରିଛନ୍ତି ରାଜ୍ୟ ସରକାର । ୟୁକ୍ରେନର ପଡୋଶୀ ୪ ଦେଶରୁ ପିଲାଙ୍କୁ ଭାରତ ଆଣିବାକୁ ୪ ପ୍ରତିନିଧି ନିଯୁକ୍ତ । ପୋଲାଣ୍ଡ ପାଇଁ ବିକ୍ରମାଦିତ୍ୟ, ହଙ୍ଗେରୀ ପାଇଁ ଆରୁଷି ରାୟ ପ୍ରତିନିଧି ନିଯୁକ୍ତ । ହଙ୍ଗେରୀ ପାଇଁ ବରିଷ୍ଠ ଟିଡିପିଏସ ଅଫିସର ଆରୁଷି ରାୟ, ରୋମାନିଆ ପାଇଁ ୟୁଏନ ପଲିସି ଅଫିସର ବୈଶାଳୀ ମହାନ୍ତି, ସ୍ଲୋଭାକିଆ ପାଇଁ କନସଲଟାଣ୍ଟ ଅନୁରାଗ ପଟ୍ଟନାୟକ ଏବଂ ପୋଲାଣ୍ଡ ପାଇଁ କିଟ୍ ଉପ ସଭାପତି ବିକ୍ରମାଦିତ୍ୟଙ୍କୁ ସ୍ୱତନ୍ତ୍ର ପ୍ରତିନିଧି ଭାବେ ନିଯୁକ୍ତ କରାଯାଇଛି । ସେହିପରି ନୋଡାଲ ଅଫିସର ଭାବରେ କାମ କରିବେ ନୂଆଦିଲ୍ଲୀ ସ୍ଥିତ ଆବାସିକ କମିଶନର । ପିଲାଙ୍କୁ ଆଣିବା ସଂପର୍କିତ ସମସ୍ତ ଖର୍ଚ୍ଚ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଦିଆଯିବ । ଏନେଇ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ । ସୂଚନାଯୋଗ୍ୟ, ୟୁକ୍ରେନ ଉପରେ ଋଷ ଲଗାତାର ଭାବରେ ଆକ୍ରମଣ କରିଚାଲିଛି ଫଳରେ ଋଷରେ ଫସିଥିବା ଭାରତୀୟମାନେ ଯୁଦ୍ଧରୁ ବର୍ତ୍ତିବା ପାଇଁ ପଡୋଶୀ ଦେଶରେ ପହଞ୍ଚୁଛନ୍ତି ଏବଂ ଭାରତ ସରକାର ମଧ୍ୟ ସେମାନଙ୍କୁ ସୁରକ୍ଷିତ ଭାବରେ ଭାରତ ଆଣିବାକୁ ଋଷର ପଡୋଶୀ ଦେଶ ସହ ଯୋଗଯୋଗରେ ଅଛନ୍ତି ।

# ଏକାଦଶ ଓ ଦ୍ୱାଦଶ ଛାତ୍ରଛାତ୍ରୀଙ୍କୁ ମିଳିବ କନିଷ୍ଠ ମେଧାବୃତ୍ତି

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ରାଜ୍ୟରେ ଏକାଦଶ ଓ ଦ୍ୱାଦଶ ଛାତ୍ରଛାତ୍ରୀଙ୍କୁ ମିଳିବ କନିଷ୍ଠ ମେଧାବୃତ୍ତି । ଏନେଇ ସମସ୍ତ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଅବଗତ କରଯାଇଛି । ତେବେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନେ ଆସନ୍ତା ୧୫ ତାରିଖ ମଧ୍ୟରେ ଏହି ମେଧାବୃତ୍ତି ପାଇଁ ଆବେଦନ କରିପାରିବେ ।ତେବେ ଏହି ମେଧାବୃତ୍ତି ଆବେଦନ କରିବା ପାଇଁ ୱେବ ସାଇଟ ହେଲା https://scholarship.odisha.gov.in ।

ଆବେଦନ କରିବା ପରେ ଶିକ୍ଷାନୁଷ୍ଠାନମାନେ ୧୬ ତାରିଖ ସୁଦ୍ଧା ଆବେଦନ ପତ୍ର ଯାଞ୍ଚ କରି ଭ୍ୟାଲିଡେସନ କରିବେ । ତେବେ ଏହି ମେଧାବୃତ୍ତି ପାଇବାକୁ ହେଲେ ଛାତ୍ରଛାତ୍ରୀମାନେ ଦଶମରେ ୬୦ ପ୍ରତିଶତରୁ ଅଧିକ ନମ୍ବର ରଖିବା ସହ ଅଭିଭାବକଙ୍କର ବାର୍ଷିକ ଆୟ ୬ ଲକ୍ଷରୁ କମ୍ ହୋଇଥିବା ଆବଶ୍ୟକ । ତେବେ ଯାଇ ଏହି ମେଧାବୃତ୍ତି ପାଇଁ ପାଇଁ ଯୋଗ୍ୟ ହୋଇପାରିବେ । ଏହି ସ୍କିମରେ ଛାତ୍ରଛାତ୍ରୀଙ୍କୁ ପ୍ରତ୍ୟେକ ବର୍ଷ ୩ ହଜାର ହିସାବରେ ଦୁଇ ବର୍ଷ ପର୍ଯ୍ୟନ୍ତ ମୋଟ ୬ ହଜାର ଟଙ୍କା ମିଳିବ । ତେବେ ଚଳିତ ବର୍ଷ ରାଜ୍ୟରେ ୧୦ ହଜାର ପିଲାଙ୍କୁ ବୃତ୍ତି ପ୍ରଦାନ କରାଯିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ।

# ସମୃଦ୍ଧ ଓଡ଼ିଶାର ଖବରଦାତା ସମ୍ମିଳନୀ



ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ଗତ ୨୮ ତାରିଖ ଦିନ ଭୁବନେଶ୍ୱରରୁ ପ୍ରକାଶିତ କେତେକ ସମ୍ବାଦପତ୍ରରେ ପ୍ରକାଶ ପାଇଛି ଯେ, ସମୃଦ୍ଧ ଓଡ଼ିଶା ଦଳ ଦ୍ୱାରା ଆହୁତ ସାଧାରଣ ପରିଷଦ ବୈଠକରେ ଶ୍ରୀ ଯତୀନ ଚନ୍ଦ୍ର ମହାନ୍ତି ସଭାପତି ଭାବେ ପୁଣିଥରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏ ନେଇ ଦଳ ପକ୍ଷରୁ ପ୍ରତିବାଦ କରାଯିବା ସହ ସ୍ପଷ୍ଟୀକରଣ ଦେବା ନିମନ୍ତେ ଭୁବନେଶ୍ୱରରେ ଏକ ବାର୍ତ୍ତାବାହକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଦଳର ବର୍ତ୍ତମାନ ସଭାପତି ଶ୍ରୀ ପ୍ରଣବ ଛୋଟରାୟ ପ୍ରକାଶ କରିଛନ୍ତି ଯେ, ୨୭.୦୨.୨୦୨୨ରିଖରେ ଅନୁଷ୍ଠିତ ବୈଠକ ସମ୍ବନ୍ଧରେ ଦଳ ପକ୍ଷରୁ କୌଣସି ନିଷ୍ପତ୍ତି ନିଆଯାଇ ନଥିଲା ଅଥବା ତାଙ୍କ ନିକଟରେ କୌଣସି ସୂଚନା ନଥିଲା। ପ୍ରକାଶଯୋଗ୍ୟ ଯେ, ୨୦୦୯ ମସିହା ସାଧାରଣ ନିର୍ବାଚାନରେ ଧର୍ମଶାଳା ତଥା ୨୦୧୪ରେ ଜୁନାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଧାନସଭା ସଦସ୍ୟତା ପାଇଁ ପ୍ରତିଦ୍ୱନ୍ଦିତା କରି ତତ୍କାଳୀନ ସଭାପତି ଯତୀନ ଚନ୍ଦ୍ର ମହାନ୍ତି ଦୁଇଥର ପରାଜିତ ହୋଇ ଅତ୍ୟନ୍ତ ଅବସାଦଗ୍ରସ୍ତ ହୋଇପଡ଼ିଥିଲେ। ଏପରିକି ରାଜନୀତିରୁ ସନ୍ନ୍ୟାସ ଗ୍ରହଣ କରି ତାଙ୍କ କର୍ମ-ସଂସ୍ଥାନ ସ୍ଥଳୀ ହାଇଦ୍ରାବାଦ ଚାଲିଯାଇଥିଲେ। ତାହାର ଚାରିବର୍ଷ ପରେ ସେ ଫେବୃୟାରୀ ୨୦୧୮ରେ ଦଳର ସଭାପତି ପଦରୁ ଇସ୍ତଫା ଦେବାରୁ ମାନ୍ୟବର ବିଚାରପତି ଉମାଚରଣ ମିଶ୍ର ଦଳର ସଭାପତି ଭାବେ ମନୋନୀତ ହୋଇଥିଲେ। ତାଙ୍କ ପରେ ନଭେମ୍ବର ୨୦୨୦ରେ ଶ୍ରୀ ପ୍ରଣବ ଛୋଟରାୟ ସଭାପତି ରୂପେ ଦାୟିତ୍ୱ ନର୍ବାହ କରି ଆସୁଛନ୍ତି। ଦଳର ବାଇ-ଲ ଅନୁସାରେ କୌଣସି ଦଳୀୟ ପଦପଦବୀରେ ଅଧିଷ୍ଠିତ ବ୍ୟକ୍ତିବିଶେଷଙ୍କ କାର୍ଯ୍ୟକାଳ ୩ ବର୍ଷ ଯାଏ ପ୍ରଭାବୀ ଅଟେ।

# ପିସିସି ପକ୍ଷରୁ ସଭ୍ୟ ସଂଗ୍ରହ ଅଭିଯାନ



ଭୁବନେଶ୍ୱର ,(ସଂଦେଶ ବ୍ୟୁରୋ): ନିକଟରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସ ସଭ୍ୟ ସଂଗ୍ରହ ଅଭିଯାନ ଓ ସାଂଗଠନିକ ନିର୍ବାଚନ ସମ୍ପର୍କିତ ବୈଠକ ଭୁବନେଶ୍ୱର ନିଳାଦ୍ରୀ ବିହାର ନିକଟସ୍ଥ ଲୁମ୍ବିନି କନ୍‌ଭେନ୍‌ସନ ସଭାକକ୍ଷରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକର ପ୍ରାରମ୍ଭରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଶିଷ୍ଟ ଆଦିବାସୀ ନେତା ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଶ୍ରୀ ପଟ୍ଟନାୟକ ତାଙ୍କ ଅଭିଭାଷଣରେ କହିଥିଲେ ପ୍ରତି ଜିଲ୍ଲା ଏବଂ ନିର୍ବାଚନ ମଣ୍ଡଳୀ ସ୍ତରରେ ଚିଫ ଏନରୋଲର ନିଯୁକ୍ତି କରାଯିବ ଏବଂ ସେମାନେ ପ୍ରତ୍ୟେକ ବୁଥରେ ବୁଥ ଏନରୋଲର ନିଯୁକ୍ତି କରାଯିବ ଯିଏକି ପ୍ରତି ବୁଥ ସ୍ତରରେ ଡିଜିଟାଲ ସଭ୍ୟ ସଂଗ୍ରହ କରିବେ। ଶ୍ରୀ ପଟ୍ଟନାୟକ କଂଗ୍ରେସ କର୍ମୀ, ନେତୃବୃନ୍ଦ ବିଶେଷ କରି ସାମାଜିକ ଗଣମାଧ୍ୟମର ସଦସ୍ୟ ମାନଙ୍କୁ ବୁଥ୍‌ସ୍ତରରେ ଡିଜିଟାଲ ସଭ୍ୟ ସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରିବାପାଇଁ ଅନୁରୋଧ କରିଥିଲେ।

ରାଜ୍ୟ ସଭା ସାଂସଦ ତଥା ପ୍ରଦେଶ ନିର୍ବାଚନ ଅଧିକାରୀ (ପିଆରଓ) ଶ୍ରୀ ନିରଜ ଡାଙ୍ଗି, ଏପିଆରଓ ଶ୍ରୀ ସଂଦୀପ ସିଂ ଓ ଶ୍ରୀ ଅମିତାଭ ଚକ୍ରବର୍ତି ସଭ୍ୟ ସଂଗ୍ରହ ଅଭିଯାନ ସଂପର୍କରେ ଉଦ୍‌ବୋଧନ ଦେଇ କହିଲେଯେ ଅଖିଳ ଭାରତ କଂଗ୍ରେସ କମିଟି ଧାର୍ଯ୍ୟ ସମୟସୀମା ମଧ୍ୟରେ ନିର୍ବାଚନ ସଂପୂର୍ଣ୍ଣ କରିବାପାଇଁ ସ୍ଥିର କରିଛନ୍ତି। ସେଥିପାଇଁ ଓଡ଼ିଶାରେ ଏହି କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ ତଥା କ୍ରିୟାଶୀଳ କରି ପ୍ରତ୍ୟେକ ବୁଥ ଯେପରି ସକ୍ରିୟ ହୋଇପାରିବ ସେ ସଂପର୍କରେ ସମସ୍ତଙ୍କୁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପଡ଼ିବ। ଏହି ସଭ୍ୟ ସଂଗ୍ରହ ଉଭୟ ଫର୍ମ ପୂରଣ ଦ୍ୱାରା ଅଥବା ମୋବାଇଲ ଆପ୍‌ରେ ମଧ୍ୟ ସଭ୍ୟମାନେ ନାମ ପଞ୍ଜିକରଣ କରିପାରିବେ। ସେଥିପାଇଁ କିଭଳି କର୍ମୀମାନେ ମୋବାଇଲ ମାଧ୍ୟମରେ ସଭ୍ୟଭୁକ୍ତ ହୋଇପାରିବେ ସେ ସଂପର୍କରେ ବୈଠକରେ ପ୍ରାଞ୍ଜଳ ଭାବରେ ଓଡ଼ିଶା ପ୍ରଦେଶ କଂଗ୍ରେସ ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ଅଭିଷେକ ମହାନନ୍ଦ ସମସ୍ତ ତଥ୍ୟ ପ୍ରଦାନ କରିଥିଲେ।

# ରାଜଧାନୀରୁ ୭ ଲକ୍ଷ ଟଙ୍କାର ନକଲି ନୋଟ୍ ଜବତ

ଭୁବନେଶ୍ୱର ,(ସଂଦେଶ ବ୍ୟୁରୋ): ରାଜଧାନୀ ଭୁବନେଶ୍ୱରରୁ ୭ ଲକ୍ଷ ଟଙ୍କାର ଜାଲ ନୋଟ୍ ଜବତ ହୋଇଛି। ଜବତ ସମସ୍ତ ଜାଲ୍ ନୋଟ୍ ୨ ଶହ ଟଙ୍କିଆ। ଏହି ମାମଲାରେ କମିଶନରେଟ୍ ପୋଲିସ୍ ମାଷ୍ଟର କ୍ୟାଂଟିନ୍ ଛକରୁ




୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗଞ୍ଜାମ ଜିଲ୍ଲାର ସତ୍ୟ ନାରାୟଣ ପୃଷ୍ଟି ଓ ଭୋଲା ପ୍ରଧାନ । ଲୋକଙ୍କୁ ଅସଲି ନୋଟ୍ ଏକ୍ସଚେଞ୍ଜ କରିବା ବଦଳରେ ସେମାନଙ୍କୁ ଏହି ଜାଲ ନୋଟ ଦେଉଥିଲେ। ଏପରି କରି ଜଣେ ବ୍ୟକ୍ତିଙ୍କଠାରୁ ୩ ଲକ୍ଷ ୭୫ ହଜାର ଓ ଆଉ ଜଣଙ୍କଠାରୁ ୧୨ ଲକ୍ଷ ଟଙ୍କା ଠକିଥିଲେ । ସୂଚନା ଅନୁଯାୟୀ ସତ୍ୟ ନାରାୟଣ କୋଚିଂ ସେଂଟର କରି ଚଳୁଥିବା ବେଳେ ଚାକିରି ନାଁରେ ଯୁବକଯୁବତୀଙ୍କୁ ଠକୁଥିଲେ। କିଛି ଦିନ ପୂର୍ବେ ସେ ଭୁଲା ପ୍ରଧାନ ନାମକ ଯୁବକର ସଂସ୍ପର୍ଶରେ ଆସିଥିଲେ। ଭୁଲା ଆନ୍ଧ୍ରପ୍ରଦେଶରେ ରହି ଜାଲ ନୋଟ କରିବା କିଛି କିଛି ଶିଖିଥିଲା। ଏହାପରେ ୟୁଟ୍ୟୁବ, ଗୁଗଲରୁ ଆହୁରି ଅଧିକ ଶିଖିଥିଲା।

# ଏସ୍.ୟୁ.ସି.ଆଇ(ସି)ର ମେୟର ପ୍ରାର୍ଥୀ ବବି ବଳବନ୍ତରାୟ




କଟକ, (ସଂଦେଶ ବ୍ୟୁରୋ): ଚଳିତ ବର୍ଷ ମହାନଗର ନିଗମ ନିର୍ବାଚନ ପାଇଁ ଏସ୍.ୟୁ.ସି.ଆଇ(ସି) ପକ୍ଷରୁ ଏସ୍.ୟୁ.ସି.ଆଇ(ସି) କଟକ ଜିଲ୍ଲା କମିଟି ସଭ୍ୟ ତଥା ରାଜ୍ୟର ଜଣାଶୁଣା ଛାତ୍ରନେତ୍ରୀ ବବି ବଳବନ୍ତରାୟଙ୍କୁ ମେୟର ପ୍ରାର୍ଥୀ ଦିଆଯାଇଛି। ଗାନ୍ଧୀଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଦଳପକ୍ଷରୁ ଘୋଷଣା କରାଯାଇଛି। ଦଳ ପକ୍ଷରୁ କୁହାଯାଇଛି ଐତିହ୍ୟ ସହର କଟକରେ ଦୀର୍ଘ ଦଶନ୍ଧି ଧରି ସହରର ନାନାବିଧ ସମସ୍ୟାପାଇଁ ଦଳ ପ୍ରତି ମୂହୁର୍ତ୍ତରେ ଜନ ଆନ୍ଦୋଳନ କରିଆସିଛି। ନାଳ ନର୍ଦ୍ଦମା ସମସ୍ୟା ନେଇ, ଜାଇକା ଯନ୍ତ୍ରଣା ନେଇ, ମଶା ଉପଦ୍ରବ ନେଇ ସହରର ମରଣଯନ୍ତା ସାଜିଥିବା ରାସ୍ତାଘାଟ ନେଇ, ପାନୀୟ ଜଳ ସମସ୍ୟା ନେଇ, ବଡ ଡାକ୍ତରଖା, ଶିଶୁ ଭବନ ଓ ସହରର ଅନ୍ୟାନ୍ୟ ଡାକ୍ତରଖାନାର ଅବ୍ୟବସ୍ଥା ନେଇ, ବିଦ୍ୟୁତ ଦେୟ ବୃଦ୍ଧି ସମସ୍ୟା ନେଇ, ବସ୍ତି ବାସିନ୍ଦାଙ୍କ ଥଇଥାନ ସମସ୍ୟା ନେଇ ଏବଂ ଷଡଯନ୍ତ୍ରମୂଳକ କଟକ ସହରର ବିଭିନ୍ନ ସାହିରେ ଥିବା ବହୁ ପ୍ରାଥମିକ ବିଦ୍ୟାଳୟ ସଂପୂର୍ଣ୍ଣ ବନ୍ଦ କରିଦେବା ବିରୁଦ୍ଧରେ ଆନ୍ଦୋଳନ କରିଥିଲେ ।



ମନୋଜବଂ ମାରୁତତୁଲ୍ୟବେଗଂ
ଜିତେନ୍ଦ୍ରିୟଂ ବୁଦ୍ଧିମତାଂ
ବରିଷ୍ଠମ୍ ।
ତ୍ମଜଂ ବାନରଯୂଥମୁଖ୍ୟଂ
ଶ୍ରୀରାମଦୂତଂ ଶରଣଂ
ପ୍ରପଦ୍ୟେ ॥

ସମ୍ପାଦକୀୟ

# ରଷ ଯୁଦ୍ଧରୁ କ୍ଷାନ୍ତ ହେଉ

ୟୁକ୍ରେନକୁ ନେଇ ଏବେ ବିଶ୍ୱର ଦୁଇ ବୃହତ ଶକ୍ତି ରଷ ଓ ଆମେରିକା ଯେପରି ମୁହାଁମୁହିଁ ହୋଇଛନ୍ତି, ଏବେ ଯେକୌଣସି ସମୟରେ ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯିବା ଅବଶ୍ୟମ୍ଭାବୀ ହୋଇପଡିଛି। ୟୁକ୍ରେନର ଦୁଇଟି ଅଂଚଳ ଲୁହାନସ୍କ ଓ ଡୋନୋସ୍କକୁ ରଷ ରାଷ୍ଟ୍ରପତି ଭ୍ଲାଡିମାର ପୁଟିନ ସ୍ୱାଧୀନ ରାଷ୍ଟ୍ର ଭାବେ ଘୋଷଣା କରିବା ପରେ ତୃତୀୟ ବିଶ୍ୱଯୁଦ୍ଧ ଲାଗିଯିବା ଆଶଙ୍କା ସୃଷ୍ଟି ହୋଇଛି। ଗୋଟିଏ ପଟେ ରଷ ସେନା ଏବେ ୟୁକ୍ରେନ ଅଭିମୁଖେ ଅଗ୍ରସର ହେଉଥିବାବେଳେ ଆମେରିକା ନେତୃତ୍ୱାଧୀନ ଉତର ଆଟଲାଂଟିକ୍ ଚୁକ୍ତି ସଂଗଠନ (ନାଟୋ) ସେନା ମଧ୍ୟ ୟୁକ୍ରେନ ସୀମାରେ ଉପସ୍ଥିତ ହୋଇସାରିଲାଣି। କହିବା ବାହୁଲ୍ୟ ଯେ, ୧୯୯୧ ପୂର୍ବରୁ ସଂଯୁକ୍ତ ସୋଭିଏତ୍ ରଷ ନେତୃତ୍ୱରେ "ୱାର୍ସା" ମେଂଟ ଓ ଆମେରିକା ନେତୃତ୍ୱରେ 'ନାଟୋ' ମେଂଟ ବିଶ୍ୱରେ ଦୁଇଟି ବୃହତ ମେଂଟ ଭାବେ ପରିଚିତ ଥିଲେ ଏବଂ ଦୁଇ ମେଂଟ ମଧ୍ୟରେ ଶୀତଳ ଯୁଦ୍ଧ ଲାଗି ରହିଥିଲା। ୧୯୯୧ ରେ ସଂଯୁକ୍ତ ସୋଭିଏତ ରଷର ବିଲୟ ପରେ ଆମେରିକା ବିଶ୍ୱରେ ଏକମାତ୍ର ବୃହତ ଶକ୍ତି ଭାବେ ପରିଚୟ ବଜାୟ ରଖିଛି। ଅନ୍ୟପକ୍ଷରେ ସଂଯୁକ୍ତ ସୋଭିଏତ ରଷର ବିଲୟ ପାଇଁ ଆମେରିକା ନେତୃତ୍ୱାଧୀନ 'ନାଟୋ' ମେଂଟର ହାତ ଥିବା ଅଭିଯୋଗ ହୋଇଆସୁଛି। ୟୁକ୍ରେନର ଦୁଇ ଭୂଖଣ୍ଡ 'ଲୁହାନସ୍କ' ଏବଂ 'ଡୋନେସ୍କ'କୁ ରଷ ସ୍ୱାଧୀନ ରାଷ୍ଟ୍ରର ମାନ୍ୟତା ଦେବା ପରେ ଏବେ ପୁଣି ଦୁଇ ମହାଶକ୍ତି ମୁହଁମୁହିଁ ହୋଇଛନ୍ତି। ଆମେରିକା ଜର୍ମାନ, ବ୍ରିଟେନ, କାନାଡା ସମେତ ନାଟୋ ମେଂଟଭୁକ୍ତ ବହୁ ରାଷ୍ଟ୍ର ରଷ ଉପରେ ଆର୍ଥୀକ କଟକଣା ଜାରି କରିଛନ୍ତି। କଟକଣା ଯୋଗୁଁ ରଷର ଅର୍ଥନୀତି ଦୁର୍ବଳ ହୋଇପାରେ। ମାତ୍ର ନାଟୋ ମେଂଟଭୁକ୍ତ ୟୁରୋପୀୟ ରାଷ୍ଟ୍ରଗୁଡିକର କଟକଣା ସେଭଳି କୌଣସି ପ୍ରଭାବ ପକାଇ ନପାରେ। ଅନ୍ୟପଟେ ରଷ ଯଦି ପାଲଟା ପଦକ୍ଷେପ ନିଏ, ତେବେ ୟୁରୋପୀୟ ରାଷ୍ଟ୍ରଗୁଡିକର ଅର୍ଥନୀତି କ୍ଷତିଗ୍ରସ୍ତ ହେବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ରଷର ହେଉଛି ସର୍ବାଧିକ ପ୍ରାକୃତିକ ଗ୍ୟାସ ଉତ୍ପାଦନକାରୀ ରାଷ୍ଟ୍ର ଏବଂ ପ୍ରାକୃତିକ ଗ୍ୟାସ ରପ୍ତାନୀକାରୀ ରାଷ୍ଟ୍ର ମଧ୍ୟ ୟୁକ୍ରେନ-ରଷ ବିବାଦ ଯୋଗୁଁ ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳର ବ୍ୟାରେଲ୍ ପିଛା ମୂଲ୍ୟ ଏବେ ୧୦୦ ଡଲାରକୁ ବଢିଛି। ଏହାର ପ୍ରଭାବରେ ପୋଟ୍ରୋଲିୟମଜାତ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇବା ସହ ବିଭିନ୍ନ ଅତ୍ୟାବଶୀକୀୟ ସାମଗ୍ରୀର ମୂଲ୍ୟ ଅହେତୁକ ବୃଦ୍ଧି ପାଇବ। ଉଲ୍ଲେଖଯୋଗ୍ୟ ଯେ, ସୋଭିଏତ ରଷର ବିଲୟ ପୂର୍ବରୁ ୟୁକ୍ରେନ ରଷର ଅଂଶ ବିଶେଷ ଥିଲା। ମାତ୍ର ୟୁକ୍ରେନ ୨୦୦୨ ମସିହାରୁ ନାଟୋ ମେଂଟରେ ଯୋଗଦେବାକୁ ପ୍ରୟାସ ଆରମ୍ଭ କରିବା ପରଠାରୁ ରଷ ଏହାକୁ ବିରୋଧ କରିଆସୁଛି। ଗୋଟିଏ ପଟେ ୟୁକ୍ରେନ'କୁ ନେଇ ନାଟୋ'ର ଶକ୍ତି ବୃଦ୍ଧି ପାଇଁ ଆମେରିକା ଉଦ୍ୟମ କରୁଥିବାବେଳେ ରଷର ବିରୋଧ ଯୋଗୁଁ ଦୁଇ ମହାଶକ୍ତି ମୁହଁମୁହିଁ ହେବା ସ୍ୱାଭାବିକ। ଏହି ସଂକଟକୁ ଏଡାଇବା ଜାତିସଂଘର ପ୍ରୟାସ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଜାତିସଂଘ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଲାଗି ପରାମର୍ଶ ଦେଇଛି। ସେହିପରି ଭାରତ ଓ ଚୀନ ମଧ୍ୟ ଉତ୍ତେଜନା ହ୍ରାସ ସହ ଶାନ୍ତି ବଜାୟ ରଖିବା ଲାଗି ଆହ୍ୱାନ ଦେଇଛନ୍ତି।

## ନୀତିବାଣୀ

ତତ୍ପରେ ସେ ପୁଣି କହିଲେ, ମୁଁ ସେହି ଭଗବାନଙ୍କୁ ପୁଣି ପ୍ରଣାମ ଜଣାଉଛି, ଯାହାଙ୍କର ମାୟାଶକ୍ତି ଯୋଗୁଁ ମୁଁ ନନ୍ଦମହାରାଜଙ୍କୁ ମୋର ସ୍ୱାମୀ ବୋଲି ଏବଂ କୃଷ୍ଣଙ୍କୁ ମୋର ପୁତ୍ର ବୋଲି ଭାବୁଛି । ପୁନଶ୍ଚ ସେହି ମାୟାଶକ୍ତିରେ ମୋହିତ ହୋଇ ମୁଁ ଭାବୁଛି ଯେ, ନନ୍ଦମହାରାଜାଙ୍କର ଥିବା ସମସ୍ତ ସମ୍ପତ୍ତି ମୋର ଏବଂ ସମସ୍ତ ଗୋପାଳ ଏବଂ ଗୋପୀକାବୃନ୍ଦ ମୋର ପ୍ରଜା। ଏସବୁ ଭ୍ରମଧାରଣ ଭଗବାନଙ୍କର ମାୟାଶକ୍ତି ଯୋଗୁଁ ଜାତ ହୋଇଅଛି । ତେଣୁ ମୁଁ ତାଙ୍କୁ ପ୍ରାର୍ଥନା କରୁଛି, ମୋତେ ସର୍ବଦା ରକ୍ଷା କରନ୍ତୁ ।'

ଯେତେବେଳେ ମାଆ ଯଶୋଦା ଏ ପ୍ରକାରେ ଉଚ୍ଚ ଦାର୍ଶନିକ ଚିନ୍ତାଧାରାରେ ମଗ୍ନଥିଲେ, ଠିକ୍ ସେତିକିବେଳେ ଭଗବାନ ଶ୍ରୀକୃଷ୍ଣ ତାଙ୍କୁ ମାତୃ ସୁଲଭ ସ୍ନେହରେ ଭୁଲାଇବା ନିମିତ୍ତ ନିଜର ଅନ୍ତରଙ୍ଗା ଶକ୍ତି ପ୍ରସାର କଲେ । ସାଙ୍ଗେ ସାଙ୍ଗେ ମାଆ ଯଶୋଦା ସମସ୍ତ ପ୍ରକାର ଦାର୍ଶନିକ ଚିନ୍ତା ଭୁଲିଗଲେ ଏବଂ ଶ୍ରୀକୃଷ୍ଣଙ୍କୁ ନିଜେ ସନ୍ତାନତୁଲ୍ୟ ଗ୍ରହଣ କରିନେଲେ । ସେ ତାଙ୍କୁ କୋଳରେ ନେଇ ବାତ୍ସଲ୍ୟ ସ୍ନେହରେ ବିହ୍ୱଳିତା ହୋଇପଡ଼ିଲେ । ସେ ଏହିପରି ଭାବିବାକୁ ଲାଗିଲେ, 'ସାଧାରଣ ଲୋକେ ଶ୍ରୀକୃଷ୍ଣଙ୍କୁ ସେମାନଙ୍କ ଭୌତିକ ଜ୍ଞାନ ବଳରେ ବୁଝିପାରିବେ ନାହିଁ । ସେ ଉପନିଷଦ, ବେଦାନ୍ତ କିମ୍ବା ଅଷ୍ଟାଙ୍ଗ ଯୋଗସାଧନା କିମ୍ବା ସାଂଖ୍ୟଦର୍ଶନ ସାହାଯ୍ୟରେ ବୁଝାଯାଇ ପାରିବେ। ତତ୍ପରେ ସେ ଭଗବାନଙ୍କୁ ନିଜ ଜନ୍ମିତ ପୁତ୍ର ରୂପେ ଭାବିବାକୁ ଲାଗିଲେ ।ବାସ୍ତବିକ୍ ମାଆ ଯଶୋଦା ଅନେକ ପୂଣ୍ୟକର୍ମ କରିଥିଲେ, ଯାହାଫଳରେ ସେ ପରମପୁରୁଷ ଭଗବାନଙ୍କୁ ନିଜ ପୁତ୍ର ରୂପେ ପାଇ ସ୍ତନ୍ୟପାନ କରାଇ ପାରିଥିଲେ । ଠିକ୍ ସେହିପରି ନନ୍ଦମହାରାଜ ମଧ୍ୟ ଅନେକ ପୁଣ୍ୟକର୍ମ ଓ ଯଜ୍ଞାନୁଷ୍ଠାନ କରିଥିଲେ, ଯାହାଫଳରେ ଭଗବାନ ଶ୍ରୀକୃଷ୍ଣଙ୍କୁ ପୁତ୍ର ରୂପେ ପାଇପାରିଲେ ଏବଂ ଭାଗବାନ ଶ୍ରୀକୃଷ୍ଣ ତାଙ୍କୁ ପିତା ବୋଲି ସମ୍ବୋଧନ କରିପାରିଲେ । କିନ୍ତୁ ଏହା ଆଶ୍ଚର୍ଯ୍ୟର କଥା ଯେ, ଯଦିଓ ଶ୍ରୀକୃଷ୍ଣ, ବସୁଦେବ ଓ ଦେବକୀଙ୍କ ନିଜ ପୁତ୍ର, ତଥାପି ସେମାନେ କୃଷ୍ଣଙ୍କର ବାଲ୍ୟଲୀଳାରୁ ଦିବ୍ରାଆନନ୍ଦ ପାଇପାରିଲେ ନାହିଁ । ଆଜିସୁଦ୍ଧା ଅନେକ ସାଧୁସନ୍ଥ ଓ ମହାତ୍ମା ଶ୍ରୀକୃଷ୍ଣଙ୍କର ବାଲ୍ୟଲୀଳାର ଗୌରବଗାନ କରୁଛନ୍ତି ; କିନ୍ତୁ ବସୁଦେବ ଓ ଦବେକୀ ଏ ପ୍ରକାର ଦିବ୍ୟ ବାଲ୍ୟଲୀଳାକୁ ଉପଭୋଗ କରିପାରିଲେ ନାହିଁ । ଏହାର କାରଣ ଶୁକଦେବ ଗୋସ୍ୱାମୀ ପରିକ୍ଷିତ ମହାରାଜଙ୍କୁ ନିମ୍ନଲିଖିତମତେ ଦର୍ଶାଉଛନ୍ତି ।

# ପ୍ରବାଦ ପୁରୁଷ ବିଜୁବାବୁଙ୍କ ଅଧୁରା ସ୍ୱପ୍ନ

(ବୁଦ୍ଧରାମ ସାହୁ)
ଖାରବେଳ ନଗର, ଭୁବନେଶ୍ୱର-୧
ମୋ-୯୪୩୭୧୭୯୦୪୭



୧୯୬୯ ମସିହା ବେଳକୁ ବିଜୁବାବୁ କଂଗ୍ରେସ ଛାଡିଲା ପରେ କଂଗ୍ରେସର ଯୁବ ସଂଗଠନ "ଯୁବ କଂଗ୍ରେସ" ଓ ଛାତ୍ର ସଂଗଠନ "ନିଖିଳ ଉତ୍କଳ ଛାତ୍ର ୟୁନିୟନ୍" ଦୁଇ ଭାଗ ହୋଇଯାଇଥିଲା ଓ ଅଧିକାଂଶ ଯୁବ ଓ ଛାତ୍ରନେତା ବିଜୁବାବୁଙ୍କୁ ସମର୍ଥନ କରିବା ଦ୍ୱାରା ବିଜୁବାବୁ ଉତ୍ସାହିତ ହେବା ସହିତ କଂଗ୍ରେସ ଦଳ ବହୁ ପୁରୁଖା ନେତାଙ୍କ ସମର୍ଥନ ଯୋଗୁଁ ଓଡ଼ିଶା ରାଜ୍ୟର ଉନ୍ନତି ପାଇଁ ଏକ ରାଜ୍ୟସ୍ତରୀୟ ଦଳ ଗଠନ କରିବାକୁ ମନସ୍ଥ କରିଥିଲେ। ପ୍ରାଦେଶିକ ଦଳ କରି ରାଜ୍ୟର ଉନ୍ନତି ପାଇଁ ବହୁ ଅର୍ଥନୀତିଜ୍ଞ, ବୁଦ୍ଧିଜୀବୀ, ବ୍ୟବସାୟୀ ଓ ପୁଞ୍ଜିପତିମାନେ ବିଜୁବାବୁଙ୍କ ପରୋକ୍ଷ ସମର୍ଥନ ଜଣାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

ବିଜୁବାବୁ ସେ ସମୟରେ ହୃଦୟଙ୍ଗମ କରିଥିଲେ ଯେ, ରାଜ୍ୟ ଶିଳ୍ପ କ୍ଷେତ୍ରରେ ଅନ୍ୟ ରାଜ୍ୟ ଅପେକ୍ଷା ବହୁ ପଛରେ ଅଛି। ରାଜ୍ୟରେ ଖଣିଜ ପଦାର୍ଥ ଥାଇ ମଧ୍ୟ ତାର ଉଚିତ ବିନିଯୋଗ ହୋଇପାରୁନି। ରାଜ୍ୟରେ ଶିଳ୍ପର ଉନ୍ନତି ଘଟିଲେ ବେକାରୀ ସମସ୍ୟା ଛାଏଁ ସମାଧାନ ହୋଇଯିବ। ରାଜ୍ୟବାସୀଙ୍କୁ ଏକାଠି କରିବା ସହିତ ଯୁବ ଛାତ୍ରଙ୍କୁ ଏଥିରେ ସାମିଲ କରିବା ସହିତ ରାଜ୍ୟକୁ ସୁସଂଗଠିତ କରି ଶିଳ୍ପକ୍ଷେତ୍ରରେ ଅଗ୍ରଣୀ କରିବା ବିଜୁବାବୁଙ୍କ ଏକମାତ୍ର ସ୍ୱପ୍ନ ଓ ପରିକଳ୍ପନା ଥିଲା।

ତାଙ୍କର ପ୍ରଥମ ପରିକଳ୍ପନା ଥିଲା – ରାଜ୍ୟରେ ରାଉରକେଲା ପରି ଦ୍ୱିତୀୟ ଇସ୍ପାତ କାରଖାନା ନିର୍ମାଣ, କାରଣ କେଉଁଝର ଜିଲ୍ଲାର ଭରପୂର କଂଚାମାଲକୁ ସଦ୍‌ଉପଯୋଗ ଏହାଦ୍ୱାରା ସୁବିଧାରେ ହୋଇପାରିବ। ଏଥିପାଇଁ ରାଜ୍ୟ ବାହାରୁ ପୁଞ୍ଜି ବିନିଯୋଗ କରାଯିବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇପାରିବ। ଏହା ନିର୍ମାଣ ହେଲେ ବହୁ ବେକାର ଯୁବକ କର୍ମସଂସ୍ଥାନ ପାଇପାରିବେ। ବିଜୁ ବାବୁ ଏହି ସ୍ୱପ୍ନକୁ ସାକାର କରିବାକୁ ଚେଷ୍ଟା କରିଥିଲେ ଯେତେବେଳେ ସେ ୧୯୭୭ରେ ଜନତା ସରକାରରେ କେନ୍ଦ୍ରରେ ଇସ୍ପାତ ମନ୍ତ୍ରୀ ହୋଇଥିଲେ, ସେ ସମୟରେ ସେ ରାଜ୍ୟରେ ଦ୍ୱିତୀୟ ଇସ୍ପାତ କାରଖାନା କରି ନପାରିଥିଲେ ମଧ୍ୟ ରାଜ୍ୟରେ ନାଲ୍‌କୋ ପରି ଆଲୁମିନିୟମ୍ କାରଖାନା ସ୍ଥାପନର ପରିକଳ୍ପନା କରିଥିଲେ। ତାଙ୍କ ସମୟରେ ଏ ପ୍ରୋଜେକ୍ଟ ଏବଂ ଅନୁଗୁଳଠାରେ ସ୍ଥାନର ନିରୂପଣ କରାଯାଇଥିଲା। ବିଜୁବାବୁ ୧୯୯୦ରେ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ପ୍ରବାସୀ ଭାରତୀୟ ଶିଳ୍ପପତି ସ୍ୱରାଜ ପାଇଲଙ୍କୁ ଆଣି କେଉଁଝର ଜିଲ୍ଲାର ଯଖପୁରଠାରେ ଦ୍ୱିତୀୟ ଇସ୍ପାତ କାରଖାନାରେ ଶୁଭ ଦେଇଥିଲେ। ସମୟକ୍ରମେ ସେଠାରେ ଜିନ୍ଦଲ, ଟାଟା ନୀଳାଚଳ, ଭିଷାସିଷ୍ଟଲ୍, ମେସ୍କୋ ପ୍ରଭୃତି ଶିଳ୍ପ ପ୍ରତିଷ୍ଠା ହୋଇ ତାହା କଳିଙ୍ଗନଗର ଶିଳ୍ପାଚଂଳରେ ପରିଣତ ହୋଇପାରିଥିଲା।

ତାଙ୍କର ଦ୍ୱିତୀୟ ପରିକଳ୍ପନା ଥିଲା ଦକ୍ଷିଣ ପୂର୍ବ ରେଳପଥର ମୁଖ୍ୟ କାର୍ଯ୍ୟାଳୟ କଲିକତାରୁ ଭୁବନେଶ୍ୱରକୁ ସ୍ଥାନାନ୍ତରିତ ହେବା। କାରଣ ଦକ୍ଷିଣ-ପୂର୍ବ ରେଳପଥର ଦୁଇ-ତୃତୀୟାଂଶ ଓଡ଼ିଶା ରାଜ୍ୟ ଭିତରେ ଅନ୍ତର୍ଭୁକ୍ତ। ଏହି ରେଳପଥରେ ରାଉରକେଲା, ତାଳଚେର, ଦୈତାରୀ ପ୍ରଭୃତି ସ୍ଥାନମାନଙ୍କରୁ ଲୁହାପଥର ଏବଂ କୋଇଲା ବାହାରକୁ ରପ୍ତାନୀ କରାଯାଉଥିଲା। ଇତି ମଧ୍ୟରେ ଦକ୍ଷିଣ ପୂର୍ବ ରେଳପଥର ମୁଖ୍ୟ କାର୍ଯ୍ୟାଳୟ ଓଡ଼ିଶା ରାଜ୍ୟକୁ ନଆସିଥିଲେ ମଧ୍ୟ ଓଡ଼ିଶାରେ ରେଳପଥ ଅଂଶକୁ ପୂର୍ବତଟ ରେଳପଥ ନାମରେ ନାମିତ କରି ତା'ର କାର୍ଯ୍ୟାଳୟ ଭୁବନେଶ୍ୱରର ଚନ୍ଦ୍ରଶେଖର ପୁରଠାରେ ସ୍ଥାପନ କରାଯାଇଥିଲା। ଏହି ରେଳପଥର କାର୍ଯ୍ୟାଳୟ ଭୁବନେଶ୍ୱରରେ ରହିବା ଦ୍ୱାରା ରେଲୱେ ରିକ୍ରୁଇଟ୍‌ମେଂଟ ବୋର୍ଡ ଏଠାରେ ରହି କାର୍ଯ୍ୟ କଲା ଏବଂ ସେଥିରେ ବହୁ ଓଡ଼ିଆ ବେକାର ଯୁବକ ଆତ୍ମନିଯୁକ୍ତି ପାଇଲେ। ଏହାକୁ ବିଜୁବାବୁ ଦ୍ୱିତୀୟ ଥର ମୁଖ୍ୟମନ୍ତ୍ରୀ ଥିଲାବେଳେ ପ୍ରଧାନମନ୍ତ୍ରୀ ଶ୍ରୀ ଦେବେଗୌଡାଙ୍କୁ ପ୍ରଭାବିତ କରି କଲିକତା ମୁଖ୍ୟ କାର୍ଯ୍ୟାଳୟରୁ ଏହାର ବୃହତ ଅଂଶ ଓଡ଼ିଶାକୁ ଆଣି ସ୍ଥାପିତ କରିଥିଲେ, ଯାହା ପରବର୍ତୀ ସମୟରେ ୨୦୦୩ ମସିହାରେ ନବୀନ ବାବୁଙ୍କ ମୁଖ୍ୟମନ୍ତ୍ରୀତ୍ୱ ଏବଂ ଶ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ଏହା ପୂର୍ଣ୍ଣ କାର୍ଯ୍ୟକ୍ରମ ହେଲା ଓ ତା' ପରଠାରୁ ରାଜ୍ୟରେ ରେଳପଥର ପୁନର୍ବିନ୍ୟାସ ଘଟିଥିଲା। ବିଜୁବାବୁଙ୍କ ତୃତୀୟ ଓ ଶେଷ ପରିକଳ୍ପନା ଥିଲା ତାଳଚେର ଓ ବିମଳାଗଡର ରେଳପଥ ସଂଯୋଗୀକରଣ। ତାଳଚେର ଓ ସୁନ୍ଦରଗଡର ବିମଳାଗଡ। ଯାହା ରାଉରକେଲାଠାରୁ ମାତ୍ର ୪୦ କି.ମି. ଦୂରରେ ଅବସ୍ଥିତ ଓ ତାଳଚେର ବିମଳାଗଡର ସଂଯୋଗକ ହେଲେ ତାହା ରାଉରକେଲାଠାରୁ ସିଧାସଳଖ ରାଜ୍ୟର ରାଜଧାନୀ ଭୁବନେଶ୍ୱର ସହିତ ସଂଯୋଗକ ହେବ। ଏହାଦ୍ୱାରା କୋଇଲା ଓ ଖଣିଜପଦାର୍ଥ ବାହାର ରାଜ୍ୟକୁ ରପ୍ତାନୀ କ୍ଷେତ୍ରରେ ସହଜ ହେବ। ଅନ୍ୟ ପଟେ ଏହି ରେଳସଂଯୋଗୀକରଣ ଦ୍ୱାରା ଭୁବନେଶ୍ୱରରୁ ରାଉରକେଲା ଭାୟା ସମ୍ବଲପୁର ରୋଡ ରାସ୍ତା ପ୍ରାୟ ୧୫୦ କିମି କମିଯିବ। ତାଳଚେରଠାରୁ ରାଉରକେଲା ମଧ୍ୟରେ ଦେବଗଡ, ପାଲଲହଡା, ଛେଣ୍ଡିପଦା, ତେଲକୋଇ ଓ ବଣେଇ ମଧ୍ୟରେ ଯୋଗାଯୋଗ ସୃଷ୍ଟି ହେବା ସଙ୍ଗେ ସେ ଅଂଚଳର ଜନସାଧାରଣଙ୍କର ଅର୍ଥନୈତିକ ଓ ସାମଜିକ କ୍ଷେତ୍ରରେ ଉନ୍ନତି ହୋଇପାରିବ। ବିଭିନ୍ନ ସ୍ଥାନରେ ପର୍ଯ୍ୟଟନ ଶିଳ୍ପର ପ୍ରସାର ହେବା ସଙ୍ଗେ ସଙ୍ଗେ ସେ ଅଂଚଳରେ ସାଂସ୍କୃତିକ କ୍ଷେତ୍ରରେ ମଧ୍ୟ ଅଗ୍ରଗତି ପରିଲକ୍ଷିତ ହେବ।

କିନ୍ତୁ ଦୁର୍ଭାଗ୍ୟକୁ ବିଜୁବାବୁଙ୍କ ତୃତୀୟ ଓ ଶେଷ ପରିକଳ୍ପନା ତାଙ୍କ ଜୀବନକାଳରେ ଫଳପ୍ରଦ ହୋଇପାରିନଥିଲା। ଏକଦା ବିଜୁବାବୁଙ୍କ ଏହା ଏକ ଶେଷ ସ୍ୱପ୍ନ ହୋଇଥିଲେ ମଧ୍ୟ ତାହାକୁ ସେ କାର୍ଯ୍ୟକାରୀ କରିବାକୁ ସୁଯୋଗ ପାଇପାରିନଥିଲେ। ଏହା ବହୁଦିନର ପରିକଳ୍ପନା ଓ ପ୍ରସ୍ତାବ ଥିଲେ ମଧ୍ୟ କୌଣସି ରାଜ୍ୟ ସରକାର ବା କେନ୍ଦ୍ର ସରକାର ଏହାକୁ ଫଳପ୍ରଦ କରିବାକୁ ଚିନ୍ତା କରିନଥିଲେ। ଏପରିକି ବିଜୁବାବୁଙ୍କ ଦେହାନ୍ତ ପର୍ଯ୍ୟନ୍ତ ଏକ ପ୍ରକଳ୍ପ ସମ୍ବନ୍ଧରେ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇଥିଲା। ୨୦୦୩-୦୪ ମସିହାରେ ସେ ସମୟର ବିଜେଡି ପାର୍ଲିଆମେଂଟ ସଦସ୍ୟଙ୍କ ଚାପରେ କେନ୍ଦ୍ରରେ ନୀତିଶକୁମାର ରେଳମନ୍ତ୍ରୀ ଥିଲାବେଳେ ଏହା କ୍ୟାବିନେଟରେ ଅନୁମୋଦନ କରି ୨୦୧୮ ସୁଦ୍ଧା ଏହି ପ୍ରକଳ୍ପ ନିର୍ମାଣ ପାଇଁ ବଜେଟରେ ୮୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟୟ ବରାଦ ଦାବି ଉପସ୍ଥାପିତ କରିଥିଲେ। ଏହି ରେଳପଥ ସଂଯୋଗୀକରଣ ଦ୍ୱାରା ରାଉରକେଲା ସହିତ ରାଜଧାନୀ ଭୁବନେଶ୍ୱରର ଦୂରତା ହ୍ରାସ ହେବା ସଙ୍ଗେ ସଙ୍ଗେ କୋଇଲା ଓ ଖଣିଜ ପଦାର୍ଥର ପରିବହନ କ୍ଷେତ୍ର ତ୍ୱରାନ୍ୱିତ ହେଲା।

ଏପରି ସ୍ଥିତିରେ ରାଜ୍ୟକୁ ଶିଳ୍ପକ୍ଷମ ଓ ବେକାରୀ ସମସ୍ୟା ଦୂରୀକରଣ ପାଇଁ ତାଙ୍କ ମନରେ ସ୍ୱତଃ ୩ଟି ପ୍ରସ୍ତାବ ଜାଗ୍ରତ ହୋଇଥିଲା। (୧) ରାଜ୍ୟର ଖଣିଜ ପଦର୍ଥର ଉପଯୋଗ ପାଇଁ ରାଉରକେଲା ଭଳି ଦ୍ୱିତୀୟ ଇସ୍ପାତ କାରଖାନା। (୨) ରେଳ ବିକାଶ ପାଇଁ ଦକ୍ଷିଣପୂର୍ବ ରେଳପଥର ମୁଖ୍ୟ କାର୍ଯ୍ୟାଳୟ କଲିକତାରୁ ଓଡ଼ିଶାକୁ ସ୍ଥାନାନ୍ତର। (୩) ରାଜ୍ୟରେ କୋଇଲା ଓ ଖଣିଜ ସମ୍ପଦର ବିନଯୋଗ ପାଇଁ ତାଳଚେର-ବିମଳାଗଡ ରେଳପଥ ନିର୍ମାଣ। ସେ ସମୟରେ ବିଜୁବାବୁଙ୍କ ଅଧୁରା ସ୍ୱପ୍ନ କହିଲେ ଏହି ତିନୋଟି ପ୍ରକଳ୍ପର ପରିକଳ୍ପନା ଅଟେ। ବିଜୁବାବୁ ରାଜ୍ୟକୁ ଶିଳ୍ପାୟନ ତଥା ବେକାରୀ ସମସ୍ୟା ଦୂରୀକରଣ ପାଇଁ ରାଜ୍ୟର ଯୁବଶକ୍ତିକୁ ଏକତ୍ରିତ କରାଗଲେ, ରାଜ୍ୟରେ ଶାସନଭାର ଅକ୍ତିଆର କରିବା ସମ୍ଭବ ବୋଲି ସେ ନିଶ୍ଚିତ ଥିଲେ। ସେ ଜାଣିଥିଲେ ଏହାକୁ କାର୍ଯ୍ୟକାରୀ କରିବାକୁ ହେଲେ କେନ୍ଦ୍ରର ସାହାଯ୍ୟ ନିହାତି ଆବଶ୍ୟକ। ତେଣୁ ଯୁବ ଓ ଛାତ୍ର ସମାଜକୁ ଏଥିପାଇଁ ନେତୃତ୍ୱ ନେଇ ଦିଲ୍ଲୀ ଦରବାରରେ ନିଜ ରାଜ୍ୟର ଦାବି ଉପସ୍ଥାପିତ କରିବାକୁ ନିଷ୍ପତି ନେଇଥିଲେ। ସେ ନିଜ ସମର୍ଥକ, ଯୁବନେତା ଓ ଛାତ୍ରନେତାଙ୍କୁ ନେଇ ଏକ ସଂଗଠନ କରାଯିବାକୁ ପ୍ରସ୍ତାବ ଦେଇଥିଲେ। ବିଜୁବାବୁଙ୍କ ପରୋକ୍ଷ ପ୍ରୋତ୍ସାହନରେ ରାଜ୍ୟରେ ବଛାବଛା ଯୁବନେତାଙ୍କୁ ନେଇ "ଓଡ଼ିଶା ଯୁବଛାତ୍ର ସଂଗ୍ରାମ ସମିତି" ଗଠନ କରାଯାଇଥିଲା। ସେମାନେ ଏହି ୩ଟି ଦାବିକୁ ନେଇ ରାଜ୍ୟରେ ପ୍ରଥମେ ଜନମତ ସୃଷ୍ଟି କରିବା ଉଦ୍ଦେଶ୍ୟରେ "ଓଡ଼ିଶା ବନ୍ଦ"ର ଆହ୍ୱାନ ଦେଇଥିଲେ ଏବଂ ଏହି ବନ୍ଦ ପାଳନକୁ ରାଜ୍ୟବାସୀ ସମ୍ପୂର୍ଣ୍ଣ ଭାବେ ସଫଳ କରିଥିଲେ। ପରେ ପରେ ୧୯୭୦ ମସିହା ସେପ୍ଟେମ୍ବର ୨୪ ତାରିଖରେ ରାଜ୍ୟର ୫୦ ଜଣ ପ୍ରମୁଖ ଯୁବ ଓ ଛାତ୍ରନେତାଙ୍କ ନେତୃତ୍ୱରେ ଏହି ସଂଗଠନ ଦିଲ୍ଲୀ ଯାତ୍ରା କରିଥିଲେ। ୨୭ ତାରିଖରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ବାସଭବନ ସମ୍ମୁଖରେ ଏହି ତିନୋଟି ଦାବିକୁ ନେଇ ଧାରଣା, ବିକ୍ଷୋଭ ପ୍ରଦର୍ଶନ କରି ସଂଗ୍ରାମୀ ଯୁବନେତାମାନେ ଗିରଫ ହେଲେ। ସେମାନଙ୍କୁ ୮ ଦିନ ତିହାର ଜେଲରେ ବନ୍ଦୀ ଭାବେ ରଖିଲା ପରେ ନିଜସ୍ୱ ବଣ୍ଡରେ ଖଲାସ କରି ଦିଆଯାଇଥିଲା। "ଉତ୍କଳ ଯୁବଛାତ୍ର ସଂଗ୍ରାମ ସମିତି" ସଂଗଠନର ଛାମୁଆଁ ନେତାମାନଙ୍କ ଭିତରୁ ପୂର୍ବତନ ଯୁବନେତା ସର୍ବଶ୍ରୀ ଶ୍ରୀକାନ୍ତ ଜେନା, ବିଜୟ ମହାପାତ୍ର, ପ୍ରଫେସର ଧନେଶ୍ୱର ସାହୁ ଏବଂ ଭବାନୀ ଶଙ୍କର ମହାପାତ୍ର ପ୍ରମୁଖଙ୍କ ସହିତ ମୋ ଭଳି କିଛି ହାତଗଣତି ନେତା ବର୍ତମାନ ସୁଦ୍ଧା ରାଜନୈତିକ ଓ ସାମାଜିକ ସ୍ତରରେ ପ୍ରତିଷ୍ଠିତ ରହି ନିଜର ରାଜନୈତିକ ସ୍ଥିତି ବଜାୟ ରଖିଛନ୍ତି।

ଏହା ହିଁ ପ୍ରବାଦପୁରୁଷ ବିଜୁବାବୁଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ପ୍ରଥମ ପଦକ୍ଷେପ। ଓଡିଶା ବନ୍ଦ ସଫଳ ହେବା ଏବଂ ରାଜ୍ୟର ବହୁ ଯୁବ ଛାତ୍ରନେତା ଦିଲ୍ଲୀଠାରେ ଇନ୍ଦିରାଗାନ୍ଧୀଙ୍କ ଗୃହ ସାମନାରେ ବିକ୍ଷୋଭ ପ୍ରଦର୍ଶନ କରି ଗିରଫ ହେବା ବିଜୁବାବୁଙ୍କ ମନରେ ନୈତିକ ସମର୍ଥନ ଦେଇଥିଲା। ଏହା ପରେ ପରେ ହଠାତ୍ କେନ୍ଦ୍ରରେ ଇନ୍ଦିରା ଗାନ୍ଧୀ ମଧ୍ୟବର୍ତୀକାଳୀନ ନିର୍ବାଚନ ଘୋଷଣା କଲେ। ଏ ପରିସ୍ଥିତିରେ ବିଜୁବାବୁ ତୁରନ୍ତ ନିଜ ସମର୍ଥକଙ୍କୁ ନେଇ ଏକ ପ୍ରାଦେଶିକ ଦଳ 'ଉତ୍କଳ କଂଗ୍ରେସ' ଗଠନ କଲେ ଏବଂ ଏହାର ନିର୍ବାଚନ ଚିହ୍ନ ରଖିଥିଲେ 'ଚକ ଓ ଲଙ୍ଗଳ'। ଏହି ନିର୍ବାଚନ ବିଜୁବାବୁଙ୍କ ଥିବା ସ୍ୱପ୍ନକୁ ସାକାର କରିବା ପାଇଁ ଦଳୀୟ ଇସ୍ତାହାରରେ ଏହା ରାଜ୍ୟ ଗଠନର ମୁଖ୍ୟ ଦାବି ଥିଲା। ପ୍ରବାଦପୁରୁଷ ବିଜୁବାବୁଙ୍କ ଅଧୁରା ସ୍ୱପ୍ନ କ'ଣ ଥିଲା – ଏ ସମ୍ବନ୍ଧରେ ବହୁ ଲୋକଙ୍କ ବହୁ ମତ ଥାଇପାରେ। ବରିଷ୍ଠ ରାଜନୈତିକ ସମୀକ୍ଷକ, ରାଜନେତା, ସହଯୋଗୀ ଓ ବରିଷ୍ଠ ସାମ୍ବାଦିକ ପ୍ରମୁଖ ହୁଏତ ଏହି ମତକୁ କେତେଦୂର ସମର୍ଥନ କରିପାରନ୍ତି କହିପାରିବନି, କିନ୍ତୁ ଛାତ୍ର ଜୀବନରୁ ଦୀର୍ଘ ୨୮ବର୍ଷ କାଳ ବିଜୁବାବୁଙ୍କ ପାଖରେ ସଂଗଠକ ଭାବେ ରହି ତାଙ୍କର ଅଧୁରା ସ୍ୱପ୍ନ କ'ଣ ତାହାର ମୁଁ ନିଶ୍ଚିତ ଭାବେ ପରଖି ପାରିଥିଲି।

# ନ୍ୟାୟ ବିନା ବିଶ୍ୱରେ ଶାନ୍ତି ଅସମ୍ଭବ

ମୌଲାନା ଫଜଲ ହକ ଖାନ୍
ଭୁବନେଶ୍ୱର-
୯୬୯୨୨୨୫୦୫୭



ଶାନ୍ତି ଓ ନ୍ୟାୟ ପରସ୍ପରର ପରିପୁରକ ଅପରିହାର୍ଯ୍ୟ ମଧ୍ୟ । ନ୍ୟାୟ ନଥିଲେ ଶାନ୍ତିର ଉଦ୍ଦେଶ୍ୟ ସାଧିତ ହୋଇପାରିବ ନାହିଁ । ଏବଂ ଶାନ୍ତି ବିନା ନ୍ୟାୟ ତିଷ୍ଠି ରହିବା ସମ୍ଭବ ନୁହେଁ । ଏହି ମୌଳିକ ନିୟମକୁ ସମସ୍ତ ବୁଦ୍ଧିମାନ ଏବଂ ଅଭିଜ୍ଞ ବ୍ୟକ୍ତି ହୃଦୟଙ୍ଗମ କରିବା ଆବଶ୍ୟକ । ଯେଉଁମାନେ ସମାଜରେ ବିଶୃଙ୍ଖଳା ସୃଷ୍ଟି କରନ୍ତି ଯଦି ସେମାନଙ୍କୁ ପୃଥକ ରଖି ବିଚାର କରାଯାଏ ତା ହେଲେ କୌଣସି ବ୍ୟକ୍ତି ଏହା କହିପାରିବ ନାହିଁ ଯେ ସମାଜ, ଦେଶ ଏପରିକି ପୃଥିବୀରେ କୌଣସି ସ୍ଥାନର ଯେଉଁ ସ୍ଥିତିରେ ଯାହା କିଛି ସଂସ୍କୃତି ହେଉପଛେ, ଯଦି ନ୍ୟାୟ ପ୍ରଦାନ ଏବଂ ନିରପେକ୍ଷତା ଅବଲମ୍ବନ କରାଯାଉଥିବ, ସେହିଠାରେ ବିଶୃଙ୍ଖଳା ଓ ଅଶାନ୍ତି ପ୍ରକାଶ ପାଇବ ନାହିଁ । ଏହା ସତ୍ତ୍ୱେ ପୃଥିବୀର ଅନେକାଂଶରେ ବିଶୃଙ୍ଖଳା ଏବଂ ଅସ୍ଥିରତାର ରାଜତ୍ୱ ଚାଲିଛି । କେଉଁଠି ଦେଶର ଆଭ୍ୟନ୍ତରିଣ କନ୍ଦଳ ଯୋଗୁଁ ସାମାଜିକ ବିଶୃଙ୍ଖଳା ସୃଷ୍ଟି ହେଉଛି ତ ଆଉ କେଉଁଠି ଦେଶ ବାହାରେ ଦେଶ ଦେଶ ମଧ୍ୟରେ, ଜାତି ଜାତି ମଧ୍ୟରେ ବିବାଦ ଓ ବର୍ଣ୍ଣବୈଷମ୍ୟବାଦ ମୁଣ୍ଡ ଟେକିଛି । ଯେକୌଣସି ସରକାରୀ ନୀତି ନ୍ୟାୟ ଉପରେ ପ୍ରତିଷ୍ଠିତ ବୋଲି ସମ୍ପୃକ୍ତ ଦେଶର ସରକାର ଯେତେ ଦାବୀ କରୁଥିଲେ ମଧ୍ୟ ଏବଂ ଶାନ୍ତି ପ୍ରଦାୟକ କାର୍ଯ୍ୟକୁ ପ୍ରାଥମିକତା ଦେବା ସେମାନଙ୍କ ମୂଳ ଲକ୍ଷ ବୋଲି ସେମାନେ ଯେତେ ବାହାସ୍ଫୋଟ ମାରୁଥିଲେ ମଧ୍ୟ ଏହି ବିଶୃଙ୍ଖଳାର ବିଷ ସର୍ବତ୍ର ବ୍ୟାପିଛି । ସାଧାରଣତଃ ଏଥିରେ ସନ୍ଦେହର ଅବକାଶ ନାହିଁ ଯେ ପୃଥିବୀରେ ଅସ୍ଥିରତା ଏବଂ ଉଦବେଗ ବୃଦ୍ଧି ପାଉଥିବା ଯୋଗୁଁ ବିଶୃଙ୍ଖଳା ବ୍ୟାପୁଛି । ଏହା ପ୍ରମାଣ କରୁଛି ଯେ କେଉଁଠି ନା କେଉଁଠି ନିଶ୍ଚୟ ନ୍ୟାୟର ଅଭାବ ରହିଛି । ଏବଂ ଏହାର ଆବଶ୍ୟକତାକୁ ପୂରଣ କରାଯାଉ ନାହିଁ । ସେଥିପାଇଁ ଯେଉଁଠାରେ ଓ ଯେଉଁ ସମୟରେ ଅସମତା ଦେଖା ଦେଉଛି, ତାକୁ ସମାପ୍ତ କରିବା ଅତ୍ୟନ୍ତ ଜରୁରୀ ।

ଅହମଦୀୟା ମୁସଲିମ ସଂଗଠନ ସମ୍ପୂର୍ଣ୍ଣ ରୂପେ ଏକ ନୈଷ୍ଠିକ ଧର୍ମଭିତିକ ସମ୍ପ୍ରଦାୟ । ପବିତ୍ର କୋରାନର ଅଧ୍ୟାୟ ୪, ଶ୍ଳୋକ ୧୩୬ରେ ଉଲ୍ଲେଖ କରାଯାଇଛି ଯେ ଯଦି ତୁମକୁ ନିଜ ବିଷୟରେ ବା ନିଜ ପିତା ମାତା କିମ୍ବା ନିକଟ ସଂପର୍କୀୟଙ୍କ ବିରୁଦ୍ଧରେ ଶାକ୍ଷ୍ୟ ଦେବାକୁ ପଡ଼େ ତାହେଲେ ସତ୍ୟ ଏବଂ ନ୍ୟାୟକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ତୁମେ ନିଶ୍ଚୟ ତାହା କର । କୌଣସି ଶକ୍ତିଶାଳୀ ଧନି ରାଷ୍ଟ୍ର, ଦରିଦ୍ର ତଥା ଦୁର୍ବଳ ଦେଶର ଅଧିକାରକୁ ବଳ ପୂର୍ବକ ଅଖତିଆର କରିବା ଉଚିତ୍ ନୁହେଁ । ଏବଂ ଗରିବ ଦେଶଗୁଡ଼ିକ ପ୍ରତି ଅନ୍ୟାୟ ମୂଳକ ବ୍ୟବହାର କରିବା ଉଚିତ୍ ନୁହେଁ । ଅନ୍ୟ ପକ୍ଷରେ ଗରିବ ଏବଂ ଦୁର୍ବଳ ଶ୍ରେଣୀର ଦେଶ କ୍ଷମତାଶାଳୀ ଏବଂ ଧନି ରାଷ୍ଟ୍ରର କ୍ଷତି ପହଂଚାଇବା ପାଇଁ ସବୁ ବେଳେ ସୁଯୋଗର ସଂନ୍ଧାନରେ ରହିବା ମଧ୍ୟ ଅନୁଚିତ୍ । ତେଣୁ ନ୍ୟାୟର ପନ୍ଥାକୁ ଦୃଢତାର ସହିତ ଧରି ରଖିବାର ପ୍ରଚେଷ୍ଟା ଉଭୟ ପକ୍ଷରୁ ହେବା ଉଚିତ୍ । ବିଭିନ୍ନ ଦେଶମାନଙ୍କ ମଧ୍ୟରେ ଶାନ୍ତିର ସଂପର୍କକୁ ଅକ୍ଷୁର୍ଣ୍ଣ ରଖିବା ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ।

ନ୍ୟାୟ ଉପରେ ଆଧାରିତ ଶାସନ ପ୍ରଚଳିତ ହେଉଥିବା ଦେଶମାନଙ୍କ ମଧ୍ୟରେ ଶାନ୍ତି ପାଇଁ ଅନ୍ୟ ଏକ ଆବଶ୍ୟକତାକୁ ପୂରଣ କରିବା ଦିଗରେ ପବିତ୍ର କୋରାନର ଅଧ୍ୟାୟ ୧୫, ଶ୍ଲୋକ ୮୯ରେ ଏହିପରି ବର୍ଣ୍ଣନା କରାଯାଇଛି, କୌଣସି ପକ୍ଷ ଅନ୍ୟ କୌଣସି ପକ୍ଷର ଧନ ଏବଂ ସମ୍ବଳ ପ୍ରତି ଈର୍ଷାନ୍ୱିତ ଭାବନା ପୋଷଣ ପୂର୍ବକ ଲୋଲୁପଦୃଷ୍ଟି ପକାଇବା ଆଦୌ ଉଚିତ୍ ନୁହେଁ । ସେହିପରି କୌଣସି ଦେଶ ଅନ୍ୟ ଦେଶର ସମ୍ପଦକୁ ସାହାଯ୍ୟ ସମର୍ଥନ କରୁଥିବାର ଆଳରେ ମିଥ୍ୟା ବାହାନା କରି ଅନ୍ୟାୟରେ ନିଜ ଅଖତିଆରକୁ ନେଇଯିବା କିମ୍ବା ଆତ୍ମସାତ କରିବା ଉଚିତ୍ ନୁହେଁ। ପୁଣି କୌଣସି ଦେଶର ସରକାର ବୈଷୟିକ ଜ୍ଞାନ କୌଶଳ ଯୋଗାଇଦେବା ଭିତିରେ ଅନ୍ୟାୟ ଶିଳ୍ପ ବାଣିଜ୍ୟ କାରବାର କରି ଅନ୍ୟ ଦେଶରୁ ଫାଇଦା ହାସଲ କରିବା ଅନୁଚିତ୍ । ସେହିପରି ନିଜ ଜ୍ଞାନ କୌଶଳର ସହାୟତା ଯୋଗାଇଦେବାକୁ ଆଧାରକରି ସେହି ଦେଶର ସରକାର ଅନ୍ୟ ବିକାଶଶୀଳ ରାଷ୍ଟ୍ରଗୁଡ଼ିକର ପ୍ରାକୃତିକ ସମ୍ପଦ ତଥା ମୂଲ୍ୟବାନ ସମ୍ପତିକୁ ନିଜ ଅଧୀନକୁ ନେବା ପାଇଁ ଚେଷ୍ଟା କରିବା ଉଚିତ୍ ନୁହେଁ। ବରଂ ସ୍ୱଦେଶରେ ଗଚ୍ଛିତ ପ୍ରାକୃତିକ ସମ୍ପଦର ସଦବିନିଯୋଗ କରିବା ପାଇଁ ନିଜ ଦେଶର ଅଳ୍ପ ଶିକ୍ଷିତ ଲୋକମାନଙ୍କୁ ବଡ଼ ବଡ଼ ଦେଶ ଦ୍ୱାରା ପ୍ରଶିକ୍ଷିତ କରାଗଲେ ତାହା ପ୍ରଥମୋକ୍ତ ଦେଶ ପାଇଁ ମଙ୍ଗଳ ଦାୟକ ହେବ । ପୃଥିବୀ ଆଜି ଏପରି ଏକ ଗୋଲାକାର ଗ୍ରାମରେ ପରିଣତ ହୋଇଛି, ଯାହା ଆଗରୁ କେବେ ବି ମନୁଷ୍ୟ କଳ୍ପନା କରିନଥିଲା। ତେଣୁ ଆମେ ମନୁଷ୍ୟ ହୋଇ ମାନବ ସମାଜ ପ୍ରତି ଆମର କ'ଣ ଦାୟିତ୍ୱ ରହିଛି ତାହା ଚିନ୍ତା କରିବା ଉଚିତ୍ । ମାନବିକ ଅଧିକାରର ସୁରକ୍ଷା ଦିଗରେ ଉପୁଜି ଥିବା ସମସ୍ୟାର ନିରାକରଣ ପାଇଁ ଆମକୁ ଅଧିକ ଧାନ ଦେବାକୁ ପଡ଼ିବ, ଫଳରେ ଏହା ଶାନ୍ତି ପ୍ରତିଷ୍ଠାରେ ସହାୟକ ହୋଇପାରିବ। ନ୍ୟାୟର ସମସ୍ତ ଆବଶ୍ୟକତା ପୂରଣ କରିବା ପାଇଁ ସ୍ୱଚ୍ଛ ମନରେ କାର୍ଯ୍ୟ କରିବା ଆମର ଏକ ସ୍ପଷ୍ଟ ଉପଲବ୍ଧି ହେବା ଉଚିତ୍। ତେଣୁ ପ୍ରତ୍ୟେକ ବ୍ୟକ୍ତିଙ୍କ ମାନସିକ ଭାବନାକୁ ସମ୍ମାନ ଜଣାଇଲେ ହିଁ ପ୍ରକୃତ ନ୍ୟାୟ ପ୍ରତିଷ୍ଠା ହୋଇପାରିବ । ଏହା ହେଉଛି ଏକ ମାତ୍ର ଉପାୟ, ଯାହା ଅବଲମ୍ବନ କରିବା ଦ୍ୱାରା ଲୋକଙ୍କର ମାନସିକ ଶାନ୍ତି ସନ୍ତୁଳିତ ହୋଇ ରହିପାରିବ । ଆମକୁ ମନେ ରଖିବା ଉଚିତ୍ ଯେ ଯଦି ଜଣେ ବ୍ୟକ୍ତିର ମାନସିକ ଶାନ୍ତି ବିକାରଗ୍ରସ୍ତ ହୋଇଯାଏ, ତା'ହେଲେ ସମଗ୍ର ସମାଜର ଶାନ୍ତି ମଧ୍ୟ ବ୍ୟାହତ ହେବ । ଇସଲାମର ଦିବ୍ୟ ଅବତାରଙ୍କ ଏପର ମୌଳିକ ନୀତି ଶିକ୍ଷା ଆମ ପାଇଁ ପ୍ରଣିଧାନ ଯୋଗ୍ୟ । ଶାନ୍ତି ବଜାୟ ରଖିବା ପାଇଁ ନ୍ୟାୟର ସର୍ବାଧିକ ଆବଶ୍ୟକତା ରହିଛି । ନ୍ୟାୟ ସଂଗତ ନୀତିକୁ ପରିହାର କରି ଶାନ୍ତି ପାଇଁ ଯେତେ ପ୍ରୟାସ କଲେ ମଧ୍ୟ ତାହା ବିଫଳ ହୁଏ । ତେଣୁ ଯେଉଁ ଗୋଷ୍ଠୀ ନ୍ୟାୟଭିତିକ ଆଇନ ଉଲଘଂନ କରିବା ଦ୍ୱାରା ଶାନ୍ତି ଭଙ୍ଗ କରୁଛି, ତୁମେ ଏକତ୍ରିତ ହୋଇ ଏହାର ପ୍ରତିରୋଧ କର ଏବଂ ଯେପର୍ଯ୍ୟନ୍ତ ସେମାନେ ନ୍ୟାୟ ସଂଗତ ବୁଝାମଣା ପୂର୍ବକ ଶାନ୍ତି ଫେରାଇ ଆଣିବାକୁ ପ୍ରସ୍ତୁତ ନହୋଇଛନ୍ତି, ସେପର୍ଯ୍ୟନ୍ତ ଏହି ସଂଗ୍ରାମ ଜାରି ରଖ ।

ବିଶ୍ୱରେ ଶାନ୍ତି ଫେରାଇ ଆଣିବାର ଆଉ ଏକ ପନ୍ଥା ପ୍ରତି ଆମର ଶିକ୍ଷା ହେଉଛି: ଅନ୍ୟ କାହାର ଧନ ଉପରେ ଲୋଲୁପ ଦୃଷ୍ଟି ପକାଅ ନାହିଁ। ପବିତ୍ର କୋରାନ କୁହେ ''ଏବଂ ଆମ୍ଭେ ଯାହା କିଛି ପାର୍ଥୀବ ଧନର ଚାକଚକ୍ୟ ସେମାନଙ୍କ ମଧ୍ୟରୁ କେତେକ ଶ୍ରେଣୀର ଲୋକଙ୍କୁ ପ୍ରଦାନ କରିଅଛୁ, ତୁମ୍ଭେ ତା' ଉପରେ ନିଜ ଦୃଷ୍ଟି ବିସ୍ତାରିତ କରି ଦେଖ ନାହିଁ । କାରଣ ସେମାନେ ଅତି ସ୍ୱଳ୍ପ ସମୟ ପାଇଁ ତାହାକୁ ଉପଭୋଗ କରିବେ, ତଦ୍ଦ୍ୱାରା ଆମ୍ଭେ ସେମାନଙ୍କୁ ପରୀକ୍ଷା କରିବୁ । (ପବିତ୍ର କୋରାନ ତା'ହା -୧୩୨)'' । ଈର୍ଷାପରାୟଣ ହୋଇ କାହାରି ଧନ ପ୍ରତି ଲୋଭାଶକ୍ତ ହେବା ଯୋଗୁଁ ପୃଥିବୀରେ ଅସ୍ଥିରତା ବୃଦ୍ଧି ପାଉଛି । ବ୍ୟକ୍ତିଗତ କ୍ଷେତ୍ରରେ ପଡ଼ୋଶୀମାନଙ୍କ ସହିତ ସାମାଜିକ ସ୍ତରରେ ସମାନ ହେବା ପାଇଁ ଯେଉଁ ଚେଷ୍ଟା କରାଯାଇଛି, ତାହା ଲାଳସା ବୃଦ୍ଧିର ସୀମା ଲଘଂନ କରୁଛି, ଫଳରେ ସେଥି ଯୋଗୁଁ ସାମାଜିକ ଶାନ୍ତି ବ୍ୟାହତ ହୋଇଛି । ଜାତୀୟ ସ୍ତରରେ ଏପରି ଲାଳସାର ପ୍ରତିଯୋଗିତା ଚାଲିଛି, ଯାହା ବିଶ୍ୱଶାନ୍ତିକୁ ନଷ୍ଟ କରୁଛି । ଅଲ୍ଲାଃ କୁହନ୍ତି ଯେ କେବଳ ନିଜସ୍ୱ ସମ୍ବଳ ପ୍ରତି ଦୃଷ୍ଟି ରଖି ଏହାର ଯତ୍ନ କଲେ ତହିଁରୁ ଜଣେ ବ୍ୟକ୍ତି ଲାଭବାନ ହୋଇପାରିବ ଓ ନିଜ କ୍ଷେତ୍ରର ପ୍ରାକୃତିକ ସଂପଦକୁ ଉପାର୍ଜନକ୍ଷମ କରିପାରିଲେ ତହିଁରୁ ପ୍ରଚୁର ଅର୍ଥଲାଭ କରିପାରିବ । ଆଜିର ବିଶ୍ୱ ପୂର୍ବାପେକ୍ଷା ଅଧିକ ସଂଯତ ଓ ସଚେତନ ଥିବାରୁ ସାଂପ୍ରତିକ ଶିକ୍ଷାର ମାନ ବହୁ ଉନ୍ନତ ବୋଲି ବିବେଚନା କରାଯାଉଛି । ଏପରିକି ଗରିବ ଦେଶରେ ଅନେକ ବିଜ୍ଞ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ଅଛନ୍ତି । ସେମାନେ ପୃଥିବୀର ବିଭିନ୍ନ ବଡ଼ ବଡ଼ ଗବେଷଣା କେନ୍ଦ୍ରରେ ନିଜର ପ୍ରଖର ବୁଦ୍ଧି ପ୍ରୟୋଗ କରି ଦେଶକୁ ସମୃଦ୍ଧଶାଳୀ କରିବାରେ ସାହାଯ୍ୟ କରିଥାନ୍ତି । ଏଥିରୁ ସହଜରେ ଅନୁମେୟ ହୁଏ ଯେ ଏକ ମନ ଏକ ପ୍ରାଣ ହୋଇ କାମ କଲେ ଅସତ୍ ଚିନ୍ତା ଓ ଭ୍ରାନ୍ତ ପଥକୁ ସଂପୂର୍ଣ୍ଣ ରୂପେ ପରିହାର କରିହେବ । ପବିତ୍ର କୋରାନର ଅଧ୍ୟାୟ ୪-ଶ୍ଳୋକ ୫୯ରେ ଅଲ୍ଲାଃ କହିଛନ୍ତି; ସେହିମାନଙ୍କୁ ଦେଶର ଶାସନ ବା ନ୍ୟାସ ଅର୍ପଣ କର, ଯେଉଁମାନେ ଏଥିପାଇଁ ଯୋଗ୍ୟ ବିବେଚିତ ହେଉଥିବେ ଓ ଲୋକଙ୍କ ମଧ୍ୟରେ ନ୍ୟାୟପୂର୍ଣ୍ଣ ଏବଂ ନିରପେକ୍ଷ ନିଷ୍ପତି ଗ୍ରହଣ କରୁଥିବେ । ଦେଶ ପ୍ରତି ଆମର ନୈତିକ କର୍ତବ୍ୟ ହେଉଛି, ସେହି ବ୍ୟକ୍ତିଙ୍କ ହାତରେ ଶାସନ କ୍ଷମତା ଦିଆଯାଉ ଯେଉଁମାନେ ଶାସନ କରି ଦେଶ ଚଳାଇବା ପାଇଁ ଉପଯୁକ୍ତ । ଏହା ହିଁ ପ୍ରକୃତ ଦେଶଭକ୍ତିର ପରିଚାୟକ । ଏହି ନୀତିକୁ ଆପଣାର କରିପାରିଲେ ଜାତିର ପ୍ରଗତି ସମ୍ଭବ ହୋଇପାରିବ ଏବଂ ପୃଥିବୀରେ ତାହା ଏକ ଅଗ୍ରଣୀ ଦେଶ ରୂପେ ପରିଗଣିତ ହୋଇପାରିବେ ।

ଆଜି ଅହମଦୀୟା ମୁସଲିମ ସଂପ୍ରଦାୟ ପୃଥିବୀରେ ଶାନ୍ତି ପ୍ରତି ଆହ୍ୱାନ କରି ଅନବରତ ସ୍ୱର ଉତ୍ତୋଳନ କରିଆସୁଛି । ଆମ ହୃଦୟରେ ଉଦବେଳିତ ହେଉଥିବା ଦୁଃଖ ଓ ଯନ୍ତ୍ରଣା ମାନବ ଜାତି ଭୋଗ କରୁଥିବା ସମସ୍ତ କଷ୍ଟ ଓ ମାନସିକ ପୀଡ଼ା ଲାଘବ କରିବା ସକାଶେ ଆମକୁ ପ୍ରବର୍ତାଇଥାଏ। ସେମାନଙ୍କ ପ୍ରତି ସମବେଦନା ପ୍ରକାଶ କରିବା ଦ୍ୱାରା ଆମେ ଯେପରି ଭଲରେ ଅଛୁ, ସେହିପରି ସେମାନଙ୍କୁ ବଂଚିବାର ପ୍ରେରଣା ମଧ୍ୟ ମିଳେ । ତେଣୁ ଆମର ଲକ୍ଷ୍ୟ ହାସଲ କରିବା ଦିଗରେ ଆମେ କରୁଥିବା ଉଦ୍ୟମଗୁଡ଼ିକ ମଧ୍ୟରେ ଏହା ଏକ ସମୁଚିତ ପ୍ରୟାସ।

# କୂଟନୀତି ଓ କଥାବାର୍ତ୍ତା ଜରିଆରେ ୟୁକ୍ରେନ ସଙ୍କଟ ଦୂର ହେଉ: ପ୍ରଧାନମନ୍ତ୍ରୀ ମୋଦି



ନୂଆଦିଲ୍ଲୀ: ଋଷ-ୟୁକ୍ରେନ ମଧ୍ୟରେ ଲାଗିରହିଛି ଯୁଦ୍ଧ ବିଭୀଷିକା । ଯୁଦ୍ଧକୁ ନେଇ ଅନେକ ଦେଶ ଋଷ ଉପରେ ବିଭିନ୍ନ ପ୍ରତିବନ୍ଧକ ଲଗାଇଛନ୍ତି । ଏମିତିକି ଜାତିସଂଘରେ ମଧ୍ୟ ଋଷ ଯୁଦ୍ଧ ବନ୍ଦ କରିବାକୁ ଅଧିକାଂଶ ଦେଶ ସମର୍ଥନ କରିଛନ୍ତି । ସେପଟେ ଋଷ-ୟୁକ୍ରେନ ସଂକଟ ମଧ୍ୟରେ କ୍ୱାଡ ବୈଠକ ହୋଇଛି । ଆମେରିକା, ଭାରତ, ଜାପାନ ଓ ଅଷ୍ଟ୍ରେଲିଆ ସାମିଲ ହୋଇଛନ୍ତି । କ୍ୱାଡ ବୈଠକରେ ପ୍ରଧାନମନ୍ତ୍ରୀ ମୋଦୀ, ବାଇଡେନ ଉପସ୍ଥିତ । ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବୟାନ ଦେଇ କହିଛନ୍ତି ଯେ କୂଟନୀତି ଓ କଥାବାର୍ତ୍ତା ଜରିଆରେ ୟୁକ୍ରେନ ସଂକଟ ଦୂର ହେଉ । କ୍ୱାଡକୁ ତାର ମୂଳ ଲକ୍ଷ୍ୟ ଧରି ରଖିବାକୁ ପଡିବ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ।

ସେପଟେ ଜାତିସଂଘ ମାନବାଧିକାର ପରିଷଦର ୪୯ ତମ ବୈଠକରେ ଭାରତ ବୟାନ ରଖି କହିଛି ଯେ ୟୁକ୍ରେନରେ ତୁରନ୍ତ ହିଂସା ବନ୍ଦ ହୋଇ ଶତ୍ରୁତାର ସମାପ୍ତି ଘଟୁ । ଜୀବନ ବିନିମୟରେ ସମାଧାନ ଆସିପାରିବ ନାହିଁ । ବିବାଦ ଓ ମତଭେଦ ଦୂର ଲାଗି କଥାବାର୍ତ୍ତା ହିଁ ଏକମାତ୍ର ପନ୍ଥା । ଆଗାମୀ ଦିନରେ ମାନବିକ ସହାୟତା ଅଧିକ ଯୋଗାଯିବ ବୋଲି କହିଛି ଭାରତ ।

## ବାରଣାସୀ ଠାରେ 'ଯୁବ ସମ୍ବାଦ' କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀଙ୍କ ଉଦ୍‌ବୋଧନ

# ଯୁବପିଢ଼ିଙ୍କ ବୌଦ୍ଧିକ କ୍ଷମତା ଓ ସୃଜନଶୀଳତାକୁ ବ୍ୟବହାରିକ ରୂପ ଦେବା ଆମର ଲକ୍ଷ୍ୟ: ଧର୍ମେନ୍ଦ୍ର




ବାରଣାସ : ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ 'ଜାତୀୟ ଶିକ୍ଷା ନୀତି-୨୦୨୦' ମାଧ୍ୟମରେ ଭାରତର ଯୁବପିଢ଼ିଙ୍କ ପାଖରେ ଥିବା ଜ୍ଞାନ, ବୌଦ୍ଧିକ କ୍ଷମତା, ସୃଜନଶୀଳତା ଓ ଅଭିନବ ଆଇଡ଼ିଆକୁ ଏକ ବ୍ୟବହାରିକ ରୂପ ଦେବା ଆମର ଲକ୍ଷ୍ୟ ରହିଛି ବୋଲି ଗୁରୁବାର ଉତରପ୍ରଦେଶର ବାରଣାସୀ ଠାରେ ଆୟୋଜିତ 'ଯୁବ ସମ୍ବାଦ' କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଯୁବପିଢ଼ିଙ୍କୁ ଦେଶ ପାଇଁ କିଛି କରି ଦେଖାଇବାର ପ୍ରୋତ୍ସାହିତ କରିବା ଉପରେ କହିଛନ୍ତି ଯେ ଭାରତର ପୁଞ୍ଜି ହେଉଛି ଶିକ୍ଷା, ଜ୍ଞାନ, ସମ୍ବେଦନଶୀଳତା, କୌଶଳ, ସୃଜନଶୀଳତା। ଛାତ୍ରଛାତ୍ରୀମାନେ ହିଁ ଦେଶର ଭାଗ୍ୟ ନିର୍ଦ୍ଧାରଣ କରନ୍ତି। ସେମାନେ ନିଜର ଆତ୍ମବିଶ୍ୱାସକୁ ବଢ଼ାଇବା ଜରୁରୀ। ଏହାକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀଙ୍କ ବୌଦ୍ଧିକ କ୍ଷମତା ଓ ସୃଜନଶୀଳତାକୁ ବୃଦ୍ଧି କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଜାତୀୟ ଶିକ୍ଷା ନୀତି-୨୦୨୦ ପ୍ରଣୟନ କରାଯାଇଛି। ଆମର ଶିକ୍ଷା ପଦ୍ଧତି ଆମର ଦୈନନ୍ଦିନ ଜୀବନଶୈଳି ସହ ଜଡ଼ିତ। ଦୀର୍ଘ ୩୪ ବର୍ଷ ପରେ ଭାରତର ପ୍ରାଚୀନ ସଭ୍ୟତା, ଶିକ୍ଷା ବ୍ୟବସ୍ଥା, ଚିକିତ୍ସା ବିଜ୍ଞାନକୁ ଆଧୁନିକତାର ରୂପ ଦେବା ପାଇଁ ଏହି ନୀତି ଅଣାଯାଇଛି। ମାତୃଭାଷା ସହ ମୌଳିକ ଶିକ୍ଷା ଏବଂ ରୋଜଗାର ଆଧାରିତ ଶିକ୍ଷା ନୀତିରେ ମଧ୍ୟ ପ୍ରାଥମିକତା ଦିଆଯାଇଛି। ଏହି ଶିକ୍ଷା ବ୍ୟବସ୍ଥା ଦ୍ୱାରା ସମାଜର ଉନ୍ନତି ହେବା ସହ ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆସିବ। ବର୍ତ୍ତମାନ ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ "ଆଜାଦୀ କା ଅମୃତ ମହୋତ୍ସବ" ପାଳନ କରୁଛି। ଏହି ସମୟରେ ଶିକ୍ଷା ଆମ ପାଇଁ ନୂଆ ଚ୍ୟାଲେଞ୍ଜ୍ ହୋଇଛି। ଏକବିଂଶ ଶତାବ୍ଦୀର ସମ୍ଭାବନାକୁ ଧ୍ୟାନରେ ରଖି ଶିକ୍ଷା କ୍ଷେତ୍ରରେ ଥିବା ଚ୍ୟାଲେଞ୍ଜ ଗୁଡ଼ିକୁ ସାମ୍ନା କରିବା ପାଇଁ ଯୁବକଙ୍କୁ ସୁଯୋଗ ଦିଆଯାଉଛି। ଚଳିତ ୨୦୨୨-୨୩ ଆର୍ଥିକ ବର୍ଷ ସାଧାରଣ ବଜେଟରେ ଶିକ୍ଷାକୁ ଅଧିକ ଗୁଣାତ୍ମକ କରିବା ପାଇଁ ପ୍ରଥମ ଥର ପାଇଁ ୧ ଲକ୍ଷ ୪ ହଜାର ୨୭୮ କୋଟି ଟଙ୍କାର ବ୍ୟୟବରାଦ୍ ହୋଇଛି। ଭାରତ ସରକାର ଡିଜିଟାଲ ୟୁନିଭରସିଟି ଦିଗରେ କାମ କରିବାର କଳ୍ପନା କରିଛନ୍ତି। ଏହା ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୂଆ ଉନ୍ମାଦନା ସୃଷ୍ଟି କରିବ ।

# ଋଷ୍‌କୁ ଆକ୍ରମଣ ବନ୍ଦ କରିବା ପାଇଁ ପ୍ରସ୍ତାବ ଦେଉ ଭାରତ: ୟୁକ୍ରେନ୍ ବୈଦେଶିକ ମନ୍ତ୍ରୀ



କିଭ୍: ୟୁକ୍‌ରେନ ଓ ରୁଷ ମଧ୍ୟରେ ଯୁଦ୍ଧ ପରିସ୍ଥିତି ଲାଗିରହିଥିବା ବେଳେ ଆଜକୁ ପ୍ରାୟ ଦୁଇ ସପ୍ତାହ ହୋଇଗଲାଣି । କିନ୍ତୁ ଯୁଦ୍ଧ କମିବାର ନାଁ ଧରୁନାହିଁ । ରୁଷ ସେନା ୟୁକ୍ରେନ୍‌ର ବିଭିନ୍ନ ପ୍ରମୁଖ ସହର ଗୁଡିକୁ ଧ୍ୱଂସ କରିବାରେ ଲାଗିଛନ୍ତି । ଆଉ ଏବେ ରାଜଧାନୀ କିଭ୍ ଆଡକୁ ବଢ଼ିବାରେ ଲାଗିଛନ୍ତି । ଋଷ୍‌ର ଆକ୍ରମଣକୁ ପ୍ରତିହତ କରିବା ପାଇଁ ୟୁକ୍ରେନ୍ ସାହସର ସହ ଲଢେଇ କରୁଥିବା ବେଳେ ଅନ୍ୟପଟେ ଯୁଦ୍ଧ ଟାଳିବାକୁ ମଧ୍ୟ ପ୍ରୟାସ କରୁଛି । ୟୁକ୍ରେନ୍ ବୈଦେଶିକ ବ୍ୟାପାର ମନ୍ତ୍ରୀ ଦିମିତ୍ରି କୁଲେଓ୍ୱା ଭାରତକୁ ଅପିଲ୍ କରି କହିଛନ୍ତି ଯେ, ଋଷ୍‌କୁ ଆକ୍ରମଣ ବନ୍ଦ କରିବା ପାଇଁ ପ୍ରସ୍ତାବ ଦେଉ ।

କୁଲେଓ୍ୱା କହିଛନ୍ତି ଯେ, ଭାରତ ସମେତି ବାକି ଯେଉଁ ସବୁ ଦେଶର ରୁଷ ସହିତ ଭଲ ସମ୍ପର୍କ ରହିଛି ସେମାନେ ପୁଟିନଙ୍କୁ ଅପିଲ୍ କରନ୍ତୁ ଯେ, ଏହି ଯୁଦ୍ଧ ସମସ୍ତଙ୍କ ପାଇଁ ହିତର ବିରୋଧରେ । ତେଣୁ ଯୁଦ୍ଧ ବନ୍ଦ କରିବା ହେଉଛି ସମସ୍ତଙ୍କ ପାଇଁ ହିତାକାରକ । ଏକ ଟେଲିଭିଜନ୍ ସାକ୍ଷାତକାରରେ କୁଲେଓ୍ୱା ଋଷ୍ ଯୁଦ୍ଧ ବିରାମ ସନ୍ଧିର ଉଲଂଘନ କରିଥିବା ଅଭିଯୋଗ ଆଣିଛନ୍ତି । ଏଥିସହିତ ଯୁଦ୍ଧଗ୍ରସ୍ତ ଅଞ୍ଚଳରେ ଫସି ରହିଥିବା ବିଦେଶୀ ନାଗରିକଙ୍କୁ ସୁରକ୍ଷିତ ଭାବେ ସେମାନଙ୍କ ଦେଶକୁ ଯିବା ପାଇଁ ଗୁଳି ଚାଳନା ବନ୍ଦ ରଖିବାକୁ ଅପିଲ୍ କରିଛନ୍ତି ।

ବିଦେଶ ମନ୍ତ୍ରୀ ଦେବି କରିଛନ୍ତି ଯେ ଋଷ୍ ସେହି ଦେଶମାନଙ୍କୁ ସହାନୁଭୂତି ଦେଖାଉଛି ଯାହାର ନାଗରିକମାନେ ୟୁକ୍ରେନ୍‌ରେ ଫଶିଛନ୍ତି । ଋଷ୍ ଯଦି ସାହାଯ୍ୟ କରେ ତେବେ ବିଦେଶୀମାନଙ୍କୁ ସୁରକ୍ଷିତ ଘରକୁ ପଠାଯାଇପାରିବ । ଭାରତ, ଚ଼ିନ୍ ଏବଂ ନାଇଜେରିଆକୁ ସେ ନିବେଦନ କରିଛନ୍ତି ଯେ ଋଷ୍‌କୁ

# ପ୍ରତିରକ୍ଷା ସହଯୋଗକୁ ସୁଦୃଢ କରିବାକୁ ଭାରତ-ଆମେରିକା ଊନବିଂଶ ସାମରିକ ବୈଠକ



ନୂଆଦିଲ୍ଲୀ,(ପିଆଇବି): ପ୍ରତିରକ୍ଷା ସହଯୋଗକୁ ଅଧିକ ସୁଦୃଢ କରିବା ପାଇଁ ଉତ୍ତରପ୍ରଦେଶର ଆଗ୍ରାଠାରେ ଗତ ମଙ୍ଗଳବାର ଆମେରିକା ଓ ଭାରତ ମଧ୍ୟରେ ଊନବିଂଶ ସାମରିକ ସହଯୋଗ ଗୋଷ୍ଠୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏମ୍‌ସିଜି ବା ମିଲିଟାରୀ କୋପେରସନ ଗ୍ରୁପ ଭାବେ ପରିଚ଼ିତ ଏହି ବୈଠକରେ ଭାରତ ପକ୍ଷରୁ ସିଆଇଏସସି (ଚେୟାରମ୍ୟାନ ଚ଼ିଫ୍ସ ଅଫ ଷ୍ଟାଫ କମିଟି)ର ଇଣ୍ଟିଗ୍ରେଟେଡ ଡିଫେନ୍ସ ଷ୍ଟାଫ ମୁଖ୍ୟ ଏୟାର ମାର୍ଶଲ ବି. ଆର. କୃଷ୍ଣ ଏବଂ ଆମେରିକା ପକ୍ଷରୁ ସେଠାକାର ଇଣ୍ଡୋ-ପ୍ୟାସିଫିକ୍ କମାଣ୍ଡର ଲେଫ୍ଟନାଣ୍ଟ ଜେନେରାଲ ଷ୍ଟିଫେନ ଡି ସ୍କେଲନ୍‌କା ମିଳିତଭାବେ ଅଧକ୍ଷତା କରିଥିଲେ । ଆଲୋଚ଼ନାରେ ବର୍ତ୍ତମାନ ଦୁଇ ଦେଶ ମଧ୍ୟରେ ଥିବା ପ୍ରତିରକ୍ଷା ସହଯୋଗକୁ ଅଧିକ ସୁଦୃଢ କରିବା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ବର୍ତ୍ତମାନର ସାମରିକ ସହଯୋଗ ପରିସର ଭିତରେ ଆଉ ଅଧିକ କ'ଣ କରାଯାଇପାରେ ସେ ବିଷୟରେ ମଧ୍ୟ ଉଭୟ ପକ୍ଷ ଆଲୋଚ଼ନା କରିଥିଲେ ।

ଦୁଇଦେଶ ମଧ୍ୟରେ ସାମରିକ ସହଯୋଗକୁ ସୁଦୃଢ କରିବାକୁ କାମ କରିବା ନିମନ୍ତେ ଭାରତ-ଆମେରିକା ଏମ୍‌ସିଜି, ଏକ ମଞ୍ଚ ଭାବେ ଗଠିତ ହୋଇଛି । ଏହି ମଞ୍ଚରେ ସାମରିକ ସହଯୋଗ ବୃଦ୍ଧି ପାଇଁ ଦୁଇପକ୍ଷ ମଧ୍ୟରେ ନିୟମିତ ଆଲୋଚ଼ନା କରିବାକୁ ବ୍ୟବସ୍ଥା ରହିଛି । ବିଶେଷଭାବେ ରଣକୌଶଳାତ୍ମକ କ୍ଷେତ୍ର ଓ ସାମରିକ କାର୍ଯ୍ୟାନୁଷ୍ଠାନ ବା ଅଭିଯାନ କ୍ଷେତ୍ରରେ କିପରି ଦୁଇପକ୍ଷର ସାମରିକ ସଦର କାର୍ଯ୍ୟାଳୟ ମଧ୍ୟରେ ନିୟମିତ ସମ୍ପର୍କ ରକ୍ଷା କରାଯାଇପାରିବ ସେଥିପାଇଁ ଏମ୍‌ସିଜି କାର୍ଯ୍ୟ କରୁଛି । ଭାରତର ଇଣ୍ଟିଗ୍ରେଟେଡ ଡିଫେନ୍ସ ଷ୍ଟାଫ ଓ ଆମେରିକାର ଇଣ୍ଡୋ-ପ୍ୟାସିଫିକ କମାଣ୍ଡ ମଧ୍ୟରେ ଏହା ଦ୍ୱାରା ସିଧାସଳଖ ସମ୍ପର୍କ ସ୍ଥାପନ ସମ୍ଭବ ହୋଇଛି ।

# ହଠାତ୍ ତଳକୁ ଖସିଲା ମମତାଙ୍କ ବିମାନ, ତଦନ୍ତ କରିବ ଡିଜିସିଏ



ନୂଆଦିଲ୍ଲୀ: ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବିମାନ ଖସିବା ଘଟଣା ଏବେ ଚ଼ାରିଆଡେ ଚ଼ର୍ଚ୍ଚାର ବିଷୟ ପାଲଟିଛି । କୋଲକତାରେ ବିମାନଟି ଅବତରଣ କରିବାର କିଛି ସମୟ ପୂର୍ବରୁ ହଠାତ୍ ଖସିପଡିଥିଲା । ତେବେ ମୁଖ୍ୟମନ୍ତ୍ରୀଙ୍କ ଚ଼ାଟାର୍ଡ ବିମାନକୁ ସାତ ହଜାର ଫୁଟରୁ ଦୁଇ ହଜାର ଫୁଟକୁ ଖସାଇ ଦିଆଯାଇଥିଲା । ଫଳରେ ମମତାଙ୍କ ଅଣ୍ଟାରେ ପ୍ରବଳ ଯନ୍ତ୍ରଣା ହେବା ସହ ସେ ପିଠିରେ ମଧ୍ୟ ଯନ୍ତ୍ରଣା ଅନୁଭବ କରୁଥିବା ଜଣାପଡିଛି । ମମତା ରାଜ୍ୟ ସରକାରଙ୍କ ଚ଼ାର୍ଟର୍ଡ ଫାଲକନ୍ ବିମାନରେ ବାରାଣାସୀ ଯାତ୍ରା କରିଥିଲେ । ପ୍ରଥମ ଥର ପାଇଁ ମମତା ଉକ୍ତ ବିମାନରେ ଯାତ୍ରା କରିଥିଲେ । ତେବେ ସେଦିନ ଆକାଶ ଯଥେଷ୍ଟ ପରିଷ୍କାର ଥିବା ସହ ଝଡ କିମ୍ବା ବର୍ଷା ହୋଇନଥିଲା । ତେଣୁ ମୁଖ୍ୟମନ୍ତ୍ରୀଙ୍କର ବିମାନରେ କାହିଁକି ଏପରି ଅଘଟଣ ଦେଖାଦେଲା ତାହାକୁ ନେଇ ସମସ୍ତେ ହତବାକ୍ ହୋଇଯାଇଥିଲେ । ତେବେ ବିମାନଟି ହଠାତ୍ ଝଡର ସମ୍ମୁଖୀନ ହେବାରୁ ତାହାକୁ ପ୍ରାୟ ପାଞ୍ଚ ହଜାର ଫୁଟ ତଳକୁ ଖସାଇ ଦିଆଯାଇଥିବା ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଛି । ତେବେ ଅନ୍ୟ ଏକ ବଡ ବିମାନ ମୁଖ୍ୟମନ୍ତ୍ରୀଙ୍କ ବିମାନ ସାମ୍ନାରେ ଅବତରଣ କରିବାରୁ ଏଭଳି ପରିସ୍ଥିତି ଦେଖାଦେଇଥିବା ଜଣାପଡିଥିଲା । ଏ ବାବଦରେ କୋଲକାତା ବିମାନ ବନ୍ଦର ପକ୍ଷରୁ ଏୟାର ଟ୍ରାଫିକ କଣ୍ଟ୍ରୋଲ (ଏଟିସି)କୁ ଅବଗତ କରାଯାଇଛି ।

# ଅପରେସନ ଗଙ୍ଗାରେ ଆସିଲେଣି ୧୩୭୦୦ ଭାରତୀୟ



ନୂଆଦିଲ୍ଲୀ,(ପିଆଇବି): ଯୁଦ୍ଧଗ୍ରସ୍ତ ୟୁକ୍ରେନରେ ଅଟକି ରହିଥିବା ଭାରତୀୟଙ୍କ ମଧ୍ୟରୁ ୩୦୦୦ ଜଣ ଭାରତରେ ପହଞ୍ଚିଛନ୍ତି। ସ୍ଥଳଭାଗରେ ସେମାନେ ୟୁକ୍ରେନରୁ ଆସି ପଡୋଶୀ ଦେଶଗୁଡିକରେ ପହଞ୍ଚିବା ପରେ ଅପରେସନ ଗଙ୍ଗା ଜରିଆରେ ସେମାନଙ୍କୁ ଭାରତ ଅଣାଯାଇଛି। ମନ୍ତ୍ରାଳୟର କହିବାନୁଯାୟୀ, ଆଜି ୧୧ଟି ବିମାନ ଭାରତରେ ଅବତରଣ କରିଛି। ସେଥିରୁ ୯ଟି ଦିଲ୍ଲୀରେ ଏବଂ ୨ଟି ମୁମ୍ବାଇରେ ଅବତରଣ କରିଛି। ଏଥିରୁ ୬ଟି ବିମାନ ହଙ୍ଗେରି ରାଜଧାନୀ ବୁଡାପେଷ୍ଟରୁ, ଦୁଇଟି ବିମାନ ରୋମାନିଆ ରାଜଧାନୀ ବୁଖାରେଷ୍ଟରୁ ଏବଂ ଦୁଇଟି ପୋଲାଣ୍ଡର ଆରଜେସଜୋରୁ ଏବଂ ଗୋଟିଏ ସ୍ଲୋଭାକିଆର କୋସିସରୁ ଆସିଛି। ଫେବ୍ରୁଆରି ୨୨ ତାରିଖରୁ ଅପେରସନ ଗଙ୍ଗାରେ ମାର୍ଚ୍ଚ ୬ ତାରିଖ ସୁଦ୍ଧା ୧୩୭୦୦ ଜଣଙ୍କୁ ୟୁକ୍ରେନରୁ ଉଦ୍ଧାର କରାଯାଇଛି। ସେମାନଙ୍କୁ ସ୍ଲୋଭାକିଆ, ରୋମାନିଆ, ହଙ୍ଗେରି, ମୋଲଡୋଭା ଏବଂ ପୋଲାଣ୍ଡ ଦେଇ ଭାରତ ଅଣାଯାଉଛି।

ଅପରେସନ ଗଙ୍ଗା ଜରିଆରେ ସରକାର ୟୁକ୍ରେନରେ ଫସିଥିବା ଭାରତୀୟମାନଙ୍କୁ ଦେଶକୁ ସୁରକ୍ଷିତ ଭାବେ ଆଣିବା ଲାଗି ପ୍ରୟାସ ଜାରି ରଖିଛନ୍ତି। ଏବେ ଏହି ଅପରେସନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିରେ ୧୨ଟି ବେସାମରିକ ଏବଂ ୩ଟି ବାୟୁସେନା ବିମାନ ନିୟୋଜିତ ହୋଇଛି। ଏଥିପାଇଁ ହଙ୍ଗେରି, ପୋଲାଣ୍ଡ, ରୋମାନିଆ ଏବଂ ସ୍ଲୋଭାକିଆରେ ୨୭ଟି ନିୟନ୍ତ୍ରଣ କକ୍ଷ ସ୍ଥାପନ କରାଯାଇଛି। ଭାରତୀୟ ଦୂତାବାସ ପକ୍ଷରୁ କରାଯାଇଥିବା ଟ୍ୱିଟ୍‌ରେ କୁହାଯାଇଛି ଯେ ବର୍ତ୍ତମାନ ସୁମିରୁ ଭାରତୀୟ ଛାତ୍ରଛାତ୍ରୀଙ୍କୁ ଉଦ୍ଧାର ଉପରେ ସର୍ବାଧିକ ପ୍ରାଧାନ୍ୟ ଦିଆଯାଇଛି। ପରିସ୍ଥିତି ସଂପର୍କରେ ଅବଗତ ହେବପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ସପ୍ତାହେ ହେଲା ବୈଠକ ପରେ ବୈଠକ କରୁଛନ୍ତି। ୟକ୍ରେନରୁ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସରକାର ୪ ଜଣ କେନ୍ଦ୍ରମନ୍ତ୍ରୀଙ୍କୁ ବିଦେଶ ପଠାଇଛନ୍ତି। ଭାରତୀୟଙ୍କ ସୁରକ୍ଷା ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ୟୁକ୍ରେନ ରାଷ୍ଟ୍ରପତି ଭୋଲଡିମିର ଜେଲେନସ୍କି ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହିତ ଆଲୋଚ଼ନା କରିଛନ୍ତି।

# ବିକେସିଠାରେ ଖୋଲିବ ପ୍ରଥମ ବିଶ୍ୱସ୍ତରୀୟ ଗନ୍ତବ୍ୟସ୍ଥଳ 'ଜିଓ ୱାର୍ଲଡ୍ ସେଣ୍ଟର'



ମୁମ୍ବଇ: ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ ପକ୍ଷରୁ ଦେଶର ସର୍ବବୃହତ ଏବଂ ସର୍ବାଧିକ ସମ୍ମାନଜନକ ବହୁମୁଖୀ ଗନ୍ତବ୍ୟସ୍ଥଳ 'ଜିଓ ୱାର୍ଲଡ୍ ସେଂଟର' ଉଦ୍‌ଘାଟନ ସମ୍ପର୍କରେ ଘୋଷଣା କରିଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ନିର୍ଦ୍ଦେଶିକା ଏବଂ ରିଲାଏନ୍ସ ଫାଉଣ୍ଡେସନର ପ୍ରତିଷ୍ଠାତା-ଚେୟାରପର୍ସନ ନିତା ଅମ୍ବାନିଙ୍କ ଦୂରଦୃଷ୍ଟିସଂପନ୍ନତା ବଳରେ ସ୍ଥାପନ କରାଯାଇଥିବା ଏହି ସେଂଟର ମୁମ୍ବଇର ବାନ୍ଦ୍ରା କୁର୍ଲା କଂପ୍ଲେକ୍ସରେ ୧୮.୫ ଏକର ପରିମିତ ଜମି ଉପରେ ସ୍ଥାପିତ ଏବଂ ଏହା ଏକ ପ୍ରତିଷ୍ଠିତ ବ୍ୟବସାୟ, ବାଣିଜ୍ୟ ଏବଂ ସାଂସ୍କୃତିକ ଗନ୍ତବ୍ୟବସ୍ଥଳ ହେବାକୁ ଯାଉଛି, ଯାହା ଭାରତ ଏବଂ ଏହାର ନାଗରିକମାନଙ୍କ ପାଇଁ ଏକ ବିଶ୍ୱ ଶ୍ରେଣୀର ଯୁଗାନ୍ତକାରୀ ସ୍ଥଳ ହେବ। ପ୍ରାରମ୍ଭିକ ଭାବରେ ଧିରୁଭାଇ ଅମ୍ବାନି ସ୍କୋୟାରର ଲୋକାର୍ପଣ ଏବଂ ମୁମ୍ବଇ ମହାନଗର ପାଇଁ ମ୍ୟୁଜିକାଲ ଫାଉଁଟେନ୍ ଅଫ ଜଏ ର ଉତ୍ସର୍ଗ ସହିତ ଭାରତର ସର୍ବବୃହତ ଏବଂ ସୁନ୍ଦରତମ 'ଜିଓ ୱାର୍ଲଡ୍ କନଭେନ୍‌ସନ ସେଂଟର' ଅନାବରଣ ଦ୍ୱାରା ଜିଓ ୱାର୍ଲଡ୍ ସେଂଟର ଚଳିତ ବର୍ଷ ଏବଂ ଆସନ୍ତା ବର୍ଷର ବିଭିନ୍ନ ସମୟରେ ପର୍ଯ୍ୟାୟକ୍ରମେ ଉଦ୍‌ଘାଟିତ ହେବା କାର୍ଯ୍ୟକ୍ରମ ରହିଛି ।ଭାରତରେ ଏହି ଧରଣର ପ୍ରଥମ ଗନ୍ତବ୍ୟସ୍ଥଳ ହୋଇଥିବା ଜିଓ ୱାର୍ଲଡ୍ ସେଂଟରରେ ରହିଛି ଏକ ସାଂସ୍କୃତିକ କେନ୍ଦ୍ର, ଏକ ମ୍ୟୁଜିକାଲ ଫାଉଁଟେନ, ଏକ ଉଚ୍ଚତର ରିଟେଲ ଅନୁଭୂତି, ନିଖୁଣ ଭାବରେ ବଛା ଯାଇଥିବା କାଫେଗୁଡିକର ସମ୍ଭାର ଏବଂ ଅତ୍ୟନ୍ତ ଆକର୍ଷଣୀୟ ରେଷ୍ଟୋରାଂ, ସମସ୍ତ ସୁବିଧା ସୁଯୋଗ ଥିବା ଆପାର୍ଟମେଂଟ ଏବଂ କାର୍ଯ୍ୟାଳୟ ଓ ଅତ୍ୟାଧୁନିକ ସମ୍ମିଳନୀ ସ୍ଥଳ।

# ଜିଓଫୋନ୍ ନେକ୍ସଟ୍ ଏବେ ଓଡ଼ିଶାର ୭,୦୦୦ରୁ ଅଧିକ ରିଟେଲ୍ ଷ୍ଟୋର୍‌ରେ ଉପଲବ୍ଧ

ଭୁବନେଶ୍ୱର ,(ସଂଦେଶ ବ୍ୟୁରୋ): ଗୁଗୁଲ୍ ଓ ଜିଓ ପକ୍ଷରୁ ମିଳିତ ଭାବେ ବିକଶିତ କରାଯାଇଥିବା ସୁଲଭ ମୂଲ୍ୟର ସ୍ମାର୍ଟଫୋନ୍ ଜିଓଫୋନ୍ ନେକ୍ସଟ୍ ଏବେ ଓଡ଼ିଶାର ୭୦୦୦ରୁ ଅଧିକ ମୋବାଇଲ୍ ଷ୍ଟୋର୍‌ଗୁଡ଼ିକ ସମେତ ଜିଓ ଷ୍ଟୋର୍, ଜିଓ ପଏଂଟ୍, ରିଲାଏନ୍ସ ଡିଜିଟାଲ୍ ଷ୍ଟୋର୍ ଏବଂ ଜିଓ ସେଂଟର୍ ଆଦିଗୁଡ଼ିକରେ ଉପଲବ୍ଧ ହୋଇଛି। ବ୍ୟାପକ ଭାବେ ଉପଲବ୍ଧ ହୋଇଥିବାରୁ ନିଜ ଫିଚର୍ ଫୋନ୍‌କୁ ସ୍ମାର୍ଟଫୋନ୍‌ରେ ଅପ୍‌ଗ୍ରେଡ୍ କରିବାକୁ ଚାହୁଥିବା ଗ୍ରାହକମାନଙ୍କ ପାଇଁ ଶ୍ରେଷ୍ଠ ଡିଜିଟାଲ୍ ଅନୁଭୂତି ହାସଲ କରିବା ସୁଯୋଗ ସେମାନଙ୍କ ଘର ପାଖରେ ପହଂଚିପାରିଛି।




ଉନ୍ମୋଚନ ହେବା ପରଠାରୁ ଜିଓଫୋନ୍ ନେକ୍ସଟ୍ ଏହାର ଅନନ୍ୟ ଡିଜିଟାଲ୍ ଅନୁଭୂତି ମାଧ୍ୟମରେ ବିଶେଷ କରି ଓଡ଼ିଶାର ଦୂରଦୂରାନ୍ତ ଅଂଚଳ ସମେତ ସହରାଂଚଳରେ ବାସ କରୁଥିବା ପ୍ରଥମ ଥର ସ୍ମାର୍ଟଫୋନ୍ ବ୍ୟବହାରକାରୀମାନଙ୍କୁ ଉଲ୍ଲସିତ କରିଛି। ଦାମିକା ସ୍ମାର୍ଟଫୋନ୍ ଭଳି ଏଥିରେ ସର୍ବାଧୁନିକ ଫିଚର୍ ଓ ସୁବିଧା ସୁଯୋଗ ସାଙ୍ଗକୁ ସମସ୍ତ ଗୁଗୁଲ୍ ଆପ୍ ସମୂହ ଏବଂ ଜିଓର ପ୍ରିମିୟମ୍ ଆପ୍ଲିକେସନ୍, ଶକ୍ତିଶାଳୀ ପଛ କ୍ୟାମେରା ଓ ସାମ୍ନା ସେଲ୍ଫି କ୍ୟାମେରା ଅତୁଳନୀୟ ଅନୁଭୂତି ପ୍ରଦାନ କରୁଛି ଯାହା ଫିଚର ଫୋନରୁ ସ୍ମାର୍ଟଫୋନ୍‌କୁ ଅପ୍‌ଗ୍ରେଡ୍ ହେଉଥିବା ହଜାର ହଜାର ଗ୍ରାହକଙ୍କୁ ରୋମାଂଚିତ କରୁଛି ।ନିଜ ବର୍ଗରେ ସବୁଠୁ ସୁଲଭ ସ୍ମାର୍ଟଫୋନ୍ ଭାବେ ପରିଚିତ ଜିଓଫୋନ୍ ନେକ୍ସଟ୍ କେବଳ ୬,୪୯୯ ଟଙ୍କାରେ ବଜାରରେ ଉପଲବ୍ଧ ହେଉଛି। ତେବେ ସ୍ୱଳ୍ପ ମାସିକ କିସ୍ତିରେ କିଣିବାକୁ ଚାହୁଁଥିବା ଗ୍ରାହକମାନେ ମାତ୍ର ୧,୯୯୯ ଟଙ୍କା ଦେଇ ଜିଓଫୋନ୍ ନେକ୍ସଟ୍ କିଣିପାରିବେ ଏବଂ ବଳକା ଟଙ୍କାକୁ ୧୮ କିମ୍ବା ୨୪ ମାସର ସହଜ ମାସିକ କିସ୍ତି (ଇଏମ୍‌ଆଇ) ଆକାରରେ ମଧ୍ୟ ଦେଇପାରିବେ।

# ଇଲେକ୍ଟ୍ରିକ ବାଇକ ଏମୋ ସୋ'ରୁମ୍ ଉଦ୍‌ଘାଟିତ



ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ପଟିଆସ୍ଥିତ ସୂର୍ଯ୍ୟବିହାରରେ ଏମୋ ମୋବିଲିଟି ପ୍ରାଇଭେଟ ଲିମିଟେଡ଼ର ଏମୋ ଇଲେକ୍ଟ୍ରିକ ବାଇକ ସୋ'ରୁମ୍ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିଧାୟକ ତଥା ସମ୍ବାଦର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୋ'ରୁମ୍‌କୁ ଉଦ୍‌ଘାଟନ କରି ଇଲେକ୍ଟ୍ରିକ ସ୍କୁଟର ଦେଖିବା ସହ ମଡ଼େଲ ଗୁଡ଼ିକ ବିଷୟରେ ପଚାରି ବୁଝିଥିଲେ। ଅନ୍ୟତମ ଅତିଥି ଭାବେ ରେଢାଖୋଲ ବିଧାୟକ ରୋହିତ ପୂଜାରୀ, ଗୁପ୍ତା ପାୱାର ଲିମିଟେଡ଼ର ଅଧ୍ୟକ୍ଷ ମହେନ୍ଦ୍ର ଗୁପ୍ତା ପ୍ରମୁଖ ଯୋଗ ଦେଇଥିଲେ। ଇ-ସ୍କୁଟର ବ୍ୟବହାର ଦ୍ୱାରା ପରିବେଶ ପ୍ରଦୂଷଣ ଦୂର ହେବା ସହିତ ଏକ ସୁନ୍ଦର ଓ ସବୁଜ ପରିବେଶ ସୃଷ୍ଟି ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଉଦ୍‌ଘାଟନୀ ଅବସରରେ ସୋ'ରୁମ୍ ପକ୍ଷରୁ ୬ ପ୍ରକାରର ୫ଟି ମଡେଲ୍ ସ୍କୁଟର ଶୁଭାରମ୍ଭ କରାଯାଇଛି। ଏହି ଇ-ସ୍କୁଟର ଗୁଡ଼ିକରେ ଲିଥିୟମ ଆଇଅନ୍ ବ୍ୟାଟେରୀ ବ୍ୟବହାର ହୋଇଥିବା ବେଳେ ଏହାକୁ ଥରେ ଚାର୍ଜ କଲେ ୧୨୦ କିଲୋମିଟର ଯାଇପାରିବ ବୋଲି ସୋ'ରୁମ୍ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହିତ ଲିଡ୍ ଏସିଡ୍ ନିର୍ମିତ ଇ-ସ୍କୁଟର ୭୦-୮୦ କିଲୋମିଟର ଯାଇପାରିବ। ଇ-ସ୍କୁଟର ଗୁଡ଼ିକର ଏକ୍ସ ସୋ'ରୁମ୍ ମୂଲ୍ୟ ୬୦ ହଜାରରୁ ଆରମ୍ଭ ହୋଇ ୯୫ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ଏଥିରେ ରାଜ୍ୟ ସରକାରଙ୍କର ଇ-ସ୍କୁଟର ଉପରେ ଥିବା ୫ ହଜାର ଟଙ୍କା ପର୍ଯ୍ୟନ୍ତ ରିହାତି ସୁବିଧା ଗ୍ରାହକମାନେ ପାଇପାରିବେ ବୋଲି ସୋ'ରୁମ୍ ପକ୍ଷରୁ କୁହାଯାଇଥିଲା। ଏହି ଉତ୍ସବରେ ପରିବେଶବିତ୍ ଏ.କେ. ଶାରଦା, ଏସ୍.କେ. ମିଶ୍ର, ଭୁବନେଶ୍ୱର କ୍ଲବ ସଦସ୍ୟ ଅଶୋକ ମିଶ୍ର, ସତିସ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ।






# ଶରୀରକୁ ଶକ୍ତି ଯୋଗାଇଥାଏ ତ୍ରିଫଳା

ତ୍ରିଫଳା ଏକ ଆର୍ୟୁବେଦିକ ଜଡିବୁଟି ଅଟେ। ଏହି ଅଦ୍‌ଭୁତ ଜଡିବୁଟିର ଉପଯୋଗ ହଜାର ହଜାର ବର୍ଷ ପୂର୍ବରୁ ଭାରତରେ ଆର୍ୟୁବେଦିକ ଚିକିତ୍ସାରେ କରାଯାଉଛି। ତ୍ରିଫଳା ଏପରି ଏକ ଆର୍ୟୁବେଦିକ ଔଷଧ ଯାହା ଶରୀରର କାୟାକଳ୍ପ କରିପାରେ। ତ୍ରିଫଳା ଖାଇଲେ ବହୁତ ଲାଭ ମିଳେ। ତ୍ରିଫଳା ଚୂର୍ଣ୍ଣ ଏକ ମହତ୍ୱପୂର୍ଣ୍ଣ ଔଷଧ। ଏହା କେବଳ କବ୍‌ଜ ଦୂରକରିପାରେ ନାହିଁ। ପରନ୍ତୁ ଦୁର୍ବଳ ଶରୀରକୁ ଶକ୍ତି ଯୋଗାଇବା ପାଇଁ ଉପଯୋଗ କରାଯାଇପାରେ। ଏହା ହୃଦ୍ ରୋଗ , ଉଚ୍ଚ ରକ୍ତଚାପ ଓ ଅଲ୍ସରେଟିଭ୍ କୋଲାଇଟିସ୍ ର ଚିକିତ୍ସା କରିବା ପାଇଁ ବି ଉପଯୋଗ କରାଯାଏ। ତ୍ରିଫଳା ର ଶାବ୍ଦିକ ଅର୍ଥ ହେଉଛି ୩ଫଳ। ବା ୩ଫଳର ମିଶ୍ରଣ।

ଏହି ୩ଫଳ ହେଉଛି ହରିଡା , ବାହାଡା ଓ ଅଁଳା। ତ୍ରିଫଳା ଚୂର୍ଣ୍ଣ ପାଇବା ପାଇଁ ୩ଫଳକୁ ଖରାରେ ଶୁଖାଇ ଚୂର୍ଣ୍ଣ କରି ଦିଅନ୍ତୁ। ପରେ ଏହି ଗୁଣ୍ଡକୁ କପଡାରେ ଛାଣି କାଚ ବୋତଲ ରେ ଭରି ରଖିବେ। ଏହି ତ୍ରିଫଳା ଚୂର୍ଣ୍ଣ ପ୍ରାୟ ସବୁ ରୋଗ ପାଇଁ ଲାଭ ଦାୟକ ଅଟେ।

ତ୍ରିଫଳାରେ ରକ୍ତ ଶୋଧକ ଗୁଣ ମିଳିଥାଏ। ଏହା ତ୍ୱଚା ପାଇଁ ବିଶେଷ ଲାଭ ଦାୟକ ହୁଏ। ଏହା ତ୍ୱଚାର ଦୂଷିତ ପଦାର୍ଥ କୁ ହଟାଇ ଦେଇଥାଏ। ଏଥିରେ ଅଁଳା ଥିବାରୁ କୋଲେଜନ୍ ନିର୍ମାଣ ରେ ସହାୟକ ହୁଏ। ମହୁ ସହିତ ଏହାକୁ ଖାଇଲେ ତ୍ୱଚା ସମ୍ବନ୍ଧୀୟ ରୋଗ ଦୂର ହୋଇଥାଏ।

ତ୍ରିଫଳା କବ୍‌ଜ ଦୂର କରେ। ବିଶେଷ କରି ତ୍ରିଫଳାର ଉପଯୋଗ କବ୍ଜ ହଟାଇବାକୁ କରାଯାଇଥାଏ। ରାତିରେ ଶୋଇବା ପୂର୍ବରୁ ୫ଗ୍ରାମ୍ ତ୍ରିଫଳା ହାଲକା ଗରମ ପାଣିରେ ବା ଖିର ସହ ଖାଇଲେ କବ୍‌ଜ ଦୂର ହୋଇଥାଏ। ତ୍ରିଫଳା କୁ ଇସବଗୋଲ ସହ ଖାଇଲେ ବି ଲାଭ ମିଳିଥାଏ।

ତ୍ରିଫଳା ପାଚନ ତନ୍ତ୍ର ମଜବୁତ କରେ। ଏହା ଅନ୍ତ୍ର ସଫା କରେ। ଏହା ଏକ ବିରେଚକ ଅଟେ। ଯାହା ପୁରୁଣା ମଳ ବାହାରକୁ ବାହାର କରିଦିଏ। ଶରୀରରେ ଏହା ଭୋଜନ ହଜମ କରିବା ସହ ଅମ୍ଳ ଦୋଷ ଦୂର କରେ। ଅମ୍ଳ ଦୋଷ କୁ ହିଁ ସବୁ ପ୍ରକାର ରୋଗର କାରଣ କୁହାଯାଏ।



# ଇମ୍ୟୁନିଟି ସିଷ୍ଟମ ଠିକ୍ କରିପାରେ ପିଆଜ

ପିଆଜର ଦୁର୍ଗନ୍ଧ କାରଣରୁ ବହୁତ ଲୋକ ଏହାକୁ ପସନ୍ଦ କରି ନଥାଆନ୍ତି। ହେଲେ ଏହାର ବହୁତ ଲାଭ ବି ରହିଥାଏ। ଏହା ଇମ୍ୟୁନିଟି ପାୱାର ବଢାଇ ଥାଏ। ତ୍ୱଚାର ଢିଲାପଣ କମ୍ କରିଥାଏ। ଆଖିର ଜ୍ୟୋତି ବୃଦ୍ଧି କରିଥାଏ। ପିଆଜରେ କେତେକ ଆଣ୍ଟି- ଇନ୍‌ଫ୍ଲାମେଟରୀ ଓ ଆଣ୍ଟି- ଅକ୍‌ସିଡେଣ୍ଟ ଥାଏ। ଯାହା ଶରୀରର କେତେକ ରୋଗରୁ ରକ୍ଷାକରେ। ପିଆଜ ଏକ ବହୁ ଉପଯୋଗୀ ପରିବା ଅଟେ। ଏଥିରେ ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ରହିଥାଏ। ଏହା ରକ୍ତରୁ ବିଷାକ୍ତ ତତ୍ୱ ବାହାର କରି ରକ୍ତ ପରିଷ୍କାର କରେ। ଏହାର ଉପଯୋଗରେ ଜର, କଫ, ଓ କୋଲେଷ୍ଟ୍ରୋଜମ୍ କମ୍ ହୋଇଥାଏ। ପୁରୁଣା ଯୁଗରେ ଇଜିପ୍ଟ ର ଲୋକ ନିୟମିତ ପିଆଜ ରସୁଣର ବ୍ୟବହାର କରୁଥିବାର କୁହାଯାଏ। ଏଥିରେ ଥିବା ସଲଫର କାରଣରୁ ଏଥିରୁ ତୀବ୍ର ଗନ୍ଧ ବାହାରି ଥାଏ। ପିଆଜ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭକାରୀ ଅଟେ। ତେବେ ଆସନ୍ତୁ ପିଆଜର ଚମତ୍କାରୀ ଲାଭ।

କେଶ ଝଡୁଥିଲେ, ପିଆଜ ଘସିଲେ ତାହା ବନ୍ଦ ହେବା ସହ କେଶ ମଜବୁତ, ଲମ୍ବା ଓ ଘନକଳା ହୋଇଥାଏ।

ଯଦି କବ୍‌ଜର ସମସ୍ୟା ଥାଏ, କଂଚା ପିଆଜ ରୋଜ ଖାଇଲେ, ତାହା ଦୂର ହୁଏ।

ତଣ୍ଟିରେ ଇନ୍‌ଫେକ୍‌ସନ ହୋଇଥିଲେ, ପିଆଜ ରସରେ ମହୁ ବା ଗୁଡ ମିଶାଇ ପିଇଲେ, ତାହା ଲାଭ ଦିଏ।

ଯଦି ଗଣ୍ଠି ଦରଜ ସମସ୍ୟା ରହିଥାଏ, ପିଆଜ ରସରେ ସୋରିଷ ତେଲ ମିଶାଇ ମାଲିଶ କଲେ ତାହା ଆରାମ ଦିଏ।

ପିଆଜ ରସରେ ଚିନି ମିଶାଇ ପିଇଲେ, ତାହା ପଥର ରୋଗରୁ ଲାଭ ଦେଇଥାଏ।

# ଚାଲିଲେ ହାଡ ମଜବୁତ ହୋଇଥାଏ

ମନୁଷ୍ୟର ଦିନ-ପ୍ରତିଦିନ ଘଟୁଥିବା ଗତିଶୀଳତା କାରଣରୁ ଲୋକଙ୍କ ହାଡ ଲଗାତାର ଦୁର୍ବଳ ହୋଇଯାଉଛି। ଆମେରିକାର ମେଡିସିନ୍ ଗବେଷକ ତାଙ୍କ ଗବେଷଣାରେ ୟୁରୋପର ଆବଡାଖାବଡା ସ୍ଥାନରେ ରହୁଥିବା ଶହ ଶହ ଲୋକଙ୍କ ହାଡ ଯାଞ୍ଚ କରିଛନ୍ତି।

ଗବେଷକଙ୍କ ମୁତାବିକ୍ ଏବେ ସୁଧା କମଜୋର ହାଡର କାରଣ ଖାଦ୍ୟ-ପାନୀୟକୁ ବୁଝାଯାଉ ଥିଲା। ହେଲେ ଗବେଷଣାରୁ ଜଣା ଯାଇଛି, ଏହାର ପ୍ରକୃତ କାରଣ ଗତିଶୀଳତାରେ ଲୁଚିଛି। ଯେପରି ଚାଷର ବିକାଶ ହେଲା ମନୁଷ୍ୟର ଖାଦ୍ୟାବେଗ , ଜୀବନଶୈଳୀ ପୁରାପୁରି ବଦଳିଗଲା। ଏବେ ମଣିଷ ବେଶି ସମୟ ବସି ବସି କଟାଉଛି। ଆଜିକାଲିର ଲୋକମାନଙ୍କର ଓଜନ ଆମ ପୂର୍ବଜଙ୍କ ଠାରୁ ବେଶି ହୋଇଯାଉଛି। କିନ୍ତୁ ହାଡର ଭାର ବହୁତ କମ୍ ହାଲକା ରହୁଛି। ଏହି ହାଲକା ହାଡ ଅଷ୍ଟିଓପୋପୋରୋସିସ୍ ପରି ରୋଗର କାରଣ କୁହାଯାଉଛି। ତେଣୁ ଗବେଷକ ମାନେ ପରାମର୍ଶ ଦେଇଛନ୍ତି ହାଡ ମଜବୁତ କରିବାକୁ ହେଲେ ପ୍ରତିଦିନ ଆମକୁ ବେଶିବାଟ ପାଦରେ ଚାଲିବାକୁ ହେବ।




# କ୍ଷୀର -ହଳଦୀ ଏକ ଉପକାରୀ ପେୟ

ହଳଦୀରେ ଆଣ୍ଟିସେପ୍‌ଟିକ୍ ଓ ଆଣ୍ଟିବାୟୋଟିକ୍ ଗୁଣ ରହିଛି। କ୍ଷୀରରେ ଥିବା କ୍ୟାଲସିୟମ ହଳଦି ସହିତ ମିଶିଗଲେ ଶରୀର କୁ ଲାଭ ପହଞ୍ଚାଏ। ତେବେ ହଳଦୀ ଖାଇଲେ ଆଉ କି କି ଲାଭ ମିଳେ ଆସନ୍ତୁ ଜାଣିବା।ବ୍ଲଡ ସୁଗାର ବେଶି ହେଲେ ମଧୁମେହ ରୋଗ ହୁଏ। ରକ୍ତରେ ସୁଗାର ପରିମାଣ ବଢିଗଲେ ହଳଦି ବାଲା କ୍ଷୀର ଲାଭ କରିଥାଏ। ଏହାକୁ ପିଇଲେ ରକ୍ତରୁ ସୁଗାର ଲେବଲ କମି ଯାଏ। ହେଲେ ହଳଦୀର ବେଶି ଉପଯୋଗ ବ୍ଲଡ ସୁଗାରର ନିର୍ଦ୍ଧାରିତ ମାତ୍ରା ଠାରୁ ବି କମ୍ ହୋଇପାରେ।

ହଳଦୀରେ ଯନ୍ତ୍ରଣା ନାଶକ ତତ୍ୱ ରହିଥାଏ। ଏହାକୁ ଚୁନରେ ମିଶାଇ ଆଘାତ ସ୍ଥାନରେ ଲଗାଇଲେ ଉପକାର ମିଳିଥାଏ। ଏହା ବ୍ୟତିତ କ୍ଷୀର ହଳଦୀ ପିଇଲେ, କାନ ବିନ୍ଧା ପରି କଷ୍ଟକର ସମସ୍ୟାରୁ ଆରାମ ମିଳେ। ଏହା ଦ୍ୱାରା ଶରୀରରେ ରକ୍ତ ସଂଚାର ବଢ଼ିଯାଏ , ଫଳରେ ଜୋର ଯନ୍ତ୍ରଣା ରୁ ଆରାମ ମିଳେ। ସୁଡୋଲ ଶରୀର ସମସ୍ତଙ୍କର ଇଚ୍ଛା ଥାଏ ।ହଳଦୀର ସେବନ ଶରୀରକୁ ସୁଡୋଲ କରିଦିଏ। ସୁବଦିନ ସକାରେ ଏକ ଗିଲାସ କ୍ଷୀରରେ ଅଧ ଚାମଚ ହଳଦୀ ମିଶାଇ ପିଇଲେ, ଶରୀର ସୁଡୋଲ ହୋଇଥାଏ। ହାଲକା ଉଷୁମ କ୍ଷୀରରେ ହଳଦୀ ମିଶାଇ ପିଇଲେ, ଶରୀରରେ ଥିବା ଅତିରିକ୍ତ ଫ୍ୟାଟ ଧିରେ ଧିରେ କମି ଯାଏ ।ଏଥିରେ ଥିବା କ୍ୟାଲସିୟମ ଓ ଅନ୍ୟ ତତ୍ତ୍ୱ ଓଜନ କମାଇବାରେ ବି ସହଯୋଗ କରେ। ହଳଦୀ ରେ ଶୀଘ୍ର ଘା' ଶୁଖାଇବାର ଗୁଣ ବି ଥାଏ। ଯଦି କେଉଁଠାରେ ଆଘାତ ଲାଗିଯାଇ ରକ୍ତ ବାହାରୁଥାଏ, ସେଥିରେ ତୁରନ୍ତ ହଳଦୀ ଲଗାଇ ଦେବା ଉଚିତ। ଫଳରେ ରକ୍ତ ବୋହିବା କମି ଯିବ। କ୍ଷୀର ପିଇଲେ, ତ୍ୱଚାରେ ଚମକ ଆସିଥାଏ। କ୍ଷୀରରେ ହଳଦୀ ମିଶାଇ ପିଇଲେ, ତ୍ୱଚା ସମସ୍ୟା ଯେପରି , ଇନ୍‌ଫେକ୍ସନ, କୁଣ୍ଡେଇ ହବା, ମୁହଁ ବ୍ରଣ ଆଦି କମିଥାଏ। ଏହା ଦ୍ୱାରା ତ୍ୱଚା ସଫା , ସ୍ୱସ୍ଥ ଓ ଚମକଦାର ହୋଇଥାଏ। ରାତିରେ ନିଦ ନ ଆସୁଥିଲେ, ବିଭିନ୍ନ ବିଚାର ରେ ବୁଡି ରହୁଥିଲେ, ହଳଦି ବାଲା କ୍ଷୀର ଭଲ ନିଦ କରାଇଥାଏ। ରାତିରେ ଖାଇ ସାରିବା ପରେ ଓ ଶୋଇବାର ଅଧଘଣ୍ଟା ପୂର୍ବରୁ ହଳଦୀ ବାଲା କ୍ଷୀର ପିଇଲେ, ଭଲ ନିଦ ହୋଇଥାଏ ।

# ପେଟ କାଟୁଥିଲେ କିଛି ଘରୋଇ ପ୍ରତିକାର କରନ୍ତୁ



ପେଟର ସମସ୍ୟା ଏକ ସାଧାରଣକଥା। ଏହାର ଅଲଗା ଅଲଗା କାରଣ ହୋଇପାରେ। ମହିଳାଙ୍କ ପେଟ ସମସ୍ୟା ଅଧିକା ଥାଏ। ଏଥିରୁ କିଛି କାରଣ ତ ଅତି ସାଧାରଣ ଥାଏ। ହେଲେ କିଛି ଗମ୍ଭୀର କାରଣ ବି ହୋଇପାରେ।

କିଛି ମହିଳା ମାସିକଧର୍ମ ଆରମ୍ଭ ପୂର୍ବରୁ ପେଟ ରେ ଭାରୀପଣ, କବ୍ଜ, ଓ ଅତିସାରର ଅଭିଯୋଗ କରିଥାଆନ୍ତି। ଆଷ୍ଟ୍ରାଜେନ୍ ହରମୋନ୍ ନର୍ବସର ତନ୍ତୁ କୁ ପ୍ରେରିତ କରି ଅନ୍ତରେ ଥିବା ମଳ ର ଗତି ବଢାଇ ଦିଏ । ତେଣୁ ମହାବାରୀ ସମୟରେ ଓ ପୂର୍ବରୁ ପେଟ ଫୁଲିବା ଏକ ସାଧାରଣ ସମସ୍ୟା ହୋଇଥାଏ। ଏହାର କାରଣ ପ୍ରୋଜଷ୍ଟ୍ରନ୍ ହରମୋନ୍ ର ସ୍ତର ରେ ପରିବର୍ତ୍ତନ ଆସିବା। ଯାହା ମଳଦ୍ୱାର ଯାଏ ପାଣି ଓ ଲବଣ ରୋକିବାର ସଙ୍କେତ ହୋଇପାରେ।

ଗର୍ଭବତୀ ମହିଳାଙ୍କ ପେଟର ଗଡବଡି , ବିଶେଷ କରି ଏହି ସମୟରେ ଖଟା ହାକୁଟି ଆସିବା ଏକ ସାଧାରଣ ସମସ୍ୟା ହୋଇଥାଏ। ୩୦ ରୁ ୫୦% ମହିଳାଙ୍କର ଗର୍ଭାବସ୍ଥାରେ ଏହି ସମସ୍ୟା ହୋଇଥାଏ। ଏହାର କାରଣ ହରମୋନାଲ ଶାରୀରିକ ପରିବର୍ତ୍ତନ। କିଛି ଅଧ୍ୟୟନରୁ ଜଣାଯାଇଛି କ୍ୟାଲସିୟମ ସ୍ଲିପମେଣ୍ଟ ନେବା ଦ୍ୱାରା ପେଟ ଫୁଲିଥାଏ। ଏଥିପାଇଁ ଅଧିକ ମାତ୍ରାରେ ପାଣି ପିଇବା ଜରୁରୀ। ଖଟା ହାକୁଟି ଖାସ୍ କରି ଗର୍ଭାବସ୍ଥା ସମୟରେ ଏଥିରୁ ବଞ୍ଚିବା ପାଇଁ ମୁଣ୍ଡତଳେ ଉଚ୍ଚା ତକିଆ ଦେଇ ଶୋଇବା ଉଚିତ। ସିଷ୍ଟ୍ରସ, ପିପରମେଣ୍ଟ, ଲଙ୍କା , ମସଲାଦାର ବା ଟମାଟର ଆଦି ଖାଇବା ଠାରୁ ଦୂରେଇ ରହିବା ଉଚିତ। କାରଣ ଏହା ସମସ୍ୟା ବଢାଇ ଦିଏ। ଅତିସାର ହେଲେ କଦଳୀ, ଦହି, ଚାଉଳ ଖାଆନ୍ତୁ। ପେଟ କାଟିଲେ, ମୂଳା ରସରେ ଲେମ୍ବୁ ମିଶାଇ ପିଇଲେ, ଖାଇବା ପରେ ହେଉଥିବା ଗ୍ୟାସ କମିଥାଏ।

# ଭୋଜନରେ ଏସବୁ ଜିନିଷ ଏକତ୍ର ସାମିଲ କରନ୍ତୁ ନାହିଁ

ଯେଉଁବ୍ୟକ୍ତି ସନ୍ତୁଳିତ ଖାଦ୍ୟ ତଥା ନିୟମ ଅନୁସାରେ ଖାଦ୍ୟ ଖାଇଥାଏ ସେ ଜୀବନ ସାରା ନିରୋଗ ରହିପାରେ। ଦିନସାରା ଆମେ ଯାହା ଖାଇଥାଉ ତାହା ଆମ ଶରୀର ଉପରେ ଅଲଗା ଅଲଗା ପ୍ରଭାବ ପକାଇଥାଏ। ଯଦି ଆମେ ଦୁଇଟି ଜିନିଷ ଏକା ସାଙ୍ଗରେ ମିଶାଇ ଖାଇବା ତାହାର ପ୍ରଭାବ ମଧ୍ୟ ଅଲଗା ପାଇବା। ଏହା ଆମ ପାଇଁ ଉପକାରୀ ବି ହୋଇପାରେ ଅପକାରୀ ବି ହୋଇପାରେ। ଆୟୁର୍ବେଦରେ ଏମିତି ଆହାରକୁ ବିରୁଦ୍ଧ ଆହାର କୁହାଯାଏ। ଏପରି ଆହାର ଏକତ୍ର ଖାଇବାକୁ ବାରଣ ମଧ୍ୟ କରାଯାଇଥାଏ।



**- କ୍ଷୀର ଏବଂ କ୍ଷୀରଜାତ ଦ୍ରବ୍ୟ**

କ୍ଷୀରରେ ଏନିମଲ ପ୍ରୋଟିନ୍ ରହିଥାଏ ଯାହା ଆମକୁ ପଶୁ ଠାରୁ ପ୍ରାପ୍ତ ହୋଇଥାଏ। ଏମିତି ବି ଅନେକ ଜିନିଷ ଅଛି ଯାହା ଅନ୍ୟ ପଶୁ ଠାରୁ ପ୍ରାପ୍ତ ହୋଇଥାଏ ।ଯେମିତି ଅଣ୍ଡା, ମାଂସ, ମାଛ ଆଦି ଜିନିଷ। ତେଣୁ ଏସବୁ ଜିନିଷ କ୍ଷୀର ଖାଇବା ରେ ସାବଧାନ ହେବା ଉଚିତ। ଏହା ସହ କ୍ଷୀର ସହିତ ଲେମ୍ବୁ, ଦହି, ମୂଳା, ମାଛ, ମାଂସ କେବେ ଖାଇବା ଉଚିତ ନୁହେଁ। ଏହା ପେଟରୋଗ କାରକ ହୋଇଥାଏ।

- ଦହି

ଦହି ସହିତ କଦଳୀ, ହରଡ ଡାଲି, ମାଛ , ମାଂସ ଏବଂ ଟମାଟର ଆଦିର ସେବନ କରିବା ଉଚିତ ନୁହେଁ। ଦହିକୁ ଫଳ ସହିତ ଖାଇଲେ ବା ରାତିରେ ଖାଇଲେ ଅହିତ ହୋଇପାରେ।



- ବିୟର - କୋଲ୍ଡଡ୍ରିଙ୍କ୍‌ସ

ବିୟର ଏବଂ କୋଲ୍ଡ ଡ୍ରିଙ୍କସ୍ ସହିତ ଲୁଣିଆ ଜିନିଷ ଖାଇବା ଉଚିତ ନୁହେଁ। ଏହା ଦ୍ୱାରା ଶରୀରରେ ସୋଡିୟମ ମାତ୍ରା ବଢିବାକୁ ଲାଗିଥାଏ। ସୋଡିୟମ ପାଣିର ମାତ୍ରାକୁ ହ୍ରାସ କରିଦିଏ।




- ଘିଅ

ଘିଅକୁ କେବେ ତମ୍ବା ପାତ୍ର ବା ରୂପା ପାତ୍ରରେ ରଖିବେ ନାହିଁ। କାରଣ ଘିଅ ସହିତ ତମ୍ବା ମିଶିଲେ ଖରାପ ହୋଇଥାଏ ।ଯଦି ଘିଅ ମହୁକୁ ମିଶାଇ ଖାଇବେ ତାହା ବିଷତୂଲ୍ୟ ହୋଇଥାଏ

**- କାକୁଡି- ଟମାଟର**

କାକୁଡି ସହିତ ଟମାଟର ମିଶାଇ ଖାଇଲେ ପେଟ ସମ୍ବନ୍ଧିତ ରୋଗ ହୋଇପାରେ। ପେଟ ଫୁଲିଯାଇପାରେ।

**- ଗାଜର - ଲେମ୍ବୁ**

ଗାଜର ସହିତ ଲେମ୍ବୁ ଖାଇଲେ ହାର୍ଟ ସମ୍ବନ୍ଧିତ ଏବଂ ୟୁରିନ୍ ସମ୍ବନ୍ଧିତ ରୋଗ ହୋଇଥାଏ।



**- ମୂଳା**

ମୂଳା। ଖାଇବା ପରେ କ୍ଷୀର ଓ କଦଳୀ ଖାଇବା ଉଚିତ ନୁହେଁ। ଏହା ସହିତ ଘିଅ, ମୂଳା ଓ ଅଙ୍ଗୁର ଏକତ୍ର ଖାଇବା ଉଚିତ ନୁହେଁ।



- ମାଛ ଓ ମାଂସ

ମାଛ ମାଂସ ସହିତ କେବେବି କ୍ଷୀର ଓ ଦହି ଖାଇବେ ନାହିଁ। ଏହାଦ୍ୱାରା ଶରୀରର କ୍ଷତି ହାଇପାରେ।

ଏମିତି କେତେକ ଜିନିଷ ଖାଇବାକୁ ସ୍ୱାଦିଷ୍ଟ ଲାଗିଥାଏ। କିନ୍ତୁଏହା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇନଥାଏ। ତେଣୁ ଏପରି ଜିନିଷ ଏକତ୍ର ଖାଇବା ଉଚିତ ନୁହେଁ।

# ସ୍ପିନ୍ ଯାଦୁକରଙ୍କ ଅକାଳ ବିୟୋଗ



ବ୍ୟାଙ୍କକ୍/ମେଲବର୍ଣ୍ଣ : କ୍ରିକେଟ୍ ଜଗତର ମହାନ ବୋଲର୍, ଅଷ୍ଟ୍ରେଲୀୟ ସ୍ପିନ୍ କିମ୍ବଦନ୍ତୀ ତଥା ପୂର୍ବତନ ଅଧିନାୟକ ସେନ୍ ଓ୍ୱର୍ଣ୍ଣ ଆଉ ନାହାନ୍ତି। ଥାଇଲାଣ୍ଡ ଗସ୍ତରେ ଥିବାବେଳେ ଶୁକ୍ରବାର ସନ୍ଦେହଜନକ ଭାବେ ହୃଦ୍‌ଘାତରେ ତାଙ୍କର ପରଲୋକ ଘଟିଛି। ତାଙ୍କୁ ମାତ୍ର ୫୨ ବର୍ଷ ହୋଇଥିଲା। ଓ୍ୱର୍ଣ୍ଣଙ୍କ ପରଲୋକ ଖବର ପ୍ରଥମେ ଫକ୍ସ ସ୍ପୋର୍ଟସ ପକ୍ଷରୁ ଏକ ସଂକ୍ଷିପ୍ତ ବିବୃତିରେ ଦିଆଯିବା ପରେ ବିଶ୍ୱବ୍ୟାପୀ ପ୍ରଶଂସକ, କ୍ରିକେଟପ୍ରେମୀ, କ୍ରିକେଟର୍ ସ୍ତବ୍ଧ ହୋଇଯାଇଛନ୍ତି। ଏହା ବିଶ୍ୱାସଯୋଗ୍ୟ ନୁହେଁ ବୋଲି ଅନେକ ଟ୍ୱିଟ୍ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ଭିଲ୍ଲାରେ ଓ୍ୱର୍ଣ୍ଣ ଅଚେତ ଅବସ୍ଥାରେ ପଡିଥିଲେ। ଡାକ୍ତରଙ୍କର ସମସ୍ତ ଚେଷ୍ଟା ସତ୍ତ୍ୱେ ତାଙ୍କର ଚେତା ଆଉ ଫେରିନଥିଲା। କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଲା, ତାହା ଜଣାପଡି ନହିଁ। 'ପାରିବାରିକ ଗୋପନୀୟତା ବଜାୟ ରଖନ୍ତୁ, ଠିକଣା ସମୟରେ ବିସ୍ତୃତ ବିବରଣୀ ପ୍ରଦାନ କରାଯିବ' ବୋଲି ତାଙ୍କ ପରିବାର ପକ୍ଷରୁ ଅନୁରୋଧ କରାଯାଇଛି। ସକାଳେ ଅନ୍ୟତମ ପୂର୍ବତନ ଅଷ୍ଟ୍ରେଲୀୟ ମହାନ କ୍ରିକେଟର୍ ରଡନି ମାର୍ଶଙ୍କ ଦେହାନ୍ତ ଘଟିଥିବା ବେଳେ ଓ୍ୱର୍ଣ୍ଣ ଏଥିରେ ମର୍ମାହତ ହୋଇ ଟ୍ୱିଟ୍ କରି ଶୋକବାର୍ତ୍ତା ଦେଇଥିଲେ। ଏହାର ୧୨ ଘଣ୍ଟା ପରେ ନିଜେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି।

ଅଷ୍ଟ୍ରେଲିଆ ପାଇଁ ଦୀର୍ଘ ୧୫ ବର୍ଷ ଧରି କ୍ରିକେଟ୍ ଖେଳିଥିବା ସେନ୍ ଓ୍ୱର୍ଣ୍ଣ ୧୪୫ ଟେଷ୍ଟରୁ ୭୦୮ ୱିକେଟ୍ ସହ ସିଂହଳୀ ସ୍ପିନ୍ କିମ୍ବଦନ୍ତୀ ମୁଥୟା ମୁରଲୀଧରନ (୮୦୦)ଙ୍କ ପରେ ଏବେ ବି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୧୯୪ ଦିନିକିଆରୁ ୨୯୩ ୱିକେଟ୍ ସଂଗ୍ରହ କରିଥିଲେ। ମୋଟ ଉପରେ ୧୦୦୦ରୁ ଉର୍ଦ୍ଧ୍ୱ ଅନ୍ତର୍ଜାତୀୟ ୱିକେଟ୍ ନେବାର ବିରଳ ସଫଳତା ତାଙ୍କ ନାମରେ ରହିଛି। ଏ କ୍ଷେତ୍ରରେ ମଧ୍ୟ ମୁଥୟା ମୁରଲୀଧରନ (୧୩୪୭ ୱିକେଟ୍) ପ୍ରଥମ ସ୍ଥାନରେ ରହିଛନ୍ତି। ୧୯୯୨ରେ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଆସି ୨୦୦୭ରେ ଅବସର ନେଇଥିଲେ ମଧ୍ୟ ୨୦୦୮ରେ ଆରମ୍ଭ ହୋଇଥିବା ଆଇପିଏଲ୍‌ର ପ୍ରଥମ ସଂସ୍କରଣରେ ରାଜସ୍ଥାନ ରୟାଲ୍ସକୁ ବିଜେତା କରାଇଥିଲେ। ୩୦୦ରୁ ଉର୍ଦ୍ଧ୍ୱ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବା ସହ ୱିଜଡେନ୍‌ର ଶତାବ୍ଦୀର ଶ୍ରେଷ୍ଠ ୫ କ୍ରିକେଟରଙ୍କ ମଧ୍ୟରେ ସେ ସାମିଲ ଥିଲେ। ପଡିଆ ଭିତରେ ଏବଂ ବାହାରେ ଜଣେ ପ୍ରଭାବୀ ବ୍ୟକ୍ତିତ୍ୱ ଥିବା ଓ୍ୱର୍ଣ୍ଣ ମଧ୍ୟ କ୍ରିକେଟ୍ ଭାଷ୍ୟକାର ଭାବେ ଖେଳର ଟିକିନିକି ସମୀକ୍ଷା କରି ଲୋକପ୍ରିୟତା ଅର୍ଜନ କରିଥିଲେ। ସ୍ପିନ୍ କିଙ୍ଗ୍ ଭାବେ ପରିଚିତ ସେନ୍ ଓ୍ୱର୍ଣ୍ଣ ନିଜ ସମୟର ସମସ୍ତ ମହାନ ବ୍ୟାଟ୍ସମ୍ୟାନ୍‌ଙ୍କୁ ତାଙ୍କର ସ୍ପିନ ଯାଦୁରେ ଘାଏଲା କରିଥିଲେ।

## ଓ୍ୱାର୍ଣ୍ଣଙ୍କ ମୃତ୍ୟୁ ପଛରେ କୌଣସି ଷଡ଼ଯନ୍ତ୍ର ନାହିଁ

ବ୍ୟାଙ୍କକ୍ : କିମ୍ବଦନ୍ତୀ ସ୍ପିନର ସେନ ଓ୍ୱାର୍ଣ୍ଣଙ୍କ ମୃତ୍ୟୁ ହୃଦଘାତ କାରଣରୁ ହୋଇଥିଲା । ଏହା ପଛରେ କୌଣସି ଷଡ଼ଯନ୍ତ୍ର ନାହିଁ ବୋଲି ଥାଇଲାଣ୍ଡ ପୁଲିସ କହିଛି । ରବିବାର ତାଙ୍କ ମୃତଦେହକୁ କୋହ ସାମୁହି ଦ୍ୱୀପରୁ ନିକଟସ୍ଥ ସୁରଟ୍ ଥାନିକୁ ନିଆଯିବ । ସେଠାରେ ତାଙ୍କର ଶବ ବ୍ୟବଚ୍ଛେଦ କରାଯିବ । ଏହା ପରେ ତାଙ୍କ ମୃତଦେହକୁ ଅଷ୍ଟ୍ରେଲିଆ ପଠେଇଦିଆଯିବ । ମାତ୍ର ୫୨ ବର୍ଷ ବୟସରେ ଓ୍ୱାର୍ଣ୍ଣଙ୍କ ପରଲୋକ ହୋଇଥିଲା । ଏକ ସଂଦିଗ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ପ୍ରଥମେ କୁହାଯାଇଥିଲା । କିନ୍ତୁ ଏବେ ପୁଲିସର ବୟାନ ପରେ ଏହି କଳ୍ପନା ଜଳ୍ପନାର ଅନ୍ତ ହୋଇଛି ।ଓ୍ୱାର୍ଣ୍ଣଙ୍କ ମୃତ୍ୟୁରେ ସମଗ୍ର କ୍ରିକେଟ ଜଗତରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ମୃତ୍ୟୁରେ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବିଭିନ୍ନ ଦେଶର କ୍ରିକେଟ ଖେଳାଳି, ରାଜନେତା, ସିନେତାରକା, ରକଷ୍ଟାର ଆଦି ଶୋକବ୍ୟକ୍ତ କରିଛନ୍ତି । ୧୯୬୯ରେ ଜନ୍ମ ଗ୍ରହଣ କରିଥିବା ସେନ ଓ୍ୱାର୍ଣ୍ଣ ଅଷ୍ଟ୍ରେଲିଆ ପାଇଁ ୧୪୫ଟି ଟେଷ୍ଟ, ୧୯୪ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି । ସେ ଟେଷ୍ଟରେ ୭୦୮ଟି ୱିକେଟ୍ ନେବା ସହ ୩୧୫୪ରନ ବି କରିଛନ୍ତି । ଭାରତର ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଇପିଏଲରେ ବି ସେ ନିଜର ଛାପ ଛାଡ଼ିଥିଲେ । ୨୦୦୮ରେ ଅନୁଷ୍ଠିତ ପ୍ରଥମ ଆଇପିଏଲରେ ସେ ରାଜସ୍ଥାନ ରୟାଲ୍ସ ଦଳର ଉଭୟ କୋଚ୍ ଓ ଅଧିନାୟକ ଦାୟିତ୍ୱ ନିର୍ବାହ କରି ଦଳକୁ ଚାମ୍ପିଅନ କରିଥିଲେ ।

## ପୂଜାରା, ରାହାଣେ, ପାଣ୍ଡ୍ୟାଙ୍କ ଗ୍ରେଡ୍ ଖସିଲା

### ବିସିସିଆଇ କେନ୍ଦ୍ରୀୟ ଚୁକ୍ତି

ମୋହଲି: ଭାରତୀୟ କ୍ରିକେଟ୍ ବୋର୍ଡ (ବିସିସିଆଇ) ବୁଧବାର ଆପେକ୍ସ କାଉନ୍‌ସିଲ୍ ବୈଠକରେ କେନ୍ଦ୍ରୀୟ ଚୁକ୍ତିରେ ପରିବର୍ତନ କରିଛି। ଫର୍ମ ହରାଇଥିବାରୁ ଭେଟେରାନ ବ୍ୟାଟର୍ ଚେତେଶ୍ୱର ପୂଜାରା, ପୂର୍ବତନ ଟେଷ୍ଟ ଉପଅଧିନାୟକ ଅଜିଙ୍କ୍ୟ ରାହାଣେ, ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ବିବାଦୀୟ ୱିକେଟରକ୍ଷକ ରିଦ୍ଧିମାନ ଶାହାଙ୍କ ଗ୍ରେଡ୍‌ରେ ପରିବର୍ତ୍ତନ କରାଯାଇଛି। ଶ୍ରୀଲଙ୍କା ବିପକ୍ଷ ଆଗାମୀ ଟେଷ୍ଟ ଶୃଙ୍ଖଳାରୁ ବାଦ୍ ପଡିଥିବା ଉଭୟ ପୂଜାରା ଓ ରାହାଣେ ରଣଜୀ ଟ୍ରଫିର ଦୁଇଟି ରାଉଣ୍ଡ ଖେଳିଥିଲେ ମଧ୍ୟ ପ୍ରଭାବ ଛାଡପାରିନାହାନ୍ତି। ଫଳରେ ଦୁହେଁ ଗ୍ରେଡ୍ 'ଏ'ରୁ 'ବି'କୁ ଖସିଯାଇଛନ୍ତି। ଅନ୍ୟପକ୍ଷରେ ସବୁଠୁ ବଡ କ୍ଷତିରେ ପଡିଛନ୍ତି ପାଣ୍ଡ୍ୟା। ରଣଜୀ ଖେଳିବା ପାଇଁ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲିଙ୍କ ପରାମର୍ଶକୁ ଗ୍ରହଣ କରିନଥିବା ପାଣ୍ଡ୍ୟା 'ଏ'ରୁ ସିଧାସଳଖ 'ସି'କୁ ଖସିଯାଇଛନ୍ତି। ସେହିପରି ଟେଷ୍ଟ ଦଳରୁ ବାଦ୍ ପଡିବା ପରେ ପ୍ରଶିକ୍ଷକ ରାହୁଲ ଦ୍ରାବିଡ୍‌ଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟ ଦେଇଥିବା ରିଦ୍ଧିମାନ 'ବି'ରୁ 'ସି'କୁ ଖସିଛନ୍ତି। ସୂଚନାଯୋଗ୍ୟ ଯେ ବିସିସିଆଇର କେନ୍ଦ୍ରୀୟ ଚୁକ୍ତି ଅନୁଯାୟୀ ଗ୍ରେଡ୍-ଏ+କୁ ୭ କୋଟି ଟଙ୍କା ଏବଂ 'ଏ', 'ବି' ଓ 'ସି'କୁ ଯଥାକ୍ରମେ ୫, ୩ ଓ ୧ କୋଟି ଟଙ୍କା ଦେବାର ଯୋଜନା ରହିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପ୍ରତାପଙ୍କ ବିରୁଦ୍ଧରେ...

ଲୋକାଭିମୁଖୀ କାର୍ଯ୍ୟରେ ସାଧାରଣ ଲୋକ ଙ୍କ ଠାରୁ ଆରମ୍ଭ କରି ଅସାଧାରଣ ଲୋକ ପର୍ଯ୍ୟନ୍ତ ସଠିକ୍ ରୂପେ ପହଞ୍ଚାଇ ପାରି ଥିବାରୁ ଆଜି ଭୋଟରମାନେ ବିରୋଧି ବିଜେପି ଓ କଂଗ୍ରେସ କି ପ୍ରତ୍ୟାଖାନ କରି ବିଜେଡି ମୁହାଁ ହୋଇଥିବା ଦେଖିବାକୁ ମିଳୁଛି। ଲୋକ ମାନଙ୍କ ମୌଳିକ କାର୍ଯ୍ୟ କରିବା ମାନବ୍ୟର ମୂଖ୍ୟ ମନ୍ତ୍ରୀଙ୍କ ପଥମ ଲକ୍ଷ ବୋଲି ମନ୍ତ୍ରୀ ଶ୍ରୀଯୁକ୍ତ ଜେନା ମତ ପ୍ରକାଶ କରିଥିଲେ। ବିଗତ ଦିନରେ ବିଯେଡି ଉପରେ ବିରୋଧୀ ମାନେ ବିଭନ୍ନ ମିଥ୍ୟ ଅପପ୍ରଚାର କରି ବଦନାମ କରିବାକୁ ଚେଷ୍ଟା କରିଥିଲି। ଯାହାର ମୁଁହ ତୋଡ ଜବାବ ଚଳିତ ନିର୍ବାଚନ ରେ ଭୋଟ ମାଧ୍ୟମରେ ରାଜ୍ୟବାସୀ ତଥା ମାହାଙ୍ଗା ବାସୀ ଦେଇଛନ୍ତି । ମନ୍ତ୍ରୀ ଶ୍ରୀଯୁକ୍ତ ଜେନାଙ୍କ ବିରୁଦ୍ଧରେ ଯେତେ କୁଟ ଚକ୍ରାନ୍ତ ବିରୋଧୀ କଲେ ମଧ୍ୟ ସେ ସବୁର ପରିଣାମ ଫଳ ସ୍ୱରୂପ ଏହି ନିର୍ବାଚନ ରେ ସୋଚିନୀୟ ପରାସ୍ତ ହୋଇ ପାଇଛନ୍ତି ବିରୋଧି ବିଜେପି ଓ କଂଗ୍ରେସ। ମାନ୍ୟବର ଜନପ୍ରିୟ ମୁଖ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଙ୍କ ବିକାଶ ମୂଳକ କାର୍ଯ୍ୟକୁ ଦେଖିବା ସହ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ଲୋକପ୍ରିୟ ବିଧାୟକ ତଥା ସୁନାମ ଧନ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରତାପ ଜେନାଙ୍କ ଲକୋ ପ୍ରିୟତା କେତେ ମାତ୍ରା ରେ ଅଛି ତାହା ଆଜି ମାହାଙ୍ଗା ବାସୀ ବିଜୁ ଜନତା ଦଳ ସମର୍ଥିତ ପାର୍ଥି ମାନଙ୍କୁ ଭୋଟ ମାଧ୍ୟମରେ ଜୟଯୁକ୍ତ କରାଇ ସ୍ପଷ୍ଟ ପ୍ରମାଣିତ କରି ଦେଖାଇଛନ୍ତି। ଯାହାକୁ ନେଇ ଆଜି ସମଗ୍ର ମାହାଙ୍ଗା ନିର୍ବାଚନ ମଣ୍ଡଳୀରୁ ବିଜୁ ଜନତା ଦଳର ସମର୍ଥିତ ବିଜୟୀ ପ୍ରାର୍ଥୀ ମାନେ ମନ୍ତ୍ରୀ ଶ୍ରୀଯୁକ୍ତ ଜେନାଙ୍କୁ ଗଭୀର କୃତଜ୍ଞତା ଜନାଇଥିଲେ। ଅନ୍ୟପକ୍ଷରେ ଏହି ଅବସରରେ ମନ୍ତ୍ରୀ ଶ୍ରୀଯୁକ୍ତ ଜେନା ମାହାଙ୍ଗା ନିର୍ବାଚନ ମଣ୍ଡଳୀ ୨୪ ନମ୍ବର ଜୋନ୍ ରୁ ବିଜୟୀ ହୋଇଥିବା ଜିଲ୍ଲା ପରିଷଦ ସଭ୍ୟ ବିପ୍ଳବ କାପ, ୨୬ ନମ୍ବର ଜୋନର ଜସ୍ମିତା ସେଠି, ୨୭ ନମ୍ବର ଜୋନର ଭୂପତି କ୍ଷେଣ୍ଡ, ୨୮ ନମ୍ବର ଜୋନର ଶୁଭଶ୍ରୀ ମହାନ୍ତି, ୩୯ ନମ୍ବର ଜୋନର ମୁର୍ଶିଦ୍ ରିଆଯୁଲ ହୋଦା, ୪୦ ନମ୍ବର ଜୋନର ସସ୍ମିତା ଦାସ, ୪୧ ନମ୍ବର ଜୋନର ଜଗବନ୍ଧୁ ସେଠୀ, ୪୨ ନମ୍ବର ଜୋନର ବିଜୟୀ ଜିଲ୍ଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କୁ ଶୁଭେଚ୍ଛା ଜଣାଇ ଥିଲେ।

### ନବନିଯୁକ୍ତ ଉପ-ନିବନ୍ଧକମାନଙ୍କ...

ଗୁରୁତ୍ୱାରୋପ କରାଯାଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ସେବା ପ୍ରଦାନ କରିବାକୁ ପ୍ରଯୁଜ୍ୟ ନିୟମ ସହିତ ପାରଦର୍ଶୀ ହେବା ପାଇଁ ଏବଂ ସେହି ଅନୁଯାୟୀ ସେମାନଙ୍କ ସହାୟକ କର୍ମଚାରୀଙ୍କୁ ମଧ୍ୟ ଜନସାଧାରଣଙ୍କ ପ୍ରତି ସମ୍ବେଦନଶୀଳ ମନୋଭାବ ନେଇ କାର୍ଯ୍ୟ କରିବାକୁ ଉପନିବନ୍ଧକମାନଙ୍କୁ ଅତିରିକ୍ତ ମୁଖ୍ୟ ଶାସନ ସଚବି ନିର୍ଦ୍ଦେଶ ଦେଇଥିଲେ। ଏଥିରେ କୌଣସି ବ୍ୟତିକ୍ରମ ନକରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚବି ତାଗିଦ କରିଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆହୁରି ମଧ୍ୟ ପରାମର୍ଶ ଦେଇଥିଲେ ଯେ ବିଭାଗରେ ହୋଇଥିବା ବିଭିନ୍ନ ସରଳୀକରଣ ଓ ଅନଲାଇନ୍ କାର୍ଯ୍ୟକୁ ଆହୁରି ଭଲ ଓ ଉନ୍ନତ କରିବାକୁ ହେବ। ସେ ପ୍ରତ୍ୟେକ ସବ୍-ରେଜିଷ୍ଟ୍ରାରକୁ ନିଜ କାର୍ଯ୍ୟାଳୟରେ ବିଭିନ୍ନ ଦେୟ ଡିଜିଟାଲ୍ ପେମେଣ୍ଟ ମାଧ୍ୟମରେ ପ୍ରୋତ୍ସାହିତ କରିବାକୁ ଏବଂ ନଗଦ କାରବାର ନକରିବାକୁ କହିଥିଲେ। ସେହିଭଳି ନାଗରିକମାନଙ୍କୁ ଓଏଜ ୱେବସାଇଟର ସୁବିଧା ବ୍ୟବହାର କରି ଦଲିଲ ପ୍ରସ୍ତୁତ କରିବାକୁ ଉତ୍ସାହିତ କରିବାକୁ କୁହାଯାଇଥିଲା। ଜନସାଧାରଣମାନଙ୍କୁ ତୁରନ୍ତ ସେବା ପ୍ରଦାନ ଓ ବେଶୀ ସମୟ ଅପେକ୍ଷା ନକରେଇବା ଉପରେ ଗୁରୁତ୍ୱରୋପ କରାଯାଇଥିଲା। ବୈଧାନିକ କାରଣ ବ୍ୟତୀତ ନିବନ୍ଧନ କାର୍ଯ୍ୟାଳୟରେ ସମସ୍ତ ସେବା ଅନଲାଇନ ମାଧ୍ୟମରେ ପ୍ରଦାନ କରାଯାଇଥାଏ। ତେଣୁ ଜନସାଧାରଣମାନଙ୍କୁ ଏହି ସବୁ ସେବା ଅନଲାଇନ୍ ମାଧ୍ୟମରେ ଆବେଦନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିବନ୍ଧକ ଓ ଉପ-ନିବନ୍ଧକ କାର୍ଯ୍ୟାଳୟମାନଙ୍କରେ ହୋଇଥିବା ବିଭିନ୍ନ ଅନଲାଇନ ସେବା ଯଥା ଅନଲାଇନ୍ ମାଧ୍ୟମରେ ଏକକ୍ୟୁମ୍ବ୍ରାନ୍ସ ସାର୍ଟିଫିକେଟ୍ ଏବଂ ପଞ୍ଜୀକୃତ ଡକ୍ୟୁମେଂଟର ସାର୍ଟିଫିକେଟ କପି, ୱେବସାଇଟରେ ବିକ୍ରୟ, ଉପହାର, ଲିଜ୍, ବନ୍ଧକ ଏବଂ ଭଡା ଦଲିଲ ପ୍ରସ୍ତୁତିକରଣ, ପାର୍ଟନରସିପ୍ ଫାର୍ମ ଏବଂ ରାଜ୍ୟସ୍ତରରେ ଏବଂ ଜିଲ୍ଲାସ୍ତରରେ ସୋସାଇଟି ଅନଲାଇନ ପଞ୍ଜୀକରଣ, ଆଧାର ଏବଂ ପାନ୍ ଡାଟାବେସ୍ ସହ ସଂଯୋଗୀକରଣ, ଗୋଟିଏ କାଉଟଂରେ ସମସ୍ତ ପ୍ରକାରର ମ୍ୟୁଟେସନ ଫି ସଂଗ୍ରହ କରିବା, ମ୍ୟୁଟେସନ୍ କେସ୍ ସ୍ୱତଃ ଆରମ୍ଭ ପାଇଁ ବିକ୍ରୟ କାରବାର ରିପୋର୍ଟ ତହସିଲ ଅଫିସକୁ ସ୍ୱତଃପୂର୍ତ୍ତ ଭାବେ ପ୍ରେରଣ, ଡିଜି ଲକର୍ ଓ ଓଏଜ ୱେବସାଇଟ୍ ସହିତ ସଂଯୋଗୀକରଣ ଯାହା ଦ୍ୱାରା ନାଗରିକମାନେ ସେମାନଙ୍କର ଡକ୍ୟୁମେଂଟକୁ ଡିଜିଲକରରୁ ଡାଉନଲୋଡ୍ କରିବାକୁ ସକ୍ଷମ ହେବେ ଏବଂ ପଞ୍ଜିକୃତ ଡକ୍ୟୁମେଣ୍ଟଗୁଡିକର ଡାକ ବିତରଣ, ଅନଲାଇନ ପେମେଣ୍ଟର ପ୍ରୋତ୍ସାହନ ପାଇଁ ପେମେଣ୍ଟ ଗେଟୱେ ସଂଯୋଗିକରଣ ଉପରେ ଆଲୋକପାତ କରିଥିଲେ। ଉପ-ନିବନ୍ଧକ କାର୍ଯ୍ୟୋଳୟକୁ ଆସୁଥିବା ପ୍ରତ୍ୟେକ ଜନସାଧାରଣଙ୍କୁ ସମ୍ମାନର ସହିତ ବ୍ୟବହାର କରିବାକୁ ଏବଂ ସେମାନଙ୍କୁ ସ୍ୱଚ୍ଛ ଭାବରେ ଏବଂ ଠିକ୍ ସମୟରେ ସେବା ପ୍ରଦାନ କରିବାକୁ ପରାମର୍ଶ ଦିଆଯାଇଥିଲା। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏହି ପ୍ରଶିକ୍ଷଣ ଶିବିରକୁ ଉଦଘାଟନ କରିଥିବାରୁ ଆଇଜିଆର, ଓଡ଼ିଶା ଗଭୀର କୃତଜ୍ଞତା ଜଣାଇଥିଲେ ଏବଂ ଡେପୁଟି ଆଇଜିଆର ଓ ଡିଏସଆର, ଜଗତସିଂହପୁର ଏବଂ କଟକ ନୂତନ-ସବ୍-ରେଜିଷ୍ଟ୍ରାରମାନଙ୍କୁ ତାଲିମ ପ୍ରଦାନ କରିଥିଲେ।






## ପ୍ରଥମ ବଡ ପରଦାରେ ଏକାଠି ନଜରକୁ ଆସିବେ

ପ୍ରଥମଥର ପାଇଁ ବଡ ପରଦାରେ ଏକାଠି ନଜର ଆସିବେ ବଲିଉଡ ଅଭିନେତା ରଣବୀର ଓ ଅଭିନେତ୍ରୀ ଶ୍ରଦ୍ଧା କପୁର । ଏହି ଦୁହିଁଙ୍କ ଅଭିନୀତ ଫିଲ୍ମକୁ ଆସନ୍ତା ବର୍ଷ ଗଣତନ୍ତ୍ର ଦିବସରେ ରିଲିଜ କରିବାକୁ ଯୋଜନା କରାଯାଇଥିବା ବେଳେ ଫିଲ୍ମ ନିର୍ମାତା ଏହାର ମୁକ୍ତିଲାଭ ତାରିଖକୁ ଘୁଞ୍ଚାଇଦେଇଛନ୍ତି । ଏହି ଫିଲ୍ମଟି ମାର୍ଚ୍ଚ ୨୦୨୩ରେ ପରଦାରେ ମୁକ୍ତିଲାଭ କରିବାକୁ ଯାଉଛି । ଏହା ଏକ ରୋମାଣ୍ଟିକ କମେଡି ଫିଲ୍ମ । ଯାହାର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ଲବ ରଂଜନ । ଏନେଇ ନିର୍ଦ୍ଦେଶକ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଘୋଷଣା କରି କହିଛନ୍ତି କି ରଣବୀରକପୁର ଓ ଶ୍ରଦ୍ଧାକପୁରଙ୍କ ଅଭିନୀତ ଏହି ଫିଲ୍ମଟି ଆସନ୍ତା ବର୍ଷ ହୋଲି ଅର୍ଥାତ ୮ ମାର୍ଚ୍ଚ ୨୦୨୩ରେ ମୁକ୍ତିଲାଭ କରିବ । ତେବେ ଏହା ପୂର୍ବରୁ ଅନେକ ଥର ଫିଲ୍ମର ମୁକ୍ତିଲାଭ ତାରିଖ ସ୍ଥିର ହେଇଥିଲେ ମଧ୍ୟ କରୋନା ମହାମାରୀ ଯୋଗୁ ମୁକ୍ତିଲାଭ ତାରିଖ ସ୍ଥିର ହୋଇପାରିନଥିଲା । ଏଯାବତ୍ ଏହି ଫିଲ୍ମର ଶୀର୍ଷକ ସ୍ଥିର ହୋଇ ପାରିନାହିଁ । ରଣବୀର କପୁର, ଶ୍ରଦ୍ଧା କପୁରଙ୍କ ବ୍ୟତୀତ ଏହି ଫିଲ୍ମରେ ଡିମ୍ପଲକପାଡିଆ ଓ ବୋନିକପୁର ମଧ୍ୟ ଏଥିରେ ନଜର ଆସିବେ ।

## ୫୩ ବର୍ଷରେ ମା' କଲେ ପ୍ରେମ ବିବାହ, ଭାବବିହ୍ୱଳ ହୋଇ ପୁଅକୁ ଲେଖିଲେ ପୋଷ୍ଟ




୪୪ ବର୍ଷ ବୟସରେ ହରାଇଲେ ସ୍ୱାମୀଙ୍କୁ, ଏହାପରେ ହୋଇଥିଲା କ୍ୟାନ୍ସର, ଡିପ୍ରେସନ, ଏମିତିକି ଏବେ କୋଭିଡରେ ମଧ୍ୟ ହୋଇଥିଲେ ଆକ୍ରାନ୍ତ । ପୁଅ ବିଦେଶରେ ରହି ପାଠ ପଢୁଥିବାରୁ ଆସିପାରୁନଥିଲା ପାଖକୁ । ଫଳରେ ସବୁବେଳେ ଏକାକୀ ହୋଇପଡିଥିଲେ ମହିଳା । ତଥାପି ହାରିମାନିଥିଲେ । ଲଢୁଥିଲେ ଏକାକୀ । ଆଉ ୫୩ ବର୍ଷ ବୟସରେ ହୋଇଥିଲା ପ୍ରେମ ଆଉ ତା'ପରେ କରିଛନ୍ତି ପ୍ରେମ ବିବାହ ।

ଜଣେ ପୁଅ ନିଜ ୫୩ ବର୍ଷୀୟ ମା'ଙ୍କ ପାଇଁ ଭାବବିହ୍ୱଳ ହୋଇ ଏଭଳି ଏକ ପୋଷ୍ଟ କରିଛନ୍ତି । ପ୍ରକୃତରେ ୪୪ ବର୍ଷ ବୟସରେ ୨୦୧୩ରେ ମହିଳା ଜଣଙ୍କ ନିଜ ସ୍ୱାମୀଙ୍କୁ ହରାଇଥିଲେ । ଏହାପରେ ସେ କ୍ୟାନ୍ସରରେ ପୀଡିତ ମଧ୍ୟ ହୋଇଥିଲେ । ପୁଅ ବାହାରେ ରହୁଥିବା କାରଣରୁ ମା'କୁ ଭାରତରେ ଏକାକୀ ରହିବାକୁ ପଡୁଥିଲା । ଅନେକ ଅସୁବିଧା ସତ୍ତ୍ୱେ ମହିଳା ଜଣକ ହାର ମାନିନଥିଲେ ଏବଂ ଗତ ବର୍ଷ ସେ ଜଣେ ବ୍ୟକ୍ତିଙ୍କୁ ଭଲ ମଧ୍ୟ ପାଇଥିଲେ ଏବଂ ତାଙ୍କ ସହ ବିବାହ ମଧ୍ୟ କରିଛନ୍ତି । ମହିଳା ଜଣକ କ୍ୟାନ୍ସର ଏବଂ ଡିପ୍ରେସନ ଭଳି ରୋଗ ସହ ଲଢୁଛନ୍ତି । କିନ୍ତୁ ସେ କେବେ ହାର ମାନିନଥିଲେ ମହିଳାଙ୍କ ପୁଅ ଜିମୀତ ଗାନ୍ଧୀ ଲିଙ୍କ୍‌ଡଇନରେ ରେ ନିଜ କାହଣୀ କହିଛନ୍ତି । ଯାହାକୁ ୟୁଜର୍ସ ଖୁବ ପସନ୍ଦ କରୁଛନ୍ତି ।

ସେ ତାଙ୍କ ପୋଷ୍ଟରେ ଲେଖିଛନ୍ତି ତାଙ୍କ ମା 'ଫାଇଟର' ବୋଲି କହିଛନ୍ତି । ସେ ପୋଷ୍ଟରେ ଲେଖିଛନ୍ତି ତାଙ୍କ ମା' ୨୦୧୩ରେ ସ୍ୱାମୀଙ୍କୁ ହରାଇଥିଲେ । ସେତେବେଳେ ତାଙ୍କ ବୟସ ୪୪ ବର୍ଷ ଥିଲା । ୨୦୧୯ ରେ ତାଙ୍କୁ ବ୍ରେଷ୍ଟ କ୍ୟାନ୍ସର ହୋଇଥିଲେ ଏହା ପରେ ତାଙ୍କ ଅନେକଥର କୀମୋଥେରାପି ହୋଇଥିଲା । ଦୁଇ ବର୍ଷ ପରେ ଠିକ ହୋଇଥିଲେ । କ୍ୟାନ୍ସର ଚିକିତ୍ସା ସମୟରେ ଡେଲ୍ଟା ଭ୍ୟାରିଏଣ୍ଟରେ ସଂକ୍ରମିତ ହୋଇଥିଲେ । ଏହି ସମୟରେ ସେ କ୍ୟାନ୍ସର ଏବଂ ଡିପ୍ରେସନ ଭୋଗିଥିଲେ । କିନ୍ତୁ ସେ କେବେ ହାର ମାନିନଥିଲେ । ୫୨ ବର୍ଷ ବୟସରେ ତାଙ୍କୁ ପ୍ରେମ ହୋଇଯାଇଥିଲା । ଆଉ ସେ ବିବାହ କରି ଅନେକ କୁପ୍ରଥାକୁ ଦୂର କରିଛନ୍ତି । ସେ ଜଣେ ଯୋଦ୍ଧା ଆଉ ସେ ମୋ ମା' ।

## ଲୁଚିଛପି ବାହାହେଲେ

ସଲମାନ ଖାନ୍ ବଲିଉଡର ଏପରି ଏକ ଷ୍ଟାର, ଯାହାଙ୍କ ବାହାଘରକୁ ସମସ୍ତେ ଅପେକ୍ଷା କରିଛନ୍ତି । ସମସ୍ତେ ସଲମାନଙ୍କୁ ବର ବେଶରେ ଦେଖିବାକୁ ଚାହୁଁଛନ୍ତି । ଏହାରି ମଧ୍ୟରେ ସୋସିଆଲ ମିଡିଆରେ କିଛି ଫଟୋ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ସଲମାନ ଖାନ୍ ଓ ସୋନାକ୍ଷୀ ସିହ୍ନା ବର-କନ୍ୟା ବେଶରେ ନଜର ଆସିଛନ୍ତି ।ଏହି ଫଟୋକୁ ଦେଖି ଅନେକ ଫ୍ୟାନ୍ସ ସଲମାନ ଓ ସୋନାକ୍ଷୀଙ୍କୁ ଶୁଭେଚ୍ଛା ଜଣାଇବାରେ ଲାଗିଛନ୍ତି । ଫଟୋରେ ସଲମାନ ସୋନାକ୍ଷୀଙ୍କୁ ନିର୍ବନ୍ଧର ମୁଦି ପିନ୍ଧାଉଥିବାର ନଜର ଆସିଛନ୍ତି । ଅବଶ୍ୟ ସଲମାନ ଓ ସୋନାକ୍ଷୀ ନିର୍ବନ୍ଧର ଏହି ଫଟୋଟି ଅସଲି ନୁହେଁ । ଏହି ଫଟୋକୁ କୌଣସି ଏକ ପ୍ରଶଂସକ ଏଡିଟ କରିଛନ୍ତି । ତେବେ ଶତ୍ରୁଘ୍ନ ସିହ୍ନାଙ୍କ ଝିଅ ସୋନାକ୍ଷୀ ପୂର୍ବରୁ ସଲମାନ ଖାନଙ୍କ ସାନଭାଇ ସୋହେଲ ଖାନଙ୍କ ଶଳା ବଣ୍ଟି ସଚ୍ଚଦେବଙ୍କ ସହ ଡେଟିଂ କରିଥିଲେ । କିନ୍ତୁ ଏବେ ତାଙ୍କର ବ୍ରେକଅପ୍ ହୋଇସାରିଛି । କିଛି ଦିନ ପୂର୍ବେ ସୋନାକ୍ଷୀ ସିହ୍ନା ଅଭିନେତା ଜାହିର ଇକବାଲଙ୍କ ସହ ନିଜର ଏକ ଫଟୋ ସେୟାର କରିଥିଲେ ।



# ମୋ ସରକାରକୁ ବଦନାମ କରିବାକୁ ବିରୋଧୀ ଅପପ୍ରଚାର କରୁଛନ୍ତି : ନବୀନ



## ଦଳର କର୍ମୀମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ ବିରୋଧୀଙ୍କୁ କଡ଼ା ଜବାବ ଦିଅ

ଭୁବନେଶ୍ୱର ,(ସଂଦେଶ ବ୍ୟୁରୋ): ପଞ୍ଚାୟତ ନିର୍ବାଚ଼ନରେ ବିରୋଧୀ ଦଳ ଅପପ୍ରଚ଼ାର କରିଛନ୍ତି। ମୋ ସରକାରକୁ ବଦନାମ କରିବା ପାଇଁ ମିଛ କାହାଣୀ କହିଛନ୍ତି। ନକରାତ୍ମକ ରାଜନୀତି କରିଛନ୍ତି। କିନ୍ତୁ ଓଡିଶାବସୀ ସେମାନଙ୍କ କଥାକୁ ଗୁରୁତ୍ୱ ଦେଇ ନାହାନ୍ତି। ଆଗକୁ ମଧ ଏମିତି ନକରାତ୍ମକ ରାଜନୀତିକୁ ଗ୍ରହଣ କରିବେ ନାହିଁ। ବିରୋଧୀ ଦଳଗୁଡିକୁ ଏମିତି ଢଙ୍ଗରେ କଡା ଭାଷାରେ ସମାଲୋଚ଼ନା କରିଛନ୍ତି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମିଛ ଓ ଛଳନାର ରାଜନୀତି ଓଡିଶାରେ କାମ କରିବ ନାହିଁ ବୋଲି ପୌର ନିର୍ବାଚ଼ନରେ ପୁଣି ଦେଖାଇଦେବାକୁ ଦଳର କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି ନବୀନ।

ପଞ୍ଚାୟତ ନିର୍ବାଚ଼ନର ସଫଳତା ପରେ ପୌର ନିର୍ବାଚ଼ନ ପାଇଁ ବିଜେଡି ଜୋର୍‌ଦାର ପ୍ରସ୍ତୁତି ଆରମ୍ଭ କରିଦେଇଛି। ନିକଟରେ ଭର୍ଚୁଆଲ୍ ପ୍ଲାଟ୍‌ଫର୍ମରେ ନବୀନ ସବୁ ସାଂସଦ, ବିଧାୟକ, ଜିଲ୍ଲା ସଭାପତି ଓ ପର୍ଯ୍ୟବେକ୍ଷକମାନଙ୍କ ସହ କଥା ହୋଇଥିଲେ। ପେୟର ନିର୍ବାଚ଼ନ ବେଳେ ବିରୋଧୀଙ୍କ ଅପପ୍ରଚ଼ାର ପ୍ରତି ସତର୍କ ରହିବାକୁ ଦଳୀୟ ନେତାଙ୍କୁ ପରାମର୍ଶ ଦେଇଥିଲେ। ଲୋକଙ୍କ ଆଗରେ ବିରୋଧୀ ଦଳଙ୍କ ଅପପ୍ରଚ଼ାରର ମୁଖା ଖୋଲିବା ପାଇଁ କର୍ମୀମାନଙ୍କୁ ଦାୟିତ୍ୱ ଦେଇଥିଲେ ନବୀନ। ବିଜେଡିର ଆଦର୍ଶ ଓ ସହରାଞ୍ଚଳର ବିକାଶ କାର୍ଯ୍ୟ ସମ୍ପର୍କରେ ସୂଚ଼ନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମେ ସକରାତ୍ମକ ରାଜନୀତିରେ ବିଶ୍ୱାସ କରୁ। ସକରାତ୍ମକ ରାଜନୀତି, ହସ୍ତାନ୍ତୀକରଣ ସୁଶାସନ ଓ ଲୋକଙ୍କର ସଶକ୍ତୀକରଣ ହେଉଛି ଆମର ହଲ୍‌ମାର୍କ। ସହରାଞ୍ଚଳରେ ଅନେକ ଭଲ କାମ ହୋଇଛି। ସହରର ଗରିବ ଲୋକଙ୍କ ପାଇଁ ଜାଗା ମିସନ ଏକ ନୂଆ ବେଞ୍ଚମାର୍କ ସୃଷ୍ଟି କରିଛି। ଷ୍ଟ୍ରିଟ୍ ଲାଇଟ୍ ଠାରୁ ଆରମ୍ଭ କରି ଇନ୍‌ଡୋର ଷ୍ଟାଡିୟମ୍, ଭଲ ପିଇବା ପାଣି ଠାରୁ ଆରମ୍ଭ କରି ଆଧୁନିକ ବର୍ଜ୍ୟ ପରିଚ଼ାଳନା ବ୍ୟବସ୍ଥା, ମିସନ ଶକ୍ତିର ମା'ମାନଙ୍କ ପାଇଁ ରୋଜଗାରର ନୂଆ ନୂଆ ସୁଯୋଗ, ୱାର୍ଡ ସ୍ତରରେ ଭିତ୍ତିଭୂମି ଓ ନାଗରିକ ସୁବିଧା ଏବଂ ଅନ୍‌ଲାଇନରେ ମ୍ୟୁନିସପାଲ ସେବା। ନାଗରିକ ମାନଙ୍କର କଲ୍ୟାଣକୁ ଦୃଷ୍ଟିରେ ରଖି ଆମର ସବୁ କାର୍ଯ୍ୟକ୍ରମ ତିଆରି କରାଯାଇଛି। ବସ୍ତିବାସିନ୍ଦାଙ୍କ ଠାରୁ ଆରମ୍ଭ କରି ଆପାର୍ଟମେଣ୍ଟର ମାଲିକ, ମା'ମାନଙ୍କ ଠାରୁ ଆରମ୍ଭ କରି ଶିଶୁ ତଥା ଯୁବସମାଜ ସମସ୍ତଙ୍କ ସଶକ୍ତୀକରଣ ପାଇଁ ଆମେ ନିଷ୍ଠାର ସହ କାମ କରୁଛୁ। ଏହିସବୁ କାର୍ଯ୍ୟକ୍ରମକୁ ଆମକୁ ଲୋକଙ୍କ ପାଖକୁ ନେଇଯିବାକୁ ହେବ। ବିରୋଧୀ ଦଳଙ୍କର ମିଛ ତଥା ନକରାତ୍ମକ ରାଜନୀତିକୁ ଆମର ସକରାତ୍ମକ ତଥା ସତ୍ ଉଦ୍ୟମ ଜରିଆରେ ହିଁ ମୁକାବିଲା କରିବାକୁ ପଡିବ। ମୋର ପୂରା ବିଶ୍ୱାସ, ଏହି ପଞ୍ଚାୟତ ନିର୍ବାଚ଼ନରେ ଆପଣମାନେ ଯେପରି କଠିନ ପରିଶ୍ରମ କରିଥିଲେ, ପୌର ନିର୍ବାଚ଼ନରେ ମଧ ସେହିପରି ଉଦ୍ୟମ ଜାରି ରଖିବେ। ଆମେ ପୁଣି ଥରେ ଲୋକଙ୍କ ଆସ୍ଥା ଓ ଆଶୀର୍ବାଦ ଲାଭ କରିପାରିବା।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଗତ ପଞ୍ଚାୟତ ନିର୍ବାଚ଼ନରେ ଦଳର ବିପୁଳ ସଫଳତା ପାଇଁ ଓଡ଼ିଶାବାସୀ ତଥା ଦଳର କର୍ମୀଙ୍କୁ ଧନ୍ୟବାଦ ଜଣାଇଥିଲେ। ସେ କହିଥିଲେ ଯେ, ପଞ୍ଚାୟତ ନିର୍ବାଚ଼ନରେ, ଆମର ଏହି ସଫଳତା ଅସାଧାରଣ ଓ ଅଭୂତପୂର୍ବ। ଓଡିଶାବାସୀ ପୁଣିଥରେ ଆମ କାମ ଉପରେ ଆସ୍ଥା ପ୍ରକାଶ କରିଛନ୍ତି। ଏହି ବିଜୟ ଗଣତାନ୍ତ୍ରିକ ନିର୍ବାଚ଼ନରେ ନୂଆ ରେକର୍ଡ ସୃଷ୍ଟି କରିଛି। ପଶ୍ଚିମରୁ ଉପକୂଳ, ଉତ୍ତରରୁ ଦକ୍ଷିଣ, ଓଡିଶାର ସବୁ ଅଞ୍ଚଳର ଜନସାଧାରଣ ଏହି ନିର୍ବାଚ଼ନରେ ସମାନ ଭାବରେ ବିଜୁ ଜନତା ଦଳକୁ ଆଶୀର୍ବାଦ କରିଛନ୍ତି। ଏହି ଆଶୀର୍ବାଦ ଓ ସ୍ନେହ ଆମକୁ ଆହୁରି କଠିନ ପରିଶ୍ରମ କରିବାକୁ ପ୍ରେରଣା ଦେଉଛି। ଆମର କର୍ମୀ ଓ ଶୁଭେଚ୍ଛୁମାନେ ରାତିଦିନ କାମ କରି ନିଜର ସବୁ ସୁଖ ସୁବିଧା ତ୍ୟାଗ କରି ଆମ ସରକାରଙ୍କ ନୀତି ଓ କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ପହଞ୍ଚାଉଛନ୍ତି। ଶେଷରେ ଗଣତନ୍ତ୍ରରେ ଲୋକଙ୍କ ସ୍ୱର ହିଁ ଶ୍ରେଷ୍ଠ। ରାଜ୍ୟର ସବୁ ପଞ୍ଚାୟତରେ ଜନମତ ଅତ୍ୟନ୍ତ ସ୍ୱଷ୍ଟ ହୋଇଛି। ବିଜୁ ଜନତା ଦଳ ଓଡିଶାବାସୀଙ୍କର ଏହି ମତକୁ ନମ୍ରତାର ସହ ଗ୍ରହଣ କରିଛି। ଆମେ ଆମର ଭଲ କାମ ଜାରି ରଖିବୁ।

ଏକଥା ବି ନବୀନ ଚେତାଇ ଦେଇଥିଲେ ଯେ, ରାଜନୀତିର ଅର୍ଥ କେବଳ କ୍ଷମତା ନୁହେଁ। ଗୋଟିଏ ଗଣତନ୍ତ୍ରରେ ଲୋକମାନେ ହିଁ ହେଉଛନ୍ତି କ୍ଷମତାର ସ୍ରୋତ।

# ରାଜ୍ୟପାଳଙ୍କ ଦ୍ୱାରା 'ସତ୍‌ମାର୍ଗ' ପୁସ୍ତକ ଉନ୍ମୋଚିତ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଶ୍ରୀ ଲକ୍ଷ୍ମୀଧର ପଲାଇ, କଳିଙ୍ଗବିହାର, ଭୁବନେଶ୍ୱରଙ୍କ ଦ୍ୱାରା ରଚିତ 'ସତ୍‌ମାର୍ଗ' ପୁସ୍ତକଟି ମହାମହିମ ରାଜ୍ୟପାଳ, ପ୍ରଫେସର ଗଣେଶୀ ଲାଲ ମହୋଦୟଙ୍କ ଦ୍ୱାରା ରାଜଭବନରେ ଉନ୍ମୋଚିତ ହୋଇଯାଇଛି। ପୁସ୍ତକଟିର ପ୍ରସଙ୍ଗଗୁଡ଼ିକ ବେଦ, ଶ୍ରୀମଦ୍ ଭଗବଦ୍ ଗୀତା, ଶ୍ରୀମଦ୍ ଭାଗତ, ଭାରତୀୟ ଦର୍ଶନ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ଧର୍ମଗ୍ରନ୍ଥ ଉପରେ ପର୍ଯ୍ୟବେସିତ ଯାହା ଆଧ୍ୟାତ୍ମିକ ପ୍ରେରଣା ତଥା ଫଳପ୍ରଦ ଜୀବନଚର୍ଯ୍ୟା ଦିଗରେ ସହାୟକ ହୋଇପାରିବ। ଆଧ୍ୟାତ୍ମିକ ପ୍ରସଙ୍ଗ ଉପରେ ଆଧାରିତ, ଉକ୍ତ 'ସତ୍‌ମାର୍ଗ' ପୁସ୍ତକଟି ଜନକଲ୍ୟାଣ ଲାଗି ପରମେଶ୍ୱରଙ୍କୁ ଲେଖକଙ୍କ ପ୍ରଥମ ଭକ୍ତି ଅର୍ଘ୍ୟ।

# ବିଜେପିର ଭୁବନେଶ୍ୱର ମେୟର ପ୍ରାର୍ଥୀନୀ ଡ.ସୁନୀତି ମୁଣ୍ଡ୍




ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ଭାରତୀୟ ଜନତା ପାର୍ଟି ତରଫରୁ ଆଜି ଭୁବନେଶ୍ୱର ମହାନଗର ନିଗମ (ବିଏମସି) ମେୟର ପ୍ରାର୍ଥୀ ଭାବେ ଡ. ସୁନୀତି ମୁଣ୍ଡ୍‌ଙ୍କ ନାମ ଘୋଷଣା କରାଯାଇଛି। ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତିଙ୍କ ଅନୁମୋଦନ କ୍ରମେ ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡଙ୍ଗୀ ସାମ୍ବାଦିକ ସମ୍ମିଳନୀ ଜରିଆରେ ଡ.ମୁଣ୍ଡଙ୍କ ନାମ ଘୋଷଣା କରିଛନ୍ତି।

ଆସନ୍ତା ମାର୍ଚ୍ଚ ୨୪ ତାରିଖରେ ଭୁବନେଶ୍ୱର ମହାନଗର ନିଗମ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ପ୍ରଥମ ଥର ପାଇଁ ଭୋଟରମାନେ ପ୍ରତ୍ୟକ୍ଷ ଭାବେ ମେୟରଙ୍କୁ ନିର୍ବାଚିତ କରିବେ। ସାହିତ୍ୟ ଏବଂ ସାମ୍ବାଦିକତା କ୍ଷେତ୍ରରୁ ପାର୍ଟିର ମେୟର ପ୍ରାର୍ଥୀନୀ ହୋଇଥିବା ଉଚ୍ଚଶିକ୍ଷିତା ଡ.ମୁଣ୍ଡ୍ ସମାଜସେବା ପ୍ରତି ଆକୃଷ୍ଟ ହେବା ପରେ ବର୍ତ୍ତମାନ ପ୍ରତ୍ୟକ୍ଷ ରାଜନୀତିକୁ ଆସିଛନ୍ତି। ଡ.ସୁନୀତି ମୁଣ୍ଡ୍ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଓଡିଆରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ ସାମ୍ବାଦିକତା କ୍ଷେତ୍ର ପ୍ରତି ଆକୃଷ୍ଟ ହୋଇ କିଛି ଦିନ ସାମ୍ବାଦିକ ଭାବେ କାର୍ଯ୍ୟ କରିଥିଲେ।

# ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୬ତମ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଇତି ଅବସରରେ ଓଡ଼ିଶାର ମହାନ ଜନନାୟକ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୬ତମ ଜୟନ୍ତୀ ଅବସରରେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବିଭାଗୀୟ ସମ୍ମିଳନୀ କକ୍ଷଠାରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସ୍ୱର୍ଗତ ବିଜୁ ପଟ୍ଟନାୟକ ଥିଲେ ଓଡିଶାର ସ୍ୱାର୍ଥ ଓ ସ୍ୱାଭିମାନର ପ୍ରତୀକ, ଜଣେ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ। ଓଡ଼ିଶା ଏବଂ ଓଡ଼ିଆଙ୍କ ଉନ୍ନତି ପାଇଁ ଦିନରାତି ସ୍ୱପ୍ନ ଦେଖୁଥିବା ଏକ ମଣିଷ ବିଜୟାନନ୍ଦ ପଟ୍ଟନାୟକ ଥିଲେ ଜଣେ ଦୁର୍ଦ୍ଧର୍ଷ ସ୍ୱାଧୀନତା ସଂଗ୍ରାମୀ, ସ୍ୱାଭିମାନୀ ଓ ଦୂରଦ୍ରଷ୍ଟା ରାଜନୀତିଜ୍ଞ, ଆଧୁନିକ ଓଡିଶାର ଅନ୍ୟତମ ନିର୍ମାତା, ଦୁଃସାହସୀ ବୈମାନିକ ଓ ଇଣ୍ଡୋନେସିଆର ଭୂମିପୁତ୍ର। ବିଜ୍ଞାନର ପ୍ରସାର ପାଇଁ ୧୯୫୧ରେ ସେ ଜାତିସଂଘର ଶିକ୍ଷା, ବିଜ୍ଞାନ ଓ ସଂସ୍କୃତି ସଂସ୍ଥା ମାଧ୍ୟମରେ 'କଳିଙ୍ଗ ପୁରସ୍କାର' ସ୍ଥାପନ କରିଥିଲେ। ତାଙ୍କର କାର୍ଯ୍ୟକଳାପ ଥିଲା ବ୍ୟାପକ ଏବଂ ସେ ଆଜୀବନ ସ୍ପଷ୍ଟବାଦୀ ଥିଲେ। ନିଜର ଅଦମ୍ୟ ଦୁଃସାହସ ପାଇଁ ସେ ଈର୍ଷଣୀୟ ବିଶ୍ୱସ୍ତରୀୟ ପ୍ରସିଦ୍ଧି ହାସଲ କରିଥିଲେ। ସେ ଦୁଇଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରିଥିଲେ। ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବ। ନବଉତ୍କଳର ଏହି ବିନ୍ଧାଣୀଙ୍କ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଚିରକାଳ ପାଇଁ ଓଡ଼ିଆ ଜାତିର ପ୍ରେରଣାର ଉତ୍ସ ହୋଇ ରହିଥିବ। ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ଇନ୍ଦ୍ରମଣି ତ୍ରିପାଠୀ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦକ ଡ. ଲେନିନ୍ ମହାନ୍ତି ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ସୁରେନ୍ଦ୍ରନାଥ ପରିଡା, ଯୁଗ୍ମ ସଚିବ ବିଷ୍ଣୁପ୍ରିୟା ସାହୁ, ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ମାନସ ରଂଜନ ଖୁଂଟିଆ, ମାନସ ବିଶ୍ୱାଳଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ୩ଟି ମହାନଗର ପାଇଁ ବିଜେଡିର ମେୟର ପ୍ରାର୍ଥୀ ଘୋଷଣା







ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ସବୁ କଳ୍ପନାଜଳ୍ପନାର ଅନ୍ତ ଘଟାଇ ତିନୋଟି ମହାନଗର ନିଗମ ପାଇଁ ମେୟର ପ୍ରାର୍ଥୀ ଘୋଷଣା କଲା ବିଜେଡି । ବରିଷ୍ଠ ବିଜେଡି ନେତ୍ରୀ ସୁଲୋଚ଼ନା ଦାସଙ୍କୁ ଭୁବନେଶ୍ୱର ମହାନଗର ନିଗମର ମେୟର ପ୍ରାର୍ଥୀ ଭାବେ ଘୋଷଣା କରିଛି ବିଜୁ ଜନତା ଦଳ । ଏହା ସହ କଟକ ପାଇଁ ସାଂସଦ ସୁବାସ ସିଂହଙ୍କ ନାମ ଘୋଷଣା କରିଥିବା ବେଳେ ବ୍ରହ୍ମପୁର ମହାନଗର ନିଗମ ପାଇଁ ସଂଘମିତ୍ରା ଦଳେଇଙ୍କ ନାମ ଘୋଷଣା କରିଛି ଦଳ । ରାଜଧାନୀ ପାଇଁ ମେୟର ପ୍ରାର୍ଥୀ ହୋଇଥିବା ସୁଲୋଚ଼ନା ଦାସ ବର୍ତ୍ତମାନ ରାଜ୍ୟ ଭିନ୍ନକ୍ଷମ କମିଶନର ଭାବେ ଏବେ ଦାୟିତ୍ୱ ତୁଲାଉଛନ୍ତି ।

ସେହିପରି ଗତକାଲି କଂଗ୍ରେସ ନିଜର ମେୟର ପ୍ରାର୍ଥୀଙ୍କ ଘୋଷଣା କରିଛି । ଭୁବନେଶ୍ୱର ମହାନଗର ନିଗମ (ବିଏମସି) ମେୟର ପଦବୀ ପାଇଁ କଂଗ୍ରେସର ପ୍ରାର୍ଥୀ ହୋଇଛନ୍ତି ମଧୁସ୍ମିତା ଆଚ଼ାର୍ଯ୍ୟ ।ସୂଚ଼ନାଯୋଗ୍ୟ ଯେ, ମାର୍ଚ୍ଚ ୨ ତାରିଖରୁ ପୌର ନିର୍ବାଚ଼ନ ପାଇଁ ନାମାଙ୍କନ ଦାଖଲ ଆରମ୍ଭ ହୋଇଥିବା ବେଳେ ଏହା ୭ ତାରିଖ ଯାଏ ଚ଼ାଲିବ । ୯ ତାରିଖରେ ନାମାଙ୍କନ ପତ୍ରଯାଞ୍ଚ ହେବ । ସେହିପରି ମାର୍ଚ୍ଚ ୨୪ରେ ପୌର ନିର୍ବାଚ଼ନ ହେବ ଏବଂ ୨୬ରେ ଫଳାଫଳ ପ୍ରକାଶ ପାଇବ ।

# ଷ୍ଟ୍ରଙ୍ଗରୁମ୍ ସ୍ଥାପନ ବେଳେ ଏସ୍‌ଓପି ପ୍ରତି ସର୍ବାଧିକ ଗୁରୁତ୍ୱ ଦେଲେ ନିର୍ବାଚନ କମିଶନ




ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ରାଜ୍ୟର ପୌରସଂସ୍ଥାଗୁଡିକରେ ହେବାକୁ ଥିବା ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଭୋଟଗ୍ରହଣ ପରେ ଇଭିଏମ୍‌ଗୁଡିକୁ ସୁରକ୍ଷିତ ଭାବେ ରଖିବା ନିମନ୍ତେ ଷ୍ଟ୍ରଙ୍ଗରୁମ୍ ସ୍ଥାପନ, ନିର୍ବାଚନ ସମୟରେ ଓ ଭୋଟଗ୍ରହଣ ପରେ ଗଣତି ପାଇଁ ନିର୍ବାଚନ ସାମଗ୍ରୀ ରଖିବା ପାଇଁ ଷ୍ଟ୍ରଙ୍ଗରୁମ୍ ଖୋଲିବା ଓ ବନ୍ଦ କରିବା ପାଇଁ ରାଜ୍ୟ ନିର୍ବାଚନ କମିଶନ କେତେକ ମାନକ କାର୍ଯ୍ୟପଦ୍ଧତି ବା ଏସ୍‌ଓପି (Standard Operating Procedure) ସ୍ଥିର କରିଛନ୍ତି। ଏହାକୁ ସମସ୍ତ ନିର୍ବାଚନ ଅଧିକାରୀ ସଠିକ୍ ଭାବେ ପାଳନ କରିବାକୁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ପ୍ରତ୍ୟେକ ପୌରପରିଷଦ ତିନି ପ୍ରକାରର ଷ୍ଟ୍ରଙ୍ଗରୁମ୍ ସ୍ଥାପନ କରିବେ। ଯଥା କାଉନସିଲର/କର୍ପୋରେଟର ପଦବୀ ନିମନ୍ତେ ନିର୍ବାଚନରେ ବ୍ୟବହୃତ ହୋଇଥିବା ଇଭିଏମ୍ ରଖିବା ପାଇଁ ଗୋଟିଏ ଷ୍ଟ୍ରଙ୍ଗରୁମ୍, ଅଧକ୍ଷ / ମେୟର ପଦବୀ ନିମନ୍ତେ ନିର୍ବାଚନରେ ବ୍ୟବହୃତ ହୋଇଥିବା ଇଭିଏମ୍ ରଖିବା ପାଇଁ ଗୋଟିଏ ଏବଂ ସଂରକ୍ଷିତ ଇଭିଏମ୍ ରଖିବା ନିମନ୍ତେ ଅନ୍ୟ ଗୋଟିଏ, ଏହି ପରି ତିନିଗୋଟି ଷ୍ଟ୍ରଙ୍ଗରୁମ୍ ସ୍ଥାପନ କରାଯିବ। ଯଦି ଗୋଟିଏ ପ୍ରକାରର ଷ୍ଟ୍ରଙ୍ଗରୁମ୍‌ରେ ସମସ୍ତ ଇଭିଏମ୍‌କୁ ରଖିବା ପାଇଁ ସ୍ଥାନ ଅଭାବ ଦେଖାଯାଏ, ତାହେଲେ ପାଖରେ ଥିବା ଅନ୍ୟ ଏକ ଷ୍ଟ୍ରଙ୍ଗରୁମ୍‌ରେ ଇଭିଏମ୍‌ଗୁଡିକୁ ରଖାଯିବ ଓ ସେହି ଷ୍ଟ୍ରଙ୍ଗରୁମ୍‌ର ପ୍ରବେଶ ଦ୍ୱାରରେ ସଠିକ ଭାବେ ଚିହ୍ନଟ କରାଯିବ। ପ୍ରତ୍ୟେକ ଷ୍ଟ୍ରଙ୍ଗରୁମ୍‌କୁ ଯିବାଆସିବା ପାଇଁ ଗୋଟିଏ ମାତ୍ର ଦ୍ୱାର ବା ପ୍ରବେଶ ପଥ ରହିବ। ଯଦି ଷ୍ଟ୍ରଙ୍ଗରୁମ୍‌ରେ ପୂର୍ବରୁ ଝରକା କିମ୍ବା ଅନ୍ୟ ଏକ ଦ୍ୱାର ଥାଏ, ତାହାହେଲେ ସେଗୁଡିକୁ ଇଟା ଦ୍ୱାରା ସଠିକ୍ ଭାବେ ସିଲ୍ କରିଦିଆଯିବ। ଷ୍ଟ୍ରଙ୍ଗରୁମ୍ ଭିତରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇ ଷ୍ଟ୍ରଙ୍ଗରୁମ୍ ବାହାରେ ମେନସୁଇଚ୍ ଲଗାଯିବ। ଷ୍ଟ୍ରଙ୍ଗରୁମ୍ ଭିତର ସମ୍ପୂର୍ଣ୍ଣ ଭାବରେ ଶୃଙ୍ଖଳା ହୋଇଥିବା ସହ ଅନିଷ୍ଟକାରୀ କୀଟପତଙ୍ଗ କିମ୍ବା ମୂଷା ପ୍ରଭୃତି ଜୀବ ଷ୍ଟ୍ରଙ୍ଗରୁମ୍ ଭିତରେ ରହୁନଥିବେ। ସନ୍ତସନ୍ତିଆ/ଜଳ ଜମୁଥିବା ସ୍ଥାନ/ଦୁର୍ବଳ କାନ୍ଥ ଥିବା ଘର/ଘରେ ପାଣି ଗଳୁନଥିବା ଓ ଭଙ୍ଗା ଝରକା ଇତ୍ୟାଦିରୁ ଷ୍ଟ୍ରଙ୍ଗରୁମ୍ ସମ୍ପୂର୍ଣ୍ଣ ଭାବେ ମୁକ୍ତ ହୋଇଥିବା ଆବଶ୍ୟକ। ଷ୍ଟ୍ରଙ୍ଗରୁମ୍ ଭିତରକୁ ପବନ ଚଳାଚଳ ନିମନ୍ତେ ଦରକାର ହେଲେ ପବନ ଟାଣିବା ପଙ୍ଖା ଷ୍ଟ୍ରଙ୍ଗରୁମ୍‌ର ସାମନାପଟ୍ ଉପରକୁ ଲାଗିଯାଇପାରେ।

# ଡ. ସବିତା ସୁଆର ବିଜେପିର ବ୍ରହ୍ମପୁର ମେୟର ପ୍ରାର୍ଥୀନୀ



ବ୍ରହ୍ମପୁର, (ସଂଦେଶ ବ୍ୟୁରୋ): ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତିଙ୍କ ଅନୁମୋଦନ କ୍ରମେ ଭାରତୀୟ ଜନତା ପାର୍ଟି ତରଫରୁ ଆଜି ବ୍ରହ୍ମପୁର ମହାନଗର ନିଗମ (ବିଏମସି) ମେୟର ପ୍ରାର୍ଥୀ ଭାବେ ଡ. ସବିତା ସୁଆରଙ୍କ ନାମ ଘୋଷଣା କରାଯାଇଛି ବୋଲି ରାଜ୍ୟ ଉପସଭାପତି ଶ୍ରୀ ଭୃଗୁ ବକ୍ସିପାତ୍ର ସୂଚନା ଦେଇଛନ୍ତି। ଆସନ୍ତା ମାର୍ଚ୍ଚ ୨୪ ତାରିଖରେ ବ୍ରହ୍ମପୁର ମହାନଗର ନିଗମ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ପ୍ରଥମ ଥର ପାଇଁ ଭୋଟରମାନେ ପ୍ରତ୍ୟକ୍ଷ ଭାବେ ମେୟରଙ୍କୁ ନିର୍ବାଚିତ କରିବେ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ କାର୍ଯ୍ୟଶୈଳୀ ତାଙ୍କୁ ବେଶ୍ ପ୍ରଭାବିତ କରିଛି। ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ତାଙ୍କ ପ୍ରତି ଆସ୍ଥା ପ୍ରକଟ କରି ବ୍ରହ୍ମପୁର ମହାନଗର ନିଗମର ମେୟର ପ୍ରାର୍ଥୀ ଭାବେ ଚୟନ କରିଥିବାରୁ ଡ.ସବିତା ସୁଆର ଦଳକୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# କଂଗ୍ରେସର ବିଏମସି ମେୟର ପ୍ରାର୍ଥୀନୀ ମଧୁସ୍ମିତା ଆଚାର୍ଯ୍ୟ



ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ମଧୁସ୍ମିତା ଆଚାର୍ଯ୍ୟ ଭୁବନେଶ୍ୱର ମହାନଗର ନିର୍ବାଚନ ପାଇଁ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ହେବେ। କଂଗ୍ରେସ ଦଳ ପକ୍ଷରୁ ଏ ନେଇ ଘୋଷଣା କରାଯାଇଛି । ବିଧାୟକ ତଥା ବରିଷ୍ଠ ନେତା ସୁର ରାଉତରାୟ ଏହି ଘୋଷଣା କରିଛନ୍ତି । କଂଗ୍ରେସ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ମଧୁସ୍ମିତା ଜଣେ ଉଚ୍ଚଶିକ୍ଷିତା, ଯୁବ ଉଦ୍ୟୋଗୀ, କ୍ରୀଡ଼ାବିତ୍, ଓଡ଼ିଶୀ ନୃତ୍ୟ ଶିଳ୍ପୀ। କଲେଜ ଜୀବନରେ ମଧ ରାଜନୀତିରେ ଜଡିତ ଥିଲେ। ସେ ଧର୍ମଶାଳାର ପୂର୍ବତନ କଂଗ୍ରେସ ବିଧାୟକ କାଙ୍ଗାଳୀ ପଣ୍ଡାଙ୍କ ବୋହୂ। କାଙ୍ଗାଳୀ ପଣ୍ଡା ନିର୍ବାଚନ ଲଢ଼ିବା ସମୟରେ ମଧୁସ୍ମିତା ନିର୍ବାଚନ ପରିଚାଳନାରେ ସହାୟତା କରୁଥିଲେ।

# ବିଜେପି ପାଇଁ କଟକର ମେୟର ପ୍ରାର୍ଥୀ ହେଲେ ଶ୍ରୀତମ୍



କଟକ,(ସଂଦେଶ ବ୍ୟୁରୋ): ରାଜ୍ୟରେ ପଞ୍ଚାୟତ ନିର୍ବାଚ଼ନ ସରିବା ପରେ ପରେ ପୌର ନିର୍ବାଚ଼ନକୁ ନେଇ ପ୍ରସ୍ତୁତି ଆରମ୍ଭ ହୋଇସାରିଛି । କଂଗ୍ରେସ ଓ ବିଜେଡି ପକ୍ଷରୁ ମେୟର ପ୍ରାର୍ଥୀଙ୍କ ନାଁ ଘୋଷଣା ପରେ ଏବେ ବିଜେପି କରିଛି ପ୍ରାର୍ଥୀ ଘୋଷଣା । ଗତକାଲି ଭୁବନେଶ୍ୱର ପାଇଁ ମେୟର ପ୍ରାର୍ଥୀ ଘୋଷଣା କରିବା ପରେ ଆଜି କଟକ ପାଇଁ ମେୟର ପ୍ରାର୍ଥୀ ଘୋଷଣା କରିଛି ବିଜେପି । ଅଭିନେତା ଶ୍ରୀତମ ଦାସ ବିଜେପିର କଟକ ମେୟର ପ୍ରାର୍ଥୀ ହୋଇଛନ୍ତି । ଶ୍ରୀତମ ଦାସଙ୍କ ନାଁ ଘୋଷଣା କରିଛନ୍ତି କଟକ ନଗର ବିଜେପି ସଭାପତି । ଅନ୍ୟପଟେ ଡକ୍ଟର ସୁନୀତି ମୁଣ୍ଡଙ୍କୁ ଭୁବନେଶ୍ୱର ମେୟର ପ୍ରାର୍ଥୀ କରିଛି ବିଜେପି । ଏନେଇ ଗତକାଲି ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଘୋଷଣା କରିଛନ୍ତି । ଜଣେ ଲେଖିକା ଭାବେ ସୁନୀତି ସ୍ୱତନ୍ତ୍ର ପରିଚ଼ୟ ସୃଷ୍ଟି କରିଛନ୍ତି । ସେ ସମ୍ବଲପୁର ୟୁନିଭର୍ସିଟିରୁ ଓଡିଆରେ ସ୍ନାତକୋତ୍ତର ହାସଲ କରିଛନ୍ତି ।

ଅନ୍ୟପଟେ ଗତକାଲି ୩ ଟି ମହାନଗର ପାଇଁ ମେୟର ପ୍ରାର୍ଥୀ ଘୋଷଣା କରିଛି ବିଜେଡି ।

# ଶ୍ରୀଧର ପାତ୍ର 'ସିଆଇଆଇ ଓଡିଶା'ର ନୂଆ ଅଧକ୍ଷ, ଶଶିଶେଖର ଉପାଧକ୍ଷ





ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ନାଲ୍‌କୋର ସିଏମ୍‌ଡି ଶ୍ରୀଧର ପାତ୍ରଙ୍କୁ ୨୦୨୨-୨୩ ପାଇଁ ସିଆଇଆଇ ଓଡିଶା ରାଜ୍ୟ ପରିଷଦର ନୂଆ ଅଧକ୍ଷ ଭାବେ ନିର୍ବାଚ଼ିତ କରାଯାଇଛି। ଭୁବନେଶ୍ୱରରେ ଅନୁଷ୍ଠିତ ପୁନର୍ଗଠିତ ପରିଷଦର ପ୍ରଥମ ବୈଠକରେ ଶ୍ରୀ ପାତ୍ରଙ୍କ ନାମ ଘୋଷଣା କରାଯାଇଛି। ଏସାର ମିନ୍‌ମେଟ୍ ଲିମିଟେଡ୍‌ର ସିଇଓ ଓ ପରିଚ଼ାଳନା ନିର୍ଦ୍ଦେଶକ ଶଶିଶେଖର ମହାନ୍ତିଙ୍କୁ ଉପାଧକ୍ଷ ଭାବେ ନିର୍ବାଚ଼ିତ କରାଯାଇଛି।

ନାଲ୍‌କୋର ସିଏମ୍‌ଡି ଭାବେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ଶ୍ରୀ ପାତ୍ର କମ୍ପାନୀର ନିର୍ଦ୍ଦେଶକ (ଅର୍ଥ) ଭାବେ କାର୍ଯ୍ୟ କରୁଥିଲେ। କର୍ପୋରେଟ୍ ଆକାଉଣ୍ଟ୍ସ, ପ୍ରତ୍ୟକ୍ଷ ଓ ପରୋକ୍ଷ ଟିକସ ପରିଚ଼ାଳନା, ବଜେଟ୍ ନିୟନ୍ତ୍ରଣ, ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଓ ବ୍ୟବସାୟ ଯୋଜନା ଆଦି କ୍ଷେତ୍ରରେ ତାଙ୍କର ବିଶେଷ ଅଭିଜ୍ଞତା ରହିଛି। ସରଳ ଜୀବନଯାପନ ଓ ଉଚ୍ଚ ଭାବନା ଲାଗି ଶ୍ରୀ ପାତ୍ର ପରିଚ଼ିତ। ସେହିପରି, ଶଶିଶେଖରଙ୍କ ଇସ୍ପାତ ଶିଳ୍ପରେ କାର୍ଯ୍ୟ କରିବାର ୪୪ ବର୍ଷରୁ ଅଧିକ ସମୟର ଅଭିଜ୍ଞତା ରହିଛି।

Printed, Published , Owned by Puspanjali Das and Printed by her at Mayur Offset Printers, D1/1 Mancheswar Industrial Estate, Bhubaneswar,751010 and Published at EB-672, Badagada Brit Colony, Bhubaneswar - 751018, Dist - Khurda, Odisha, **City Office:** 3R-5(F), Paradip Colony, Unit-8, Bhubaneswar-751012,Ph - 0674-2564429, 8895182352(M), 6370382637, e-mail : odishasandesh.news@gmail.com

ସମ୍ପାଦକ: ଅଜୟ ଦାସ

Chief Editor : Harendra Kishor Das

Editor :Ajay Das